

ପଶ୍ଚିମବଙ୍ଗକୁ ପଶ୍ଚିମ ବାଂଲାଦେଶରେ ପରିଣତ ଲାଗି ଉଦ୍ୟମ ହେଉଛି
ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776

Vol. 33 | ISSUE 282 | ଭାଗ ୩୩ | ସଂଖ୍ୟା ୨୮୨ | Sunday 4 January 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୪ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ପୁଞ୍ଜିନିବେଶରେ ଓଡ଼ିଶା ଅନ୍ୟତମ ଡେଷ୍ଟିନେସନ

ନିବେଶକଙ୍କୁ ମୋହୁଛି ମୋହନଙ୍କ ଶିଳ୍ପ ନୀତି

ନିବେଶକଙ୍କୁ ଆକୃଷ୍ଟ କରିବାରେ ଦ୍ୱିତୀୟ ସ୍ଥାନରେ

ରାଜ୍ୟକୁ ଆସିଛି ୧୩.୧ ପ୍ରତିଶତ ନିବେଶ ପ୍ରସ୍ତାବ

ଇଜ ଅଫ ଡୁଇଙ୍ଗ ପାଇଁ ସହଜ ହୋଇଛି ଶିଳ୍ପାୟନ

ଭରସା, ପ୍ରୟାସ ଓ ସହଭାଗୀତା ସରକାରଙ୍କ ମନ୍ତ୍ର





ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ପୁଞ୍ଜିନିବେଶରେ ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ଆକର୍ଷଣର ରାଜ୍ୟ ପାଲଟିଛି। ୨୦୨୬ ଆର୍ଥିକ ବର୍ଷରେ ଦେଶକୁ ଆସିଥିବା ମୋଟ ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟରୁ ୧୩.୧ ପ୍ରତିଶତ ପ୍ରସ୍ତାବ ଓଡିଶାକୁ ଆସିଛି। ଏହାଦ୍ୱାରା ଓଡିଶା ନିବେଶକଙ୍କ ପାଇଁ ଦେଶର ଦ୍ୱିତୀୟ ଡେଷ୍ଟିନେସନ ହୋଇଛି।

ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାକୁ ନୂଆ ଦିଗଦର୍ଶନ ମିଳିଛି। ନିବେଶକଙ୍କ ପାଇଁ ଆକର୍ଷଣୀୟ ଶିଳ୍ପ ନୀତି ସହ ସରକାର ସବୁ ପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି। ବିଜେପି ସରକାର ଗଠନ ହେବା ପରଠାରୁ ମୁଖ୍ୟମନ୍ତ୍ରୀ ନିଜେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଆଦି ସହରରେ ରୋଡ୍ ଶୋ' ସହ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ନିବେଶକଙ୍କ ସହ ୱାନ୍ ଟୁ ୱାନ ଆଲୋଚନା କରିଥିଲେ।

ରାଜ୍ୟ ସରକାର ଏବେ ବୃହତ ଇସ୍ପାତ ଶିଳ୍ପ ଅପେକ୍ଷା, ଅଧିକ ରୋଜଗାର ସୃଷ୍ଟିକାରୀ ଏମଏସଏଇ ଶିଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ନିକଟରେ ରାଜ୍ୟରେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଘୋଷଣା କରିଛନ୍ତି ସରକାର। ନୂଆ ଶିଳ୍ପ ନୀତି ସାଙ୍ଗକୁ ଫାର୍ମା ପଲିସି, ଆପାରେଲ ପଲିସି, ସେମିକଣ୍ଡକ୍ଟର ନୀତି, ବୟନ ନୀତି ପାଇଁ ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ବୃଦ୍ଧି ପାଇଛି। ମୋଟ ଉପରେ କହିବାକୁ ଗଲେ ଶିଳ୍ପ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ମୂଳମନ୍ତ୍ର ହେଉଛି ଭରସା, ନିରନ୍ତର ପ୍ରୟାସ ଏବଂ ଦୀର୍ଘସ୍ଥାୟୀ ସହଭାଗୀତା। ଇଜ ଅଫ ଡୁଇଂ ବିଜନେସ ଜରିଆରେ ରାଜ୍ୟରେ ନିବେଶ ପ୍ରକ୍ରିୟାକୁ ସହଜ କରାଯାଇଛି।

ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି। ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ରାଉରକେଲା ଦ୍ଦପୃଷ୍ଠା-୬

ଓପିଏସ୍‌ସି ପରୀକ୍ଷା, ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ

ପ୍ରକାଶ ପାଇବ ୧୫୧ ପଦବୀ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ନିକଟରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା-୨୦୨୫ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏଥିରେ ଓଏଏସ୍, ଓଆର୍‌ଏସ୍ ଆଦି କେତେକ କ୍ୟାଡରରେ ଆଦୌ ପଦବୀ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ନେଇ ଖବର ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହିସବୁ ପଦବୀ ସମ୍ପର୍କରେ ସମୀକ୍ଷା କରି ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଫଳରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ରେ ୧୪ଟି, ଓଡ଼ିଶା ରାଜସ୍ୱ ସେବା (ଓଆର୍‌ଏସ୍)ରେ ୧୧୩ଟି, ଓଡ଼ିଶା ପରିବହନ ସେବା (ଓଟିଏସ୍)ରେ ୧୬ଟି ଓ ଓଡ଼ିଶା ମଙ୍ଗଳ ସେବା (ଓଡବ୍ଲ୍ୟୁଏସ୍)ରେ ୮ଟି ଏହିପରି ସର୍ବମୋଟ ୧୫୧ଟି ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ନିବେଦନ କରାଯାଇଛି। ଏହାଦ୍ୱାରା ଏହିସବୁ ପଦବୀ ପାଇଁ ଆଶାୟୀ ଥିବା ଅନେକ ଯୁବକଯୁବତୀ ପରୀକ୍ଷା ଦେଇ ନିଜ ଯୋଗ୍ୟତା ବଳରେ ସଫଳତା ହାସଲ କରିପାରିବେ। ଏନେଇ ଦ୍ଦପୃଷ୍ଠା-୬

ନୂଆବର୍ଷରେ ସୁରକ୍ଷାକର୍ମୀଙ୍କୁ ସଫଳତା

ପୃଥକ୍ ଏନ୍‌କାଉଣ୍ଟର୍‌ରେ ୧୪ ନକ୍ସଲ ନିହତ



କୋରାପୁଟ,୩।୧(ସଂଚାର ବ୍ୟୁରୋ): ନୂଆବର୍ଷ ଆରମ୍ଭରୁ ନକ୍ସଲଙ୍କ ବିରୋଧରେ ସୁରକ୍ଷାକର୍ମୀମାନଙ୍କୁ ସଫଳତା ମିଳିଛି। ଆଜି ଦୁଇଟି ପୃଥକ୍ ଏନ୍‌କାଉଣ୍ଟର୍‌ରେ ମୋଟ ୧୪ ଜଣ ନକ୍ସଲ ନିପାତ ହୋଇଛନ୍ତି। ଏହି ଦୁଇଟି ଏନ୍‌କାଉଣ୍ଟର୍ ଛତିଶଗଡ଼ ବସ୍ତରର ବିଜାପୁର ଓ ସୁକ୍‌ମା ଜିଲ୍ଲାରେ ଘଟିଛି। ଏନେଇ ଜନୈକ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ସୁକମା ଜିଲ୍ଲାରେ ହୋଇଥିବା ଏନ୍‌କାଉଣ୍ଟର୍‌ରେ ୧୨ ଜଣ ଓ ବିଜାପୁର ଜିଲ୍ଲାରେ ୨ ଜଣ ନକ୍ସଲ ନିପାତ ହୋଇଛନ୍ତି। ଗତକାଲି ରାତିରେ ବିଜାପୁର ଜିଲ୍ଲାର କିସ୍ତାରାମ ଥାନାଞ୍ଚଳର ପଲୋଡି ଓ ପୋଟକ୍‌ପାଲୀ ଅଞ୍ଚଳରେ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆର୍‌ଜି)ର ଏକ ଟିମ୍ ଏହି ନକ୍ସଲବିରୋଧୀ ଅପରେସନ ଆରମ୍ଭ କରିଥିଲେ। ଉକ୍ତ ଅଞ୍ଚଳରେ ମାଓ କ୍ୟାଡରଙ୍କ ଉପସ୍ଥିତି ନେଇ ସୂଚନା ଦ୍ଦପୃଷ୍ଠା-୬

ଅସ୍ତ୍ର ଛାଡ଼ିଲେ ୪୦ ମାଓବାଦୀ

- ହିଡମା ଘନିଷ୍ଠ ସହଯୋଗୀ ବି ସାମିଲ୍
- ମୁଣ୍ଡରେ ଥିଲା ୫୦ ଲକ୍ଷର ପୁରସ୍କାର

ମାଲକାନଗିରି, ୩।୧(ସଂଚାର ବ୍ୟୁରୋ): ସରି ସରି ଆସୁଛି ମାଓବାଦୀଙ୍କ ଡେଡ୍‌ଲାଇନ୍। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ମାଓ ମୁକ୍ତ ଭାରତ ଗଠନ ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବା ବେଳେ ବର୍ଷ ଆରମ୍ଭରୁ ମିଳିଲାଣି ସଫଳତା। ମାଓ ସଙ୍ଗଠନକୁ ଲଗିଛି ବଡ଼ ଝଟ୍‌କା। ଗୋଟିଏ ପଟେ ସୁରକ୍ଷାକର୍ମୀଙ୍କ ଗୁଳିରେ ମାଓବାଦୀ ଟଳୁଥିବା ବେଳେ ଅନ୍ୟପଟେ ମୁଖ୍ୟସ୍ରୋତକୁ ଫେରୁଛନ୍ତି ଦ୍ଦପୃଷ୍ଠା-୬

ଶ୍ରୀକ୍ଷେତ୍ରର ହେବ ମହାକଳେବର

- ବଢ଼ିବ ଭୁବନେଶ୍ୱର ଓ ବିଇଏମ୍‌ସି ପରିଧି!
- ବାସିନ୍ଦାଙ୍କ ମତାମତ ପରେ ଆଗେଇବ ପ୍ରକ୍ରିୟା



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ଗତ ବର୍ଷ ଅନ୍ତିମ ଭାଗରେ ଶ୍ରୀକ୍ଷେତ୍ର ପୁରୀକୁ ମହାନଗର ଭାବେ ରାଜ୍ୟ ସରକାର ଘୋଷଣା କରିବା ପରେ ଏବେ ଏହାର କଳେବର ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ଧାର୍ମିକ ସ୍ଥଳର ମହାକଳେବର କରିବା ସକାଶେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପୁରୀ ଆଖପାଖରେ ଥିବା ଅଞ୍ଚଳକୁ ମହାନଗର ନିଗମରେ ସାମିଲ କରାଯିବା ସହ ଏଠାରେ ଟିପି ସ୍କିମ୍ କାର୍ଯ୍ୟକାରୀ ହେବ। ଏଥିସହ ଏଠାରେ ବହୁମୁଖୀ ମାର୍କେଟ କମ୍ପ୍ଲେକ୍ସ, ପାର୍କ ଓ ପାର୍କିଂ ସ୍ଥାନ ଆଦି ନିର୍ମାଣ କରାଯିବ ବୋଲି ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଡାକ୍ତର ମହାପାତ୍ର କହିଛନ୍ତି ଯେ ଦ୍ଦପୃଷ୍ଠା-୬

ନାଗପୁର ଗସ୍ତରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ସ୍ୱାଭିମାନ ସହ ଆଗକୁ ବଢୁଛି ଭାରତ

- ଭୋନ୍ସଲା ମିଲିଟ୍ରି ସ୍କୁଲ ବାର୍ଷିକୋତ୍ସବରେ ଯୋଗଦେଲେ
- ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ
- ରାଷ୍ଟ୍ରୀୟ କ୍ୟାନ୍ସର ପ୍ରତିଷ୍ଠାନ ଓ ସ୍ମୃତି ମନ୍ଦିର ପରିଦର୍ଶନ



ନାଗପୁର,୩।୧(ସଂଚାର ବ୍ୟୁରୋ): 'ମାକାଉଲେ' ମାନସିକତାରୁ ବାହାରି ନିଜର ସଂସ୍କୃତି ଓ ସ୍ୱାଭିମାନକୁ ଆଗେଇ ନେବା ଦିଗରେ ଭାରତ ବେଶ୍ ଦ୍ରୁତ ଗତିରେ ଆଗେଇଚାଲିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଆଜି ତାଙ୍କ ନାଗପୁର ଗସ୍ତ ଅବସରରେ ବିଭିନ୍ନ ସାମାଜିକ, ଆଧ୍ୟାତ୍ମିକ ଓ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହି ମତାମତ ଦେଇଛନ୍ତି। ଏହି ଗସ୍ତକାଳରେ ଭୋନ୍ସଲା ମିଲିଟ୍ରି ସ୍କୁଲର ୨୭ତମ ବାର୍ଷିକୋତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ ମାନବ ସେବା ଓ ରାଷ୍ଟ୍ର ନିର୍ମାଣର ସଂକଳ୍ପକୁ ଦୋହରାଇଛନ୍ତି। ସେ କହିଛନ୍ତି ଯେ ଦେଶକୁ ଦୀର୍ଘ ସମୟ ପରାଧୀନ କରି ରଖିବା ଦ୍ଦପୃଷ୍ଠା-୬

ପ୍ରଦୂଷଣରେ ଦିଲ୍ଲୀକୁ ଟକ୍କର ଦେଉଛି ଓଡ଼ିଶା

ଅଣନିଃଶ୍ୱାସୀ କରୁଛି ସବୁଠୁ ପ୍ରଦୂଷିତ ତାଳଚେର

- ଦୁଇ ସହରରେ ଲାଗୁ ହେଲା ଗ୍ରାପ-୨ କଟକଣା
- ସନ୍ଧ୍ୟା ୬ରୁ ସକାଳ ୧୦ ମଧ୍ୟରେ ନିର୍ମାଣ କାମ ବନ୍ଦ
- କୋଇଲା ଜାଳିବା, ନିଆଁ ଲଗେଇବା ନିଷେଧ
- ୧୪ ଜିଲ୍ଲାକୁ ଜାରି ହୋଇଛି କୁହୁଡି କଟକଣା



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ପ୍ରଦୂଷଣରେ ଦେଶର ରାଜଧାନୀ ଦିଲ୍ଲୀ ସହ ପ୍ରତିଯୋଗିତା ଚଳାଇଛି ଓଡିଶା। ଲଗାତାର ଦୁଇ ଦିନ ହେଲା ଓଡ଼ିଶାର ତାଳଚେର ଓ ଅନୁଗୁଳ ସବୁଠୁ ଅଧିକ ପ୍ରଦୂଷିତ ସହର ପାଲଟିଛି। ସକାଳ ୮ଟା ସୁଦ୍ଧା ୩୦୦ରୁ ଅଧିକ ଏକ୍ୟୁଆଇ ସହ ବାୟୁର ମାନ ଅତି ଖରାପ ସ୍ତରରେ ଥିବା ଦେଶର ୫ ସହର ମଧ୍ୟରେ ରହିଛନ୍ତି ଓଡ଼ିଶାର ୪ଟି ସହର ରହିଛି। ତାଳଚେର ଦେଶର ସବୁଠୁ ଅଧିକ ପ୍ରଦୂଷିତ ସହର ହୋଇଥିବା ବେଳେ ଏଠାରେ ଏକ୍ୟୁଆଇ ୩୫୫ ରହିଛି। ଏହା ପରକୁ ୩୨୮ ଏକ୍ୟୁଆଇ ସହ ଅନୁଗୁଳ ଦ୍ୱିତୀୟରେ ରହିଛି। ୩୨୨ ଏକ୍ୟୁଆଇ ସହ ବାରିପଦା ତୃତୀୟ ପ୍ରଦୂଷିତ ସହର ପାଲଟିଛି। ରାଜଧାନୀ ଭୁବନେଶ୍ୱରରେ ଏକ୍ୟୁଆଇ ୩୦୩ ରହିଛି।

ଗତକାଲି ଦେଶର ୯ ପ୍ରଦୂଷିତ ସହର ମଧ୍ୟରେ ଥିଲା ଓଡ଼ିଶାର ୭ ସହର। ୩୮୦ ଏକ୍ୟୁଆଇ ସହ ଗତକାଲି ତାଳଚେର ଦେଶର ସବୁଠୁ ପ୍ରଦୂଷିତ ସହରର କୁଖ୍ୟାତି ଅର୍ଜିଥିବା ବେଳେ ୩୪୬ ଏକ୍ୟୁଆଇ ସହ ଅନୁଗୁଳ ଦେଶର ଦ୍ୱିତୀୟ ପ୍ରଦୂଷିତ ସହର ରହିଥିଲା। କେବଳ ବାୟୁ ନୁହେଁ, ଜଳ ପ୍ରଦୂଷଣରେ ବି ଅନୁଗୁଳ ଅନ୍ୟ ସବୁ ସହରକୁ ଟପିଛି। କଳାକାରଖାନାରୁ ନିର୍ଗତ ବିଷାକ୍ତ କେମିକାଲ ଯାଇ ମିଶୁଛି ଜିଲ୍ଲାର ବିଭିନ୍ନ ଜଳ ଉତ୍ସରେ। ଫଳସ୍ୱରୂପ କେଉଁଠି ପାଣିରେ ମାଛ ମରି ଭାସୁଛନ୍ତି ତ ଆଉ କେଉଁଠି ପୋଖରୀ ପାଣି ଉପରେ ଇଞ୍ଚେ ବହଳର କେମିକାଲମିଶା ଧୂଳି ଆସ୍ତରଣ ବସିଛି।

ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେଇଛନ୍ତି ଅନୁଗୁଳ ଓ ତାଳଚେର ଜିଲ୍ଲାପାଳ। ଲାଗୁ ହୋଇଛି ଗ୍ରାପ-୨ (ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ) କଟକଣା। ୧୨ଟି ସର୍ତ୍ତ ରଖିଛନ୍ତି ଅନୁଗୋଳ ଜିଲ୍ଲାପାଳ। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ତାଳଚେର ପୌରପାଳିକାରେ ବାୟୁ ଗୁଣବତ୍ତା ଖରାପ ଥିବାରୁ ଗ୍ରାପ-୨ ନିର୍ଦ୍ଦେଶାବଳୀକୁ ବିଚାର କରି ତାଳଚେର ପୌରପାଳିକା ଅଞ୍ଚଳରେ କଟକଣା ଲାଗୁ କରାଯାଇଛି। ଏହା ଅଧୀନରେ ଦ୍ଦପୃଷ୍ଠା-୬

ଭୂକମ୍ପରେ ଥରିଲା ମେକ୍ସିକୋ: ୨ ମୃତ



ସାମ୍ବାଦିକ ସମ୍ମିଳନୀରୁ ଦୌଡ଼ିଲେ ରାଷ୍ଟ୍ରପତି

ମେକ୍ସିକୋ ସିଟି,୩।୧: ମେକ୍ସିକୋର ଗୁଏରେରୋ ରାଜ୍ୟରେ ଶୁକ୍ରବାର ୬.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଉତ୍ତର-ଉତ୍ତର ପଶ୍ଚିମ ଗୁଏରେରୋରେ ଥିବା ପାହାଡ଼ିଆ ଅଞ୍ଚଳରେ ପ୍ରାୟ ୨୧.୬ ମାଇଲ ଗଭୀରରେ ଭୂମିକମ୍ପର କେନ୍ଦ୍ରସ୍ଥଳ ରହିଥିବା ଆମେରିକୀୟ ଜିଓଲୋଜିକାଲ ସର୍ଭେ ପକ୍ଷରୁ କୁହାଯାଇଛି। ଏଥିରେ ଅନେକ ଅଟ୍ଟାଳିକା ଓ ବିଦ୍ୟୁତ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ଅନେକ ସ୍ଥାନରେ ଭୂସ୍ଖଳନ ଘଟଣା ମଧ୍ୟ ଘଟିଛି। ଭୂକମ୍ପରେ ୨ ଜଣ ପ୍ରାଣ ହରାଇଥିବା ବେଳେ ଏକାଧିକ ଆହତ ହୋଇଥିବା ସୂଚନା ମିଳିଛି। ଭୂକମ୍ପ ଅନୁଭୂତ ହେବା ସମୟରେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେନ୍ବାମ୍ ଦୈନିକ ସାମ୍ବାଦିକ ସମ୍ମିଳନୀରେ ନୂଆବର୍ଷ ଉପଲକ୍ଷେ ଭାଷଣ ଦେଉଥିଲେ। ଝଟ୍‌କା ଅନୁଭୂତ ହେବା ଖୁବ୍ ଜୋରରେ ଆଲାର୍ମ ବାଜିଥିଲା। ଏହା ଶୁଣି ରାଷ୍ଟ୍ରପତି ଓ ସେଠାରେ ଉପସ୍ଥିତ ଥିବା ରିପୋର୍ଟର୍‌ମାନେ ପ୍ରାଣ ବିକଳରେ ବାହାରକୁ ଦୌଡ଼ିଥିଲେ। ଅନ୍ୟମାନଙ୍କୁ ବି ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ। ଏହାପରେ ସାମ୍ବାଦିକମାନେ ବି ଦୌଡ଼ିଥିଲେ। ରାଷ୍ଟ୍ରପତିଙ୍କ ଭାଷଣ ଅଧାରୁ ବନ୍ଦ କରାଯାଇଥିଲା। ସମସ୍ତଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଏଥିସହ ସମ୍ବେଦନଶୀଳ ଅଞ୍ଚଳରୁ ମଧ୍ୟ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଭୂକମ୍ପର ପ୍ରଥମ ଝଟକା ପରେ ବି ବିପଦ ଟଳି ନ ଥିଲା। ବାରମ୍ବାର ଦ୍ଦପୃଷ୍ଠା-୬

ଦୃଶ୍ୟମାନ ହେଲା 'ଉଲ୍‌ଫ ମୁନ୍'

- ଭୁବନେଶ୍ୱର ଲୋକେ ବି ଦେଖିଲେ



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ଆଜି ୨୦୨୬ର ତୃତୀୟ ଦିନରେ ବର୍ଷର ପ୍ରଥମ ସୁପର୍‌ମୁନ୍ ଦୃଶ୍ୟମାନ ହୋଇଛି। ପୂର୍ବାପେକ୍ଷା ଅଧିକ ଉଜ୍ଜ୍ୱଳ ଦେଖାଯାଉଥିବା ଏହି ସୁପର୍‌ମୁନ୍ ସନ୍ଧ୍ୟା ପ୍ରାୟ ୭ଟା ପରେ ଦୃଶ୍ୟମାନ ହୋଇଥିବା ବେଳେ ଏହାକୁ ଭୁବନେଶ୍ୱର, ଲକ୍ଷ୍ନୌ ଓ କୋଲ୍‌କାତା ସହ ଅନ୍ୟାନ୍ୟ ସହରର ଲୋକମାନେ ଦେଖିବାର ସୁଯୋଗ ପାଇଛନ୍ତି। ଏହି ସୁପର୍‌ମୁନ୍ 'ଉଲ୍‌ଫ ମୁନ୍' ଭାବେ ଲୋକପ୍ରିୟ ଥିବା ବେଳେ ଏହାର ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହୋଇଛି, ଯାହାକୁ ମୁଖ୍ୟତଃ ପୂର୍ବ ଭାରତର ୟୁଜର୍‌ମାନଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚନ୍ଦ୍ରର କକ୍ଷପଥ ଆଜି ପୂର୍ବଦିନ ତୁଳନାରେ ପୃଥିବୀର ନିକଟତର ହେବାରୁ ଏହା ପୂର୍ବାପେକ୍ଷା ଅଧିକ ଉଜ୍ଜ୍ୱଳ ଦେଖାଯାଇଥିଲା। ଏପରିକି ଏହା ସହରାଞ୍ଚଳରେ ବି ଅପେକ୍ଷାକୃତ ଉଜ୍ଜ୍ୱଳ ରହିଥିଲା। ଏହି ସମୟରେ ଚନ୍ଦ୍ରର ଦୂରତା ପୃଥିବୀଠାରୁ ମାତ୍ର ୩ ଲକ୍ଷ ୬୨ ହଜାର କିମି ରହିଥିବା ଗତକାଲି ବୈଜ୍ଞାନିକମାନେ ଦ୍ଦପୃଷ୍ଠା-୬

ଭୁବନେଶ୍ୱର ବିମାନବନ୍ଦରରୁ ୮ କୋଟିର ଗଞ୍ଜେଇ ଜବତ



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ଭୁବନେଶ୍ୱର ବିମାନବନ୍ଦରରୁ ଆଜି ପୁଣିଥରେ ଗଞ୍ଜେଇ ଜବତ ହୋଇଛି। ଜବତ ହୋଇଥିବା ଗଞ୍ଜେଇର ମୂଲ୍ୟ ପାଖାପାଖି ୮ କୋଟି ଟଙ୍କା ହେବ। ଉକ୍ତ ଗଞ୍ଜେଇକୁ ଡାଇରେକ୍ଟରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍‌ଆଇ)ର କର୍ମଚାରୀମାନେ ବ୍ୟାଙ୍କକ୍ ଫ୍ଲାଇଟ୍‌ରେ ଆସୁଥିବା ଜନୈକ ଯାତ୍ରୀଙ୍କଠାରୁ ଏହି ଗଞ୍ଜେଇକୁ ଜବତ କରିଛନ୍ତି। ଏକ ଷ୍ଟ୍ରଲି ବ୍ୟାଗରେ ସିକ୍ରେଟ ଚାମ୍ବର କରି ଉକ୍ତ ଯାତ୍ରୀ ଜଣଙ୍କ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ବିମାନବନ୍ଦରରେ ଧରାପଡ଼ିଛନ୍ତି। ତାଙ୍କ ପାଖରୁ ୮ କିଗ୍ରା ଓଜନର ଗଞ୍ଜେଇ ଜବତ କରାଯାଇଥିବା ବେଳେ ଉକ୍ତ ଯାତ୍ରୀଙ୍କୁ ଅଟକ ରଖି ଡିଆର୍‌ଆଇ କର୍ମଚାରୀମାନେ ପଚରାଉଚରା ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ ଗତ ମଙ୍ଗଳବାର ମଧ୍ୟ ଏହି ବିମାନବନ୍ଦରରୁ ୩ କୋଟି ୯୨ ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଥିଲା।



କାଜ ଡେରିଥା

ଗାଁ ସାରା ଏବେ ଜନ୍ତାଳ ଚାଲିଛି
ଭାଇଚାରା କିନ୍ତୁ ନାହିଁ
ଜନ୍ତାଳ ନାମରେ ପୂର୍ବ ରାଗ ଶୁଝେ

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ



ମହାକାଳପଡ଼ା,୩।୧(ସଂଚାର ବ୍ୟୁରୋ): ଜଙ୍ଗଲ ଭିତରେ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରି ତକ୍ତିଆପାଳ ସାମୁଦ୍ରିକ ଥାନାରେ ମୃତକଙ୍କ ପତ୍ନୀ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତକ୍ତିଆପାଳ ଥାନା ଅଧୀନ ସୁନିତି ଗ୍ରାମର ୫ ନମ୍ବର ୱାର୍ଡ଼ ନିବାସୀ ଯମୁନା ମାନ୍ନାଙ୍କ ସ୍ୱାମୀ ନିତାଇ ମାନ୍ନା ଗତକାଲି ବୋଟ୍‌ରେ ମାଛ ମାରିବାକୁ ଯାଇଥିଲେ। ମାଛ ମାରି ଫେରିବା ପରେ ବୋଟ୍ ମାଲିକଙ୍କ ଘରକୁ ତାଙ୍କ ପୁଅକୁ ନେଇ ଭୋଜି ଖାଇବାକୁ ଯାଇଥିଲେ। ନିତାଇଙ୍କ ପୁଅକୁ ବୋଟ୍ ମାଲିକଙ୍କ ପୁଅ ସୁମନ୍ତ ଗିରି ସେହି ରାତିରେ ନିତାଇଙ୍କ ଘରେ ଛାଡିକି ଯାଇଥିଲେ। ଯମୁନା ଫୋନ୍ କରି ବୋଟ୍ ମାଲିକଙ୍କୁ ପଚାରିବାରୁ ଭୋଜି ଖାଇସାରି ନିତାଇ ଫେରିବେ ବୋଲି କହିଥିଲେ। ହେଲେ ବିଳମ୍ବିତ ରାତି ହେବାରୁ ଯମୁନା ଶୋଇପଡ଼ିଥିଲେ। ସକାଳୁ ସ୍ୱାମୀ ଆସିନଥିବା ଦେଖି ସେ ବୋଟ୍ ମାଲିକଙ୍କୁ ଫୋନ୍ କରି ପଚାରିବାରୁ ନିତାଇ ରାତିରୁ ହିଁ ଚାଲିଯାଇଥିବା ସେ କହିଥିଲେ। ଶନିବାର ସକାଳୁ ବବାଙ୍କ ଢିଅ ସଂରକ୍ଷିତ ଜଙ୍ଗଲ ନିକଟରେ ନିତାଇ ଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ତାଙ୍କ ହାତରେ ବିଦ୍ୟୁତ ଆଘାତ ଲାଗିଥିବା ଦେଖାଯାଇଛି। ଜଙ୍ଗଲୀ ବାରହା ଶିକାର ପାଇଁ ଏହି ବେଆଇନ ବିଦ୍ୟୁତ୍ ତାର ବିଛାଯାଇଥିବା ଅନୁମାନ କରାଯାଉଛି। ନିତାଇ ଙ୍କ ମୃତଦେହ ମିଳିବା ପରେ ତାଙ୍କ ପତ୍ନୀ ତକ୍ତିଆପାଳ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

ଦୁର୍ବୃତ୍ତ ଘଟାଇଲେ ନାରକୀୟ କାଣ୍ଡ

ଦୋକାନରୁ ଚୋରି କରିବା ପରେ ପୋଡ଼ିଦେଲେ ସମସ୍ତ ସାମଗ୍ରୀ



ମାର୍ଶାଘାଇ,୩।୧(ସଂଚାର ବ୍ୟୁରୋ): କଳାବୁଦା ବାରେଣୀ ବଜାରରେ ଥିବା ପରିବା ଦୋକାନରେ ନିଆଁ ଲାଗିବା ଏବଂ ଦୋକାନୀ ଜୀବନ୍ତ ଦଗ୍ଧ ହେବା କୁଦାନଗରୀ ଥାନା ଅଂଚଳରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଏବେ ପଡ଼ୋଶୀ ପାଟକୁରା ଥାନା ଅଂଚଳରେ ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ପୋଡ଼ିଦେବା ଆହୁରି ଚର୍ଚ୍ଚାର ବିଷୟ ପାଲଟିଛି। କଳାବୁଦା ବାରେଣୀ ଘଟଣାରେ ଦିନ କେଇଟା ନବିତିଣୁ ଏବେ ସମାନ ସ୍ଥିତି ମାର୍ଶାଘାଇ ବ୍ଲକ ତଥା ପାଟକୁରା ଥାନା ଅନ୍ତର୍ଗତ ଆଖୁଆ ପଂଚାୟତର ଓରିଶବିନ୍ଧା ଛକରେ ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ମଧ୍ୟ ରାତ୍ରୀରେ ଦୁର୍ବୃତ୍ତମାନେ ହାଟ ମଧ୍ୟରେ ଥିବା ତିନୋଟି ଦୋକାନରୁ ଚୋରି କରିବା ପରେ ସେହି ଦୋକାନରେ କେହି ନିଆଁ ଲଗାଇ ଦେଇଥିବା ନେଇ ପାଟକୁରା ଥାନାରେ ଅଭିଯୋଗ ହୋଇଛି । ଓରିଶବିନ୍ଧା ଛକରେ ତିନି ବଖରା ବିଶିଷ୍ଟ ଆଜବେଷ୍ଟସ ଘରକରି ତିନିଜଣଙ୍କୁ ଭଡାରେ ଦେଇଥିବା ଘର ମାଲିକ ପ୍ରହଲ୍ଲାଦ ସିଂ ପାଟକୁରା ଥାନାରେ ଶନିବାର ଅଭିଯୋଗ କରିଛନ୍ତି । ଦୁଇଟି ବଖରାରେ ତେଜରାତି ଦୋକାନ ହୋଇଥିବା ବେଳେ ଅନ୍ୟଟିରେ ଷ୍ଟେସେନାରୀ ଦୋକାନ ହୋଇଥିଲା । ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ ଗୁଡିକରୁ ଚୋରି କରିବା ପରେ ତିନୋଟି ବଖରାରେ ନିଆଁ ଲଗାଇ ଦେବାରୁ ଦୋକାନରେ ଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ପାଟକୁରା ପୋଲିସ ଏ ନେଇ ୩/୨୬ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ନେଇ ପାଟକୁରା ଥାନା ଆଇଆଇସି ମହମ୍ମଦ ଜାମସେଦ କହିଛନ୍ତି । ଦୋକାନ ଗୁଡ଼ିକ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲାଗିଥିବା ସିସିଟିଭି ରୁ ଫୁଟେଜ ସଂଗ୍ରହ ସହିତ ପୋଲିସ ତଦନ୍ତକୁ ଜୋରଦାର କରିଛି ।

ମା'ଭଗବତୀଙ୍କ ପୀଠରେ ମକର ମେଳା ପାଇଁ ପ୍ରସ୍ତୁତି ବୈଠକ

ସାଲେପୁର, ୩।୧ (ସଂଚାର ବ୍ୟୁରୋ): ବଟେଶ୍ୱର ମା' ଭଗବତୀଙ୍କ ପୀଠରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହେବାକୁ ଥିବା ମକର ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ପୀଠର ବଡ଼ପଣ୍ଡା ଦୁର୍ଗାପ୍ରସାଦ ଦୀକ୍ଷିତ ଓ ସାନପଣ୍ଡା ପଦ୍ମନାଭ ଦୀକ୍ଷିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ କିପରି ସୁତାରୁ ରୂପେ ମା'ଙ୍କର ଦର୍ଶନ କରିପାରିବେ, ସାଂସ୍କୃତିକ କାର୍ଯ୍ୟକ୍ରମ, ଓ ଯାତ୍ରା ପାଇଁ ଆସୁଥିବା ବ୍ୟବସାୟୀମାନଙ୍କ ସୁରକ୍ଷା ତଥା ପୂଣ୍ୟତୋୟା ଚିତ୍ରୋତ୍ପଳା ନଦୀରେ ବୁଡ଼ ପକାଇବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଯାତ୍ରାରେ ଆଲୋକିକରଣ ଆଦି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ପୁଲିସ ପ୍ରଶାସନ ଓ ଅଗ୍ନିଶମ ବାହିନୀକୁ ଏଥିରେ ସହଯୋଗ ପାଇଁ କମିଟି ତରଫରୁ ନିବେଦନ କରାଯାଇଥିଲା। ଏହି ବୈଠକରେ ପର୍ଶୁରାମ ଦୀକ୍ଷିତ, ସରୋଜ କୁମାର ଦୀକ୍ଷିତ, ଅକ୍ଷୟ କୁମାର ଭୂୟାଁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପିସି ମୋଟା ଅଙ୍କର: ପଥର ପ୍ୟାକିଂ କାର୍ଯ୍ୟ ଦୁର୍ବଳ

ଆଳି,୩।୧ (ସଂଚାର ବ୍ୟୁରୋ): ସରକାର ତଟ ବନ୍ଧ ସୁରକ୍ଷା କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗ ଓ ଠିକାଦାର ଯନ୍ତ୍ରୀଙ୍କ ମନମାନି ଓ ପିସିଖୋର ମନବୃତ୍ତି ଯୋଗୁ କାର୍ଯ୍ୟ ଦୁର୍ବଳ ହୋଉଛି।

ସୂଚନା ଅନୁଯାୟୀ ଆଳି ବ୍ଲକ୍ ସହିରା ପଞ୍ଚାୟତର ମହନପୁର ଗ୍ରାମରେ ଆଳି

ବାଡ଼ ଖାଉଛି କି ଫସଲ ?

ତଟବନ୍ଧ ପକ୍ଷରୁ ସୁରକ୍ଷା ବନ୍ଧ ନିର୍ମାଣ ହୋଉଥିବା ବେଳେ ତାହା ଅତି ନିମ୍ନ ମାନର କାର୍ଯ୍ୟ ହୋଇଥିବା ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଫଳ ଶୂନ୍ୟ। ତଦାରଖ ଦାଇତ୍ୱରେ ଥିବା ବିଭାଗର ଅଧିକାରୀମାନେ ସଠିକ୍ ତଦାରଖ ନ କରିବା ଓ କାର୍ଯ୍ୟସ୍ଥଳକୁ ଆସୁନଥିବାରୁ ଠିକାଦାର




ନିମ୍ନମାନ କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସବୁଠୁ ବଡ଼ କଥା ହେଲା ଯାହା ନଦୀ ଗର୍ଭକୁ ପଥର ଡ଼ମ୍ପିଙ୍ଗି ହେବା କଥା ତାହା ହେଉନାହିଁ। ସେପଟେ ସୁରକ୍ଷାବନ୍ଧ ନିର୍ମାଣରେ ବ୍ୟବହାର ହୋଉଛି ଛୋଟ ପଥର।

ଏଠି ପ୍ରଶ୍ନ ଉଠେ କାହା ସ୍ୱାର୍ଥରେ କରାଯାଉଛି ଏଭଳି କାର୍ଯ୍ୟ। ଯାହାକି ଗୋଟିଏ ବନ୍ୟା ଆସିଲେ ନଦୀ ଗର୍ଭକୁ ପଥର ପ୍ୟାକିଂ ଚାଲି ଯିବ ବୋଲି ଆଶଙ୍କା କରିଛନ୍ତି ଗ୍ରାମବାସୀ। ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପରେବି କାହିଁକି ଚେତୁ ନାହାନ୍ତି ବିଭାଗ କି ସରକାର। ଯଦି ବାଡ଼ ଫସଲ ଖାଇବ ତାହାଲେ ଜନସାଧାରଣ ଅଭିଯୋଗ କରିବେ କୋଉଠି।

ଏହି କାର୍ଯ୍ୟ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟ ବରଦା ଥିବା ବେଳେ କାର୍ଯ୍ୟ ଆରମ୍ଭରୁ ଫଳକ ଲାଗିବାର ନିୟମ ଥିବା ବେଳେ ତାହା ଆଜି ପର୍ଯ୍ୟନ୍ତ ଲାଗିନଥିବା ଅଭିଯୋଗ ହୋଉଛି। ଅନ୍ୟପଟେ ଯଦି ଆଗାମୀ ଦିନରେ ସଠିକ କାର୍ଯ୍ୟ କରାନଯାଏ ଆଳି ତଟବନ୍ଧ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ସ୍ଥାନୀୟ ଗ୍ରାମବାସୀ। ଏନେଇ ଯନ୍ତ୍ରୀଙ୍କୁ ପଚାରିଲେ ଯନ୍ତ୍ରୀ କହିଛନ୍ତି ସବୁ ନିୟମ ଅନୁସାରେ କାର୍ଯ୍ୟ କରାଯାଉଛି।

ବିରୂପା ନଦୀର ହରିପୁର ଘାଟରୁ ଯୁବକଙ୍କ ମୃତଦେହ ଉଦ୍ଧାର



ସାଲେପୁର,୩।୧ (ସଂଚାର ବ୍ୟୁରୋ): ସ୍ଥାନୀୟ ନରଦା ପଞ୍ଚାୟତର ଧରଣୀଧର ସୁବୁଦ୍ଧିଙ୍କ ୨୧ବର୍ଷର ପୁତ୍ର ଭବାନୀଶଙ୍କର ସୁବୁଦ୍ଧି ଦିନ ୨ଟା ବେଳେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ନଦୀ ଭିତରେ ବୁଡ଼ିଯାଇଥିଲେ। ଶେଷରେ ଦମକଳ ବାହିନୀ ଓ ସାଲେପୁର ପୁଲିସ ପହଞ୍ଚି ଖୋଜାଖୋଜି କରିବାପରେ ନଦୀର ୫ଶହ ଫୁଟ ଦୂରରେ ଭବାନୀଙ୍କ ମୃତ ଶରୀର ଉଦ୍ଧାର କରାଯାଇ ପୋଷ୍ଟମର୍ଟମ କରିବାକୁ ମେଡିକାଲକୁ ପଠାଯାଇଛି। ଭବାନୀ ପରିବାରର ଏକମାତ୍ର ପୁତ୍ର ହୋଇଥିବାବେଳେ ତାଙ୍କର ମୃତ୍ୟୁକୁ ନେଇ ପରିବାରବର୍ଗ ଭାଙ୍ଗି ପଡ଼ିଛନ୍ତି। ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇଦେବାକୁ ପୂର୍ବତନ ସରପଞ୍ଚ ଗୌରହରି ସୁବୁଦ୍ଧି ଦାବି କରିଛନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୩।୧ (ସଂଚାର ବ୍ୟୁରୋ): ଆଧୁନିକ ଓଡିଶାର ନିର୍ମାତା, ମହାନ ରାଜନୀତିଜ୍ଞ, ସାମ୍ବାଦିକ, ସାହିତ୍ୟିକ, ଦୂରଦର୍ଶୀ ରାଜନେତା ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଜନ୍ମ ଶତବାର୍ଷିକୀ ଅବସରରେ କେନ୍ଦ୍ରାପଡାରେ ଜାନକୀବଲ୍ଲଭ ସ୍ମୃତି ପରିଷଦ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କେନ୍ଦ୍ରାପଡା ସହରର ପୂର୍ବ ଡିଭିଜନ ସମ୍ମୁଖରେ ଥିବା ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି।

ଏହି ଉପଲକ୍ଷେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସମାରୋହ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ ଯୋଗଦେଇ କହିଲେ ସ୍ୱର୍ଗତ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ସୀମିତ ବଜେଟରେ କଟକରେ ରିଂବନ୍ଧ ନିର୍ମାଣ, ଇନଡୋର ଷ୍ଟାଡିୟମ, ଓଭରବ୍ରିଜ, ଜଗତପୁର ଓ ମଧୁପାଟଣାରେ



ଶିଳ୍ପାଞ୍ଚଳ ପ୍ରତିଷ୍ଠା, ଏସିଆର ସର୍ବବୃହତ ଆଲୁମିନିୟମ ଶିଳ୍ପ ନାଲକୋର ପ୍ରତିଷ୍ଠା, ବଲାଙ୍ଗିରରେ ଗୁଳିଗୋଳା କାରଖାନା ପ୍ରତିଷ୍ଠା, ଓମଫେଡର ପ୍ରତିଷ୍ଠା ଭଳି ବହୁ ଉନ୍ନତିମୂଳକ କାର୍ଯ୍ୟ କରିଯାଇଛନ୍ତି । ଏସବୁ ତାଙ୍କୁ ଅମର କରିରଖିଛି ବୋଲି ଶ୍ରୀ ଖଟୁଆ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟି ସଂଯୋଜକ ମୁକ୍ତାର ଖାଁ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ପ୍ରାଧାପକ ନନ୍ଦ କିଶୋର ପରିଡା, ଜ୍ଞାନରଞ୍ଜନ ମହାନ୍ତି, ଆକବର ଅଲ୍ଲୀ, ଉମାଶଙ୍କର ଜେନା, ଶିକ୍ଷାବୀତ ଡ. ଚୈତନ୍ୟ ଚରଣ ପରିଡା, କୁଳମଣି ନାୟକ, ବିଧୁଭୂଷଣ ମହାପାତ୍ର, ପ୍ରଫୁଲ୍ଲ ସାହୁ, ସୌମେନ୍ଦ୍ର ପୃଷ୍ଟି, ସିଦ୍ଧାର୍ଥଶଙ୍କର ଜେନା, ନଗର ବିଜେଡି ସଭାପତି ଯଯାତିକେଶରୀ ମହାନ୍ତିଙ୍କ ସହ ଶତାଧିକ ଦଳୀୟ ନେତା, କର୍ମୀ, ବିଭିନ୍ନ ଦଳର କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ବିଶ୍ୱଶାନ୍ତି ମହାଯଜ୍ଞର ଶୁଭ ଦେଲେ ବିଧାୟକ



ପଟ୍ଟାମୁଣ୍ଡାଇ,୩।୧ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଅଂଚଳର ଅନ୍ୟତମ ଗଣପର୍ବ ଓ ମହାନ ଆଧାତ୍ମିକ କାର୍ଯ୍ୟକ୍ରମ ୭୭ତମ ବିଶ୍ୱଶାନ୍ତି ମହାଯଜ୍ଞର ପାରମ୍ପରିକ ରୀତିନୀତି ଅନୁଯାୟୀ ଶୁଭ ଦିଆଯାଇଛି। ଏହି ଉପଲକ୍ଷେ ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ ଓ ଭ୍ରମରବର ତ୍ରିପାଠୀଙ୍କ ଯଥାବିଧି ପୂଜାର୍ଚ୍ଚନା ଓ ମନ୍ତ୍ରଧ୍ୱନି ମଧ୍ୟରେ ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ଯଜ୍ଞର ଶୁଭ ଦେଇଥିଲେ ।

ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଓ ପ୍ରଣବ କୁମାରପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତି, ନଗର ବିଜେଡି ସଭାପତି ବୁଢା ଲେଙ୍କା, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ । ଏହି ମହାଯଜ୍ଞ ଆସନ୍ତା ଜାନୁଆରୀ ୨୪ତାରିଖରୁ ଆରମ୍ଭ ହୋଇ ୧ ତାରିଖରେ ପୂର୍ଣ୍ଣାହୁତି ଦିଆଯିବ ବୋଲି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

ମୁଗ ଚାଷ ପାଇଁ କେନାଲରେ ପାଣି ଛାଡିବାକୁ ଦାବି



କେନ୍ଦ୍ରାପଡା,୩।୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ହଜାର ହଜାର ଚାଷୀ ମୁଗ ଫସଲ ଉପରେ ନିର୍ଭର କରନ୍ତି । କିନ୍ତୁ ଚଳିତ ବର୍ଷ କେନାଲରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ନ ଛାଡିବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି । ପ୍ରତ୍ୟେକ ବର୍ଷ ଡାଲୁଅ ଧାନ କଟା ସରିବା ପରେ ଚାଷୀ ମାନେ ରବି ଫସଲ ପାଇଁ ଚାଷ ବିଲକୁ ପ୍ରସ୍ତୁତ କରିଥାନ୍ତି । ଚାଷ ଜମିରେ ଜଳ ସେଚନ ଅଭାବରୁ ମାଟି ଶୁଖି ଫାଟି ଯାଉଥିବା ବେଳେ ମୁଗ ବିରି ଭଳି ଲାଭ ଜନକ ଫସଲ କରିବାକୁ ଅଣ୍ଟା ଭିଡିଥିବା ଚାଷୀ ନିରାସ ହୋଇ ପଡିଛନ୍ତି । ଜିଲ୍ଲାର ୯ଟି ବ୍ଲକରେ ହଜାର ହଜାର ଚାଷୀ କେନାଲରେ ପାଣିକୁ ଅପେକ୍ଷା କରି ବସି ରହିଥିବା ବେଳେ ମୁଗ ଚାଷ କରିପାରୁ ନାହାଁନ୍ତି । ତୁରନ୍ତ ଜଳ ସମ୍ପଦ ବିଭାଗ କେନାଲରେ ପାଣି ଛାଡିବାକୁ କେନ୍ଦ୍ରାପଡା ଜିଲ୍ଲା ସାମାଜିକ ବିକାଶ ପରିଷଦ ସଭାପତି ରଶ୍ମି ରଂଜନ ଚୌଧୁରୀଙ୍କ ନେତୃତ୍ୱରେ ରଂଜନ ରାଉତ, ହିମାଂଶୁ ଭୂଷଣ ନନ୍ଦ, ପ୍ରଦିପ ରାଉତ, ସୁବୋଧ କୁମାର ଦାସ, ଗୋବିନ୍ଦ ମଲିକ, ଉମେଶ ପାଢି, ବିଲ୍ଲବ ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନାଙ୍କୁ କେନାଲରେ ପାଣି ଛାଡିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ପୁଷ୍ୟାଭିଷେକରେ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠ ଉତ୍ସବମୁଖର

ନିଶ୍ଚିନ୍ତକୋଇଲି, ୩।୧ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ପଦ୍ମବନ ପୀଠ ନେମାଳ ଠାରେ ଭବିଷ୍ୟତ ମାଳିକା ରଚୟିତା ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପୁଷ୍ପଲାଗି ବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ପ୍ରମୁଖ ସହରରୁ ପୁଷ୍ପକାରମାନେ ଆସି ମହାପୁରୁଷଙ୍କ ଗଜ ଉଦ୍ଧାରଣ ବେଶ, ରାଜ ରାଜେଶ୍ୱରୀ ବେଶ ଓ ଜଗନ୍ନାଥଙ୍କ ପ୍ରତିରୂପରେ ସଜାଇଥିଲେ। ମଧ୍ୟାହ୍ନରେ ସ୍ଥାନୀୟ କୁଞ୍ଜବିହାରୀ ପୀଠରୁ ୪୨ଫୁଟ ଲମ୍ବର ଏକ ପଗଡ଼ିକୁ ବିରାଟ ଶୋଭାଯାତ୍ରାରେ ଅଣାଯାଇ ଦଧିବାମନ ଜୀଉ, ମା ମଙ୍ଗଳା ଓ ମା ତାରିଣୀଙ୍କ ଦର୍ଶନ, ଜାଗୁଳାଇଙ୍କୁ ଲାଗି ପରେ ମହାପୁରୁଷଙ୍କ ମସ୍ତକରେ ଅଚ୍ୟୁତାନନ୍ଦଙ୍କ ସେବକ ମାନଙ୍କ ଦ୍ୱାରା ଲଗାଯାଇଥିଲା।




ହଜାର ହଜାର ଭକ୍ତଙ୍କ ସମାଗମ

ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୦ ହଜାରରୁ ଉର୍ଦ୍ଧ୍ୱ ସାଧୁ ସନ୍ଥ ଶ୍ରଦ୍ଧାଳୁ ଓ ଅଚ୍ୟୁତ ପ୍ରେମୀ ମହାପୁରୁଷଙ୍କୁ ଜଗନ୍ନାଥଙ୍କ ରୂପରେ ଦର୍ଶନ କରି ବିଭୂ କୃପା ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ସମାଜସେବୀ ପ୍ରସନ୍ନ ବେଉରା, ନିଶ୍ଚିନ୍ତକୋଇଲି ତହସିଲଦାର ଦମୟିନ୍ତୀ ସାହୁ, ଅଜୟ ପୃଷ୍ଟି, ଧରଣୀଧର ପୂଜାରୀ, ଅମରବଲ୍ଲଭ ଦାସଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିବା ବେଳେ ନେମାଳ ଥାନା ଅଧିକାରୀ ସୁଶିଲ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଓ କର୍ମଚାରୀ ମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

ବିଦ୍ୟାଳୟରେ ଗୀତା ଶିକ୍ଷା



ମହାକାଳପଡ଼ା,୩।୧(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜୟ ଚନ୍ଦ୍ରପୁର ପଞ୍ଚାୟତର ସାନଗାଁ ବକ୍ରମହାକାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପିଲାମାନଙ୍କୁ ଗୀତା ଶିକ୍ଷା ଦିଆଯାଇଛି। ସାମ୍ପ୍ରତିକ ସମାଜରେ ସଂସ୍କୃତି ଓ ପରମ୍ପରା ବିପଥଗାମୀ ହେବାରେ ଲାଗିଛି। ଗୀତା ମାନବ ଜାତିର ଅମୂଲ୍ୟ ସମ୍ପଦ ଭାବରେ ଜଣାଯାଏ। ପିଲାମାନଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିସୃତ ଗୀତା ନିତ୍ୟ ପାଠ ଓ ତଦନୁସାରେ ଆମର ଦିନଚର୍ଯ୍ୟା କରାଇବା ସହିତ ପିଲାମାନଙ୍କ ମଧ୍ୟରେ ଆଧାତ୍ମିକ ଚେତନା ସୃଷ୍ଟି କରାଇ ପାରିଲେ ସମାଜରେ ସୁଖ, ଶାନ୍ତି ଓ ମଙ୍ଗଳ ଭରିଯିବ। ଏହି ଦୃଢ ଆଶା ପୋଷଣ କରି ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଆଜୀବନ ସଭ୍ୟ



ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ରାଉରକେଲା, ୩ ।୧ (ସଂଚାର ବ୍ୟୁରୋ): ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ ବନ୍ଧମୁଣ୍ଡା ରେଳବାଇ ସେକ୍ସନ ଅଞ୍ଚଳରେ ହାୱଡ଼ା-ମୁମ୍ବାଇ ମୁଖ୍ୟ ରେଳମାର୍ଗର ଅପ୍ ଲାଇନ୍‌ରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଆଜି ସକାଳ ପ୍ରାୟ ୭ଟା ୪୫ ମିନିଟ୍ ସମୟରେ ବନ୍ଧମୁଣ୍ଡାର କେ-କେବିନ୍ ସମ୍ମୁଖରେ କିଲୋମିଟର ପୋଲ୍ ୪୦୮/୧୧ଇ ନିକଟରେ ଏହି ଦୁର୍ଘଟଣା ଘଟିଛି। ଟ୍ରେନର ଦୁଇଟି ୱାଗନ ଲାଇନଚ୍ୟୁତ ହୋଇଛି। ସୂଚନା ଅନୁଯାୟୀ, ଏହି ମାଲବାହୀ ଟ୍ରେନ୍‌ଟି ଝାରସୁଗୁଡାର ଏକ୍ସଚେଞ୍ଜ ୟାର୍ଡରୁ ଏମସିଏଲକୁ ଯାଉଥିଲା। ମାଲବାହୀ ଟ୍ରେନର ପ୍ରେସର ସସପେନସନ୍ ସିଷ୍ଟମର ଏକ ଅଂଶ ହଠାତ୍ ଖସିପଡ଼ିଥିଲା। ଫଳରେ ଟ୍ରେନଟି ୧୦୦ ମିଟର ପର୍ଯ୍ୟନ୍ତ ଟାଣି ହୋଇଯାଇଥିଲା। ଯାହାଦ୍ୱାରା ଦୁଇଟି କୋଚ୍ ଲାଇନଚ୍ୟୁତ ହୋଇଛି। ଖବର ପାଇ ବରିଷ୍ଠ ରେଳ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। କେଉଁ କାରଣରୁ ଏପରି ଘଟିଲା ସେନେଇ ତଦନ୍ତ ଚାଲିଛି।

ଜାନକୀବଲ୍ଲଭ ଥିଲେ ଦୁଇଟି ଦିଗରୁ ପ୍ରଣମ୍ୟ: ମୁଖ୍ୟମନ୍ତ୍ରୀ



ରାଜନୀତିରେ ଜାନକୀବଲ୍ଲଭ ଜଣେ ପ୍ରେରଣାଦାୟୀ ଗୁରୁ

ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ରାଜ୍ୟ ରାଜନୀତିରେ ଅନେକଙ୍କ ପାଇଁ ଜାନକୀବଲ୍ଲଭ ହେଉଛନ୍ତି ପ୍ରେରଣାଦାୟୀ ଗୁରୁ। ତାଙ୍କ ଜୀବନୀରୁ ସମସ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ଶିକ୍ଷା ହେଉଛି, କୌଣସି ସମସ୍ୟାରେ ବିଚଳିତ ନହୋଇ ନିଜ କର୍ମମୟ ଜୀବନରେ ଆଗକୁ ବଢ଼ି ଚାଲିବା। ନିରନ୍ତର କର୍ମ ଓ ଧୈର୍ଯ୍ୟ ହେଉଛି ସଫଳତାର ଅନ୍ୟନାମ। ଆଜି ସ୍ଥାନୀୟ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ ଜାନକୀ ବଲ୍ଲଭ ହେଉଛନ୍ତି ଦୁଇଟି ଦିଗରୁ ପ୍ରଣମ୍ୟ। ପ୍ରଥମଟି ତାଙ୍କ ସାରସ୍ୱତ ଓ ସଂସ୍କୃତି ସଚେତନ ବ୍ୟକ୍ତିତ୍ୱ। ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି। ଦ୍ୱିତୀୟଟି ତାଙ୍କ ନେତୃତ୍ୱର ଦିଗ। ଧୈର୍ଯ୍ୟ, ଯଥାର୍ଥ ସାଙ୍ଗଠନିକ ଦକ୍ଷତା, ନିଷ୍ଠା ବଳରେ, ନିଜର ଜନସେବକ ଭୂମିକାକୁ ଅବ୍ୟାହତ ରଖିପାରିଲେ ଜଣେ ନେତୃତ୍ୱକୁ ଦୀର୍ଘଜୀବୀ କରିପାରିବ ବୋଲି ସେ ପ୍ରମାଣ କରିଛନ୍ତି। ତାଙ୍କର ସ୍ଥିତପ୍ରଜ୍ଞ ଗୁଣ ତାଙ୍କୁ ରାଜନୀତିରେ ଜଣେ ଧୂରନ୍ଧର ବ୍ୟକ୍ତିତ୍ୱଭାବେ ପ୍ରତିଷ୍ଠା ପ୍ରଦାନ କରିଥିଲା। ଜାନକୀବଲ୍ଲଭ ପଟ୍ଟନାୟକ ଜଣେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ ପ୍ରତିଷ୍ଠିତ ରାଜନେତା, କୃତବିଦ୍ୟ ସାମ୍ବାଦିକ ଓ ସମ୍ପାଦକ, ସାରସ୍ୱତ ସାଧକ, ଅନୁବାଦକ ଓ ପ୍ରସିଦ୍ଧ ପ୍ରାଚ୍ୟ-ବିଦ୍ୟା ବିଶାରଦ।

ଜାନକୀବଲ୍ଲଭଙ୍କ ରାଜନୈତିକ ଜୀବନ ଉପରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାନକୀ ବାବୁଙ୍କ ରାଜନୈତିକ ଜୀବନ ଥିଲା ଘଟଣାବହୁଳ। ୧୯୭୧ରୁ ୨୦୦୯ ପର୍ଯ୍ୟନ୍ତ ଜାନକୀ ବାବୁଙ୍କ ରାଜନୈତିକ ଇନିଂସ୍ ଥିଲା ଉଲ୍ଲେଖନୀୟ। ସେ କେନ୍ଦ୍ରରେ ଉପମନ୍ତ୍ରୀ, ରାଷ୍ଟ୍ର ମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଛନ୍ତି। ଆମ ଓଡ଼ିଶାର ୩ ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ବିରୋଧୀ ଦଳ ନେତା ଭାବେ ପ୍ରଭାବୀ କାର୍ଯ୍ୟ କରିଛନ୍ତି। ୨୦୦୯ରୁ ଆସାମର ରାଜ୍ୟପାଳ ଭାବରେ ଦାୟିତ୍ୱ ନେଇଛନ୍ତି। ଛାତ୍ର ରାଜନୀତିରେ ମଧ୍ୟ ସେ ସକ୍ରିୟ ଯୋଗଦାନ କରିଥିବା ଶ୍ରୀ ମାଝୀ କହିଥିଲେ। କାର୍ଯ୍ୟକ୍ରମରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରାପ୍ପା ମୋଇଲି, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଯୋଗଦେଇ ଜାନକୀ ବଲ୍ଲଭଙ୍କ ସ୍ମୃତି ଚାରଣ କରିଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଭାସୀରେ ଯୋଗଦେଇଥିଲେ। ରାଜ୍ୟସଭା ସାଂସଦ ରଣଦୀପ ସୂର୍ଜେୱାଲା, ସାଂସଦ ସପ୍ତଗିରି ଉଲ୍ଲାକା, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ବିଧାୟକ ଦଳନେତା ରାମଚନ୍ଦ୍ର କାଡାମ, ସଭାପତି ଭକ୍ତ ଦାସ, ପୂର୍ବତନ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ହରେକୃଷ୍ଣ ଶତପଥୀ ଉପସ୍ଥିତ ଥିଲେ।

ଚିଲିକାର ସାମଗ୍ରିକ ବିକାଶ ପାଇଁ ବୈଠକ

ଜୈବ ବିବିଧତା ଓ ପୁନର୍ବିକାଶ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ଏସିଆ ମହାଦେଶର ସର୍ବବୃହତ୍ କ୍ଷାରୀୟ ହ୍ରଦ ତଥା ରାମସାର ସାଇଟ ଭାବେ ସାରା ବିଶ୍ୱରେ ପରିଚିତ ଚିଲିକା ହ୍ରଦର ଜୈବ ବିବିଧତାର ସୁରକ୍ଷା ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ସକାଶେ ଆଜି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିକ ଉକ୍ତ ବୈଠକରେ ଚିଲିକାର ବିକାଶ ନେଇ ମନ୍ତ୍ରୀ କହିଛନ୍ତି ଯେ ଚିଲିକାର ମୁହାଣ ପୋତି ହେବା କାରଣରୁ ଏହାର ପାଣି ସମୁଦ୍ରକୁ ଠିକ୍ ଭାବେ ଯାଇପାରୁନାହିଁ। ତା'ଛଡ଼ା ସମୁଦ୍ର ପାଣି ମଧ୍ୟ ଚିଲିକା ମଧ୍ୟକୁ ପ୍ରବେଶ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଫଳରେ ଚିଲିକା ଜଳର କ୍ଷାରୀୟତା ନଷ୍ଟ ହେଉଥିବା ବେଳେ ଜୈବ ବିବିଧତାର ସନ୍ତୁଳନ ଠିକ୍ ରହୁନାହିଁ। ଏଥିଯୋଗୁଁ ବିଭିନ୍ନ ପ୍ରକାର ମାଛ ଓ ସାମୁଦ୍ରିକ ଜୀବ ସଂଖ୍ୟାରେ ଅନେକ ଫରକ ପରିଲକ୍ଷିତ ହେଉଛି। ତେଣୁ ଓଡ଼ିଶାର ଗର୍ବର ପ୍ରତୀକ ଚିଲିକା ହ୍ରଦର ପୁନରୁଦ୍ଧାର ଦିଗରେ କାର୍ଯ୍ୟ ଆରମ୍ଭ କରିବା ସହ ତୁରନ୍ତ ସବିଶେଷ ବୈଜ୍ଞାନିକ ତଥ୍ୟ ସଂଗ୍ରହ ସହ ଡିପିଆର ପ୍ରସ୍ତୁତି ସକାଶେ ବିଭାଗୀୟ ଅଧିକାରୀ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ଆଇଆଇଟି ଚେନ୍ନାଇଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ଆଇଆଇଟି ଚେନ୍ନାଇର ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଚିଲିକାର ଅବରୋଧ ହୋଇଥିବା ମୁହାଣ ଖନନ, ଏହାର କ୍ଷାରୀୟତା ବଜାୟ ରଖିବା, ପଙ୍କ ଉଦ୍ଧାର ପୂର୍ବକ ଜଳଧାରଣ କ୍ଷମତା ବୃଦ୍ଧି କରିବା, ଜୈବ ବିବିଧତାର ସୁରକ୍ଷା, ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଓ ଚିଲିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ଅଧିବାସୀଙ୍କ ସ୍ୱାର୍ଥରକ୍ଷା ନେଇ ମଧ୍ୟ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ସ୍ପଷ୍ଟ ସୂଚନା ଦିଆଯିବା ସହ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଏହି ବୈଠକରେ ପୁରୀ ସାଂସଦ ଡା. ସମ୍ବିତ୍ ପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଆଇଆଇଟି ଚେନ୍ନାଇ ପ୍ରଫେସର ଡ. ନୀଳାଞ୍ଜନ ସାହା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଯୋଗାଜୟ ନନ୍ଦ ଏବଂ ଚିଲିକା ଡିଏଫଓ ଅମ୍ଲାନ ନାୟକ ଉପସ୍ଥିତ ଥିଲେ।

ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଛି: ବିଜେଡି



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ନିକଟରେ ସରକାରୀ ଚାକିରିର ବିଭିନ୍ନ ପଦବୀ ପାଇଁ ଓପିଏସସି ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇଥିବା ବେଳେ ଏଥିରେ ଓଏଏସ, ଓଏଫଏସ ଓ ଓଆରଏସ ପଦବୀ ନ ଥିବା ନେଇ ଆଜି ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ରାଜ୍ୟ ସରକାରଙ୍କ ଅପାରଗପଣିଆ ପାଇଁ ଏପରି ହୋଇଛି ବୋଲି ଅଭିଯୋଗ କରିବା ସହ ତୁରନ୍ତ ସଂଶୋଧନ କରି ଏଥିରେ ଏହି ପଦବୀଗୁଡ଼ିକୁ ସାମିଲ କରିବା ପାଇଁ ବିଜେଡି ଦାବି କରିଛି। ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ଏକ ଅପାରଗ ସରକାର ଚାଲିଛି, ଯାହା ଫଳରେ ଏହିଭଳି ତ୍ରୁଟି ବିଚ୍ୟୁତି ନିୟମିତ ଭାବେ ଦେଖିବାକୁ ମିଳୁଛି ବୋଲି କହିଛନ୍ତି।

ଶ୍ରୀ ସାହୁ କହିଛନ୍ତି ଯେ ନବୀନ ସରକାରଙ୍କ ୨୪ ବର୍ଷର ଶାସନ ସମୟରେ ପ୍ରତିବର୍ଷ ଓଏଏସ, ଓଏଫଏସ ଓ ଓଆରଏସ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଉଥିଲା। ପ୍ରଥମ ଥର ପାଇଁ ଏହି ପଦବୀଗୁଡ଼ିକ ସକାଶେ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ରାଜ୍ୟ ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଲାଣି। ଗତ ୧୮ ମାସର ବିଜେପି ଶାସନରେ ୨୦ଟି ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଲାଣି। ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଜାତୀୟ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଚାକିରି ଆଶାୟୀମାନେ ହତାଶ ହୋଇ ପଡ଼ିଛନ୍ତି। ରାଜ୍ୟର ଆର୍ଥିକ ସ୍ଥିତିକୁ ଦେବାଳିଆ ଆଡ଼କୁ ନେଉଛନ୍ତି ରାଜ୍ୟ ସରକାର। ଓଏଏସ, ଓଏଫଏସ ଓ ଓଆରଏସ ପଦବୀ ବାହାର ନ କରିବା ରାଜ୍ୟ ସରକାରଙ୍କ ବିଫଳତାକୁ ପଦାରେ ପକାଉଛି। ଏହି ପଦବୀଗୁଡ଼ିକ ସାଧାରଣ ପ୍ରଶାସନ ବିଭାଗର ଅନ୍ତର୍ଗତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଏହି ବିଭାଗର ଦାୟିତ୍ୱରେ ଥିବାରୁ ସେ ଏଥିପାଇଁ ନିଜେ ଦାୟୀ। ନୈତିକ ଦାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ସାହୁ କହିଥିଲେ।

ସେହିପରି ଇପ୍ସିତା ସାହୁ କହିଛନ୍ତି, ଏଥିନେଇ ଚାକିରି ଆଶାୟୀମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଅତ୍ୟନ୍ତ ତରବରିଆ ଭାବେ ଏକ ପ୍ରେସ ବିବୃତି ଜାରି କରାଯାଇ ନିଯୁକ୍ତି ପ୍ରକ୍ରିୟାରେ ଏହି ପଦବୀଗୁଡ଼ିକୁ ସାମିଲ କରିବା ପାଇଁ ନିବେଦନ କରାଯାଇଥିବା କୁହାଯାଇଛି। ତେବେ ମୁଖ୍ୟମନ୍ତ୍ରୀ କ'ଣ ଏତେ ଅସହାୟ ଯେ ତାଙ୍କୁ ଏହି ପଦବୀଗୁଡ଼ିକ ସାମିଲ କରିବା ସକାଶେ ନିବେଦନ କରିବାକୁ ପଡୁଛି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି।

ଦୂତୀଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

● ବର୍ତ୍ତିଗଲେ ପରିବାର ଲୋକେ

କଟକ,୩।୧(ସଂଚାର ବ୍ୟୁରୋ): ଏକଦା ଅନ୍ତର୍ଜାତୀୟ ପ୍ରତିଯୋଗିତାର ଗୌରବ ଆଣିବା ସହ ଦୌଡ଼ରାଣୀ ଭାବେ ପରିଚିତ ଦୂତୀ ଚାନ୍ଦଙ୍କ କାର୍ ଆଜି ଦୁର୍ଘଟଣାଗ୍ରସ୍ତ ହୋଇଛି। ସେ ତାଙ୍କ ପରିବାର ଲୋକଙ୍କ ସହ ଆସୁଥିବା ସମୟରେ କଟକର ତ୍ରିଶୂଳିଆ ବ୍ରିଜ୍ ନିକଟରେ କାର୍‌ଟି ଦୁର୍ଘଟଣାର ଶିକାର ହୋଇଛି। କାର୍‌ର ଗୋଟିଏ ଚକ ହଠାତ୍ ଫାଟିଯିବାରୁ ଏହା ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ନିର୍ମାଣାଧୀନ ଡିଭାଇଡର ସହ ପିଟି ହୋଇଥିଲା। ଫଳତଃ କାର୍‌ର ଅଗ୍ରଭାଗ ଭାଙ୍ଗିଚୁରି ଯାଇଛି। କିନ୍ତୁ ସୌଭାଗ୍ୟବଶତଃ ଦୂତୀ କି ତାଙ୍କ ପରିବାରର କୌଣସି ସଦସ୍ୟଙ୍କର କିଛି ବି କ୍ଷତି ହୋଇନାହିଁ।

ଧର୍ମପରାୟଣାଙ୍କ ପରଲୋକ



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ପାଟକୁରା ନିର୍ବାଚନ ମଣ୍ଡଳୀର ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଞ୍ଚାକୁଡା ପଞ୍ଚାୟତର ବାସିନ୍ଦା ତଥା ଭୁବନେଶ୍ୱରରେ ରହୁଥିବା ନିର୍ମଳା ମହାନ୍ତିଙ୍କର ଗତକାଲି ରାତିରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ବିଜେପି ନେତା ସନ୍ଦୀପ ମହାନ୍ତି ମୁଖାଗ୍ନି ଦେଇଥିଲେ। ଶ୍ମଶାନରେ ସାନ ପୁଅ ଜୟଦୀପ, ଝିଅ ସସ୍ମିତା ମହାନ୍ତି ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ସ୍ୱର୍ଗତଃ ସ୍ୱାମୀ ବରୋଦା ପ୍ରସନ୍ନ ମହାନ୍ତି ଭୁବନେଶ୍ୱର ବ୍ଲକ୍‌ରେ ସବ୍‌ଡିଭିଜନାଲ୍ ଅଫିସର ଭାବେ କାର୍ଯ୍ୟ କରୁ ଥିଲେ। ତାଙ୍କ ବିୟୋଗରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମାନସ ମହାନ୍ତି, ବିରଞ୍ଚି ତ୍ରିପାଠୀ ଓ ସରୋଜ କର, ସାରଦା ପ୍ରସାଦ ଶତପଥୀ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି।

ମହିଳା ବିଡିଓଙ୍କୁ ସଂଘବଦ୍ଧ ଆକ୍ରମଣ ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ବିଜେପି କର୍ମୀଙ୍କ ଦାଦାଗିରି ଓ ବିଡିଓଙ୍କୁ ସଂଘବଦ୍ଧ ଆକ୍ରମଣକୁ ବିଜେଡି ଦୃଢ଼ ନିନ୍ଦା କରିଛି। ବିଜେପି ସରକାର ରାଜ୍ୟରେ ଶାସନ ଭାର ଗ୍ରହଣ କରିବା ପରଠାରୁ ଆଇନଶୃଙ୍ଖଳା ବ୍ୟବସ୍ଥା ନିମ୍ନଗାମୀ ହେଉଛି ବୋଲି ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ରାଜନଗରର ମହିଳା ବିଡିଓଙ୍କୁ ୪୦ରୁ ଅଧିକ ବିଜେପି କର୍ମୀ ଘେରିଯାଇ ଆକ୍ରମଣ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର। ଏପରିକି ତାଙ୍କୁ ଜୀବନରେ ମାରିବାକୁ ରାଜନଗର ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା ଉଦ୍ୟମ କରିଥିଲେ। କର୍ମୀମାନେ କଂପ୍ୟୁଟର ଛଡାଇ ନେବାରୁ ମହିଳା ବିଡିଓ ରକ୍ଷା ପାଇଯାଇଛନ୍ତି। ଶ୍ରୀ ବେହେରାଙ୍କ ସହ ୪୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ ଅଫିସରେ ପଶି ହଙ୍ଗାମା କରିଥିଲେ। ଏପରିକି ତାଙ୍କ କଥାରେ କାମ କରିବାକୁ ବିଡିଓଙ୍କୁ ଧମକ ଦେଇଥିଲେ। ତେବେ ବିଡିଓ ସରକାରୀ ନିୟମ ଅନୁଯାୟୀ କାମ ହେବ ବୋଲି କହିବାରୁ ତାଙ୍କୁ ଆକ୍ରମଣ କରାଯାଇଛି। ଏପରିକି ତାଙ୍କ କଥାରେ କାମ ନ କଲେ ପରିସ୍ଥିତି ଭୟଙ୍କର ହେବ ବୋଲି ବିଡିଓଙ୍କୁ ବିଧାୟକ ଧମକ ଦେଇଛନ୍ତି। ସିସିଟିଭିରେ ସବୁକିଛି କଏଦ ହୋଇଛି। ଏ ସମ୍ପର୍କରେ ବିଡିଓ ଜିଲ୍ଲାପାଳଙ୍କୁ ଅବଗତ କରିଥିବା ବେଳେ ଜଣେ ମହିଳା ସହ ସରକାରୀ କର୍ମଚାରୀଙ୍କୁ ଏପରି ଅମାନବୀୟ ଆଚରଣକୁ ଡ. ମହାନ୍ତି ନିନ୍ଦା କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଗତବର୍ଷ ଜୁନ୍ ୩୦ରେ ବିଏମ୍‌ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର୍ ରତ୍ନାକର ସାହୁଙ୍କ ଭଳି ଜଣେ ଓଏଏସ୍‌ଙ୍କୁ ନିର୍ମମ ମାଡ଼ ମରାଯାଇଥିଲା। ଏହା କଦାପି ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଡ. ମହାନ୍ତି କହିଛନ୍ତି।

ଧାନସଂଗ୍ରହ ଦେୟ ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ

୨.୭୧ ଲକ୍ଷ ଚାଷୀଙ୍କ ଭିତରୁ ଦେୟ ପାଇଛନ୍ତି ୧.୮୫ ଲକ୍ଷ

ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ସମ୍ପ୍ରତି ରାଜ୍ୟର ୧୮ଟି ଜିଲ୍ଲାରେ ଧାନ ସଂଗ୍ରହ ଜାରି ରହିଛି। ଅଦ୍ୟାବଧି ୨ ଲକ୍ଷ ୭୧ ହଜାର ୩୧୮ ଜଣ ଚାଷୀ ମଣ୍ଡିରେ ଧାନବିକ୍ରି କରିଛନ୍ତି। ସେମାନଙ୍କ ମଧ୍ୟରୁ ଏକ ଲକ୍ଷ ୮୫ ହଜାର ୮୨୦ ଜଣ ଚାଷୀଙ୍କ ଆକାଉଣ୍ଟକୁ ବିକ୍ରି ରାଶି ପ୍ରଦାନ କରାଯାଇଛି। ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଏହି ଅର୍ଥରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଅଦ୍ୟାବଧି ସର୍ବନିମ୍ନ ସହାୟତା ମୂଲ୍ୟ ବାବଦକୁ ୨୨୪୭ କୋଟି ୫୨ ଲକ୍ଷ ଟଙ୍କା ଓ ଇନ୍‌ପୁଟ ସହାୟତା ରାଶି ବାବଦରେ ୬୯୩ କୋଟି ୫୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଚାଷୀମାନଙ୍କୁ ସେମାନଙ୍କ ଦେୟ ପ୍ରଦାନ ପାଇଁ ଆଧାର ସଂଯୁକ୍ତ ଦେୟ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ୟାଡି ପ୍ରୋକ୍ୟୁରମେଣ୍ଟ ଅଟୋମେସନ୍ ସିଷ୍ଟମ୍ ସହ ସଂଯୁକ୍ତ ପ୍ରକୃତ ଚାଷୀମାନଙ୍କୁ ସେମାନଙ୍କ ଦେୟ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଏ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଆଜି ପର୍ଯ୍ୟନ୍ତ ମାତ୍ର ଏକ ପ୍ରତିଶତରୁ କମ୍ ଚାଷୀ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଞ୍ଚାର

୪ ରବିବାର ୪ ଜାନୁଆରୀ ୨୦୨୬, ଭୁବନେଶ୍ୱର

Sunday 4 January 2026, Bhubaneswar

ସଚ୍ଚ ମଣିଷ ପାଟକୁରା ଗାନ୍ଧୀ ରାଜକିଶୋର ନାୟକ

ନିରାକାର ଦାସ

ତେଣ୍ଡାକୁଡ଼ା ପରେ ସେବା, ତ୍ୟାଗ ଓ କରିବ୍ୟ ନିଷ୍ଠାର ମୂର୍ତ୍ତିମନ୍ତ ପ୍ରତୀକ ରାଜକିଶୋର ନାୟକ ଥିଲେ ଗନ୍ଧୀ ଯୁଗର ଶେଷ ସଚ୍ଚା ଗାନ୍ଧିଜୀ, ବିନୋବା ଭାବେ, ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ର ଜୀବନରୁ ଦେଶସେବା ପ୍ରତି ସମର୍ପିତ ହୋଇଥିଲେ। ୧୯୩୪ ମସିହା ମେ ମାସ ୨୬ ତାରିଖ ଦିନ ମହାତ୍ମା ଗାନ୍ଧୀଜୀ ପଦଯାତ୍ରାରେ ସଲାର ପଡ଼ିଆରେ ପହଁଚିଥିଲେ। ନଅବର୍ଷ ବୟସର ରାଜକିଶୋର, ସ୍ୱାଧୀନତା ସଂଗ୍ରାମୀ ପୁରୁଷୋତ୍ତମ ନାୟକଙ୍କ ସହ ଗାନ୍ଧୀଙ୍କୁ ଦର୍ଶନ କରିବା ସହ କଥା ମଧ୍ୟ ହୋଇଥିଲେ। ଲୁଚି ଲୁଚି ବାନର ସେନାରେ ମଧ୍ୟ କାର୍ଯ୍ୟ କରିଥିଲେ। ୧୯୫୫ ମସିହାରେ ବିନୋବାଜୀଙ୍କର ତେଣ୍ଡ ଆଗମନକୁ ସ୍ୱାଗତ କରିବା ସହ ଭୁଦାନ ଓ ସର୍ବୋଦୟରେ ଖୁବ୍ ନୀତିନିଷ୍ଠ ଭାବେ କାର୍ଯ୍ୟ କରିଥିଲେ। ୧୯୬୬ରେ ବିଜୁବାବୁଙ୍କ ପରାମର୍ଶରେ ଶିକ୍ଷକତା ଛାଡ଼ି ରାଜନୀତିରେ ଯୋଗଦାନ କରିଥିଲେ। ୧୯୭୧ ମସିହାରେ ଉତ୍କଳ କଂଗ୍ରେସ ଟିକେଟ୍ରେ ପାଟକୁରାରେ ବିଧାୟକ ହୋଇଥିଲେ। ଏହି ମହାନ୍ ଜନନାୟକଙ୍କ ଜୀବନ ଚର୍ଯ୍ୟା ଥିଲା ଖୁବ୍ ସାଧନ ଧନାମୟ ଓ ତ୍ୟାଗପୂର୍ଣ୍ଣ। ରାଜନୀତିରେ ଥାଇ ବି ଜଣେ ସନ୍ନ୍ୟାସୀର ଜୀବନ ବିତାଉଥିଲେ। ରାଜର୍ଷି ଜନକଙ୍କ ପରି ସମ୍ପଦ ମଧ୍ୟରେ ଥାଇ ବି ତାଙ୍କୁ ସମ୍ପଦ ସ୍ପର୍ଶ କରି ନଥିଲା। କ୍ଷମତା ମଧ୍ୟରେ ଥାଇବି କ୍ଷମତାର ଗନ୍ଧ ତାଙ୍କ ଦେହରେ ବାଜି ନଥିଲା । କଠୋର କର୍ତ୍ତବ୍ୟନିଷ୍ଠା, ନୀତିନିଷ୍ଠ ରାଜନୈତିକ ବିଚାରଧାରାର କଷଟି ପଥରରେ ଘଷି ହୋଇ ତାଙ୍କ ଜୀବନ ମାନବବାଦର ଏକ ଉତ୍ତୁଙ୍ଗ ଶିଖରରେ ପହଁଚି ପାରିଥିଲା। ରାଜତନ୍ତ୍ରରେ ରାଜନୀତି ଭୋଗ୍ୟବାଦ ଉପରେ ପ୍ରତିଷ୍ଠିତ ଥିଲା। ପ୍ରାବୁର୍ଯ୍ୟର ପ୍ରାଚୀ ପାହାଡ଼ ଶିଖରରେ ରାଜାଙ୍କ ସିଂହାସନ ପ୍ରତିଷ୍ଠା ହେଉଥିଲା। ୧୮୪୮ ମସିହାରେ ମହାନ ଦାର୍ଶନିକ କାର୍ଲମାର୍କ୍ସ ଦ୍ୱାରା କମ୍ୟୁନିଷ୍ଟ ମେନିଫୋସ୍କୋ ଜନ୍ମ ନେଲାପରେ ରାଜନୀତି ଭୋଗବାଦ ଓ ପ୍ରାବୁର୍ଯ୍ୟ ପ୍ରହରଣ ମୁକ୍ତହେଲା। ୧୯୧୭ ମସିହାରେ ରୁଷିଆ ବିପ୍ଳବ ପରେ ଲେନିନ୍ ପ୍ରମାଣ କରି ଦେଖେଇଦେଲେ ସାରା ବିଶ୍ୱକୁ ଯେ ଭୋଗ ବଦଳରେ ତ୍ୟାଗ, ତିତିକ୍ଷା ଦ୍ୱାରା କିଭଳି ରାଜନୀତି, ରାଜ୍ୟ ଶାସନ କରିହୁଏ। ବ୍ୟକ୍ତି ସମ୍ପତ୍ତି ହୀନ ଓ ବ୍ୟକ୍ତି ସମ୍ପତ୍ତି ଚେତନା ବିହୀନ ମାନବବାଦ ହିଁ ସାମ୍ୟବାଦ ଯାହା ରାଜକିଶୋର ନାୟକ ତାଙ୍କ ସମଗ୍ର ଜୀବନରେ ପ୍ରମାଣ କରି ଦେଖେଇ ଯାଇଛନ୍ତି। ରାଜନୀତି ଭୋଗ, ବିଳାସ ଓ ପ୍ରାବୁର୍ଯ୍ୟରେ ନଥାଏ। ରାଜନୀତି ତ୍ୟାଗ ଓ ମାନବସେବାରେ ଥାଏ ବୋଲି ସେ ଦୁଇ ଦୁଇ ଥର ବିଧାୟକ, ଦୁଇଥର ଖଦୀ ବୋର୍ଡ ଚେୟାରମ୍ୟାନ, ବ୍ଲକ୍ ଚେୟାରମ୍ୟାନ୍ ଇତ୍ୟାଦି



ରାଜନୈତିକ ପଦପଦବୀରେ ଅଧିଷ୍ଠିତ ଥାଇ ପ୍ରମାଣିତ କରିଯାଇଛନ୍ତି। ତାଙ୍କୁ ସମ୍ପଦର ମୋହ ଜମା ସ୍ପର୍ଶ କରି ନଥିଲା। ନିଜ ପତ୍ନୀଙ୍କର ଅଳଙ୍କାର ବିକ୍ରି କରି ଜଣେ ଇଞ୍ଜିନିୟର ଛାତ୍ରର ପାଠପଢା ଖର୍ଚ୍ଚ ଦେଇଥିଲେ। ଦରମା ପଇସାରୁ ଗ୍ରାମର ଦଳିତ, ନିଷ୍ପେସିତ ମଣିଷଙ୍କୁ ଆବଶ୍ୟକସ୍ଥଳେ ସାହାଯ୍ୟ କରୁଥିଲେ। ଏପରିକି ତାଙ୍କ ପେନ୍ସନ୍ ପଇସାରୁ ଅଧା ନିଜେ ପ୍ରତିଷ୍ଠା କରିଥିବା ଅସୁରେଶ୍ୱର ଗୋରକ୍ଷଣୀକୁ ଦେବା ସହ ଆଉ କିଛି ଟଙ୍କା ଗରୀବ ଲୋକଙ୍କୁ ଦେଉଥିଲେ। ଏପରିକି ତାଙ୍କ ସୁପୁତ୍ର ପ୍ରାକ୍ତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ରାଜନୀତିକ ବିରୋଧକୁ ମଧ୍ୟ ଅର୍ଥ ପ୍ରଦାନ କରୁଥିଲେ। ପଚାରିଲେ କୁହନ୍ତି – "ମଣିଷ କେବେ ବି ମଣିଷର ଶତ୍ରୁ ନୁହେଁ। ମଣିଷ ଜନ୍ମ ହେଉଛି ମଣିଷର ଉପକାର ପାଇଁ। ସଂକୀର୍ଣ୍ଣ ରାଜନୀତିରେ ଶତ୍ରୁମିତ୍ର ଥାଇପାରନ୍ତି। କିନ୍ତୁ ତା'ଠାରୁ ଉର୍ଦ୍ଧ୍ୱକୁ ଗଲେ, ସାରାଜଗତ ଗୋଟିଏ ପରିବାର।"ଏପରିକି ନିଜ ପୁଅ ଓ ଝିଅମାନଙ୍କୁ କିଛି ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ଦାୟିତ୍ୱ ପ୍ରଦାନ କରିଥିଲେ। ପିଲାମାନେ ପୂଜା ପାର୍ବଣରେ ନୂଆ ପୋଷାକ ପିନ୍ଧିବାକୁ ଅଳି କଲେ, ସେ ବୁଝାନ୍ତି – "ଗାଁର ସବୁ ଘରର ପିଲା ଯେଉଁଦିନ ନୂଆ ପିନ୍ଧି ପାରିବେ, ତମେ ସେହିଦିନ ପିନ୍ଧିବ। ତମେ ନୂଆ ପିନ୍ଧିବ, ଅଥଚ ଗରିବ ପିଲାଟିଏ ଛିଣ୍ଡାଫଟା ପିନ୍ଧିବ, ତୁମକୁ ଭଲ ଲାଗିବ କି?" ଏହିଭଳି ସନ୍ନ୍ୟାସ ମାନସିକତାର ମଣିଷଟିଏ ଥିଲେ ରାଜକିଶୋର ନାୟକ। ନିଜେ ଧୋତି ଓ ଚାଦର ପିନ୍ଧି ସାରା ଜୀବନ ବିତେଇ ଦେଲେ। ପାଟକୁରାର ବିଧାୟକ ଥାଇ ବି ଦିନେ ଅଯଥା ଖର୍ଚ୍ଚ କରି ନାହାନ୍ତି କି ଆମୋଦ ପ୍ରମୋଦରେ ଜୀବନ କାଟିନାହାନ୍ତି। ସବୁବେଳେ ସେ କହୁଥିଲେ, "ତମଠୁ ତଳେ ଥିବା ଲୋକଟିକୁ ଚାହିଁ, ଦେଖିବ ଭଗବାନ ତୁମକୁ କେତେ ସୁଖରେ ରଖିବେ।" ଖଦୀ ବୋର୍ଡର ଅଧକ୍ଷ ଥାଇ ବି ବ୍ୟକ୍ତିଗତ କାର୍ଯ୍ୟରେ ଦିନେ ସରକାରୀ ଗାଡ଼ି ବ୍ୟବହାର କରିନାହାନ୍ତି। ରାଜଧାନୀରେ ଜାଗାଟିଏ କିଣି ପାରିନାହାନ୍ତି। ପୂର୍ବତନ ବିଧାୟକମାନଙ୍କୁ ରାଜଧାନୀରେ ଖଣ୍ଡିଏ ଖଣ୍ଡିଏ ଜମି ପ୍ରଦାନ କରିବା ନିମିତ୍ତ ସରକାର ନିଷ୍ପତ୍ତି ଗ୍ରହଣ କଲେ। ତଦନୁସାରେ ପୂର୍ବତନ ବିଧାୟକ ଭାବେ ତାଙ୍କ ନାମରେ ମଧ୍ୟ ଖଣ୍ଡିଏ ଜାଗା ଆବଂଟନ କରାଗଲା। ମାତ୍ର ୨୫୦୦ଟଙ୍କା ଯୋଗାଡ଼ କରିପାରିଲେନି। ଶିକ୍ଷକ, ବ୍ଲକ୍ ଚେୟାରମ୍ୟାନ, ଦୁଇଥର ବିଧାୟକ, ଦୁଇଥର ଖଦୀବୋର୍ଡ ଚେୟାରମ୍ୟାନ୍ ଅଥଚ ବର୍ଷେ ପର୍ଯ୍ୟନ୍ତ ଏତକ ଅର୍ଥ ଯୋଗାଡ଼ କରିପାରିଲେନି। ଅବିଶ୍ୱସନୀୟ ହେଲେ ବି କଥାଟି ସତ୍ୟ। ଡକ୍ଟର ବେଣୁଧର ପ୍ରଧାନ ଏଭଳି ଅବସ୍ଥା ଜାଣି ଧାର ସୂତ୍ରରେ ତାଙ୍କୁ ଜୋର ଜବରଦସ୍ତ ସେତିକି ଅର୍ଥ ଦେଇ ତାଙ୍କ ନାମରେ ଜମିଟି କରାଇଥିଲେ। ଏହା ହେଉଛି ବ୍ୟକ୍ତି ସମ୍ପତ୍ତି ନଥିବା ଓ ବ୍ୟକ୍ତି ସମ୍ପତ୍ତିର ମୋହ ନଥିବା ଜଣେ ସନ୍ନ୍ୟାସୀର ଜୀବନଚର୍ଯ୍ୟା। ବାସ୍ତବରେ ଦେଖୁଲେ ସେ ଥିଲେ ଜଣେ ପ୍ରକୃତ ସାମ୍ୟବାଦୀ। ଜାତି, ଧର୍ମ, ବର୍ଣ୍ଣ, ଦଳ, ବାଦ, ବିବାଦ ସବୁଠୁ ଉର୍ଦ୍ଧ୍ୱରେ ରହି ସେ ମଣିଷକୁ ଭଲ ପାଉଥିଲେ।

୧୯୨୫ ମସିହା କାର୍ତ୍ତିକ ପୂର୍ଣ୍ଣିମା ଦିନ ପାଟକୁରାଥାନା ଅନ୍ତର୍ଗତ ଅରିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଏହି ତ୍ୟାଗପୂତ ମହାପୁରୁଷ, ପୂର୍ଣ୍ଣ ପ୍ରାଣରେ ଗରିବ ମଣିଷଙ୍କ ସେବା ସହ ପଶୁ, ପକ୍ଷୀଙ୍କ ସେବାରେ ବି ଭଣା କରିନାହାନ୍ତି, ଅସୁରେଶ୍ୱର ଗୋରକ୍ଷଣୀ ପ୍ରତିଷ୍ଠା କରି ପରିତ୍ୟକ୍ତ ଗାଈ ବଳଦମାନଙ୍କୁ ରଖି ତାଙ୍କର ସେବା କରୁଥିଲେ। ସେବାର ସେ ଥିଲେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ। ଉଚ୍ଚାରଣ ଓ ଆଚରଣରେ ଅଭିନ୍ନ କର୍ମଯୋଗୀ, କ୍ରାନ୍ତିକାରୀ କର୍ମବୀର, ଗୁରୁପ୍ରାଣ ଯୋଗୀ, ଗାନ୍ଧୀଯୁଗର ଶେଷ ସଚ୍ଚ, ଭବିଷ୍ୟ ଦ୍ରଷ୍ଟା, ସ୍ଥିତପ୍ରଜ୍ଞ ମାନବବାଦୀ, ଦୟା, ପ୍ରେମ ଓ କରୁଣାର ଶୁଦ୍ଧପୂତ ମଣିଷ ରାଜକିଶୋର ନାୟକଙ୍କ ଜୀବନ ଦର୍ଶନ ଆଜିର ସମସ୍ତ ରାଜନେତାମାନଙ୍କ ପାଇଁ ପ୍ରେରଣାର ଉତ୍ସ। ଏହି ମହାନ ଜନନାୟକ ୨୦୧୦ ମସିହା ଆଜିର ଦିନରେ ଇହଧାମ ତ୍ୟାଗ କରିଥିଲେ।

ଅବସରପ୍ରାପ୍ତ ବରିଷ୍ଠ ଜନସମ୍ପର୍କ ଅଧିକାରୀ
ପୂର୍ବତଟ ରେଳପଥ, ଭିଲ୍ଲା -୧, ଫେଜ-୨
ଏସ୍ୱିଟି ଇଷ୍ଟସ୍ ଭ୍ୟାଲୀ, , ରଘୁନାଥପୁର, ଭୁବନେଶ୍ୱର - ୭୫୧୦୨୪
ମୋବାଇଲ୍: ୯୪୩୭୦ ୧୩୧୩୯

ଓଡ଼ିଶା ରାଜନୀତି ରଙ୍ଗମଞ୍ଚର ଦଧୀଚି

ହେମନ୍ତ କୁମାର ଦାସ

ପ୍ରଥମରୁ କହି ରଖେ, ସ୍ୱର୍ଗତ ରାଜକିଶୋର ନାୟକଙ୍କ ସହିତ ମୋ ବ୍ୟକ୍ତିଗତ ପରିଚୟ ପରିସର ଏକେ ତ ସୀମିତ, ସେଥରେ ପୁଣି ଏମିତି କିଛି ନିବିଡ଼ତା ମଧ୍ୟ ନଥିଲା। ଏହା ସତ୍ତ୍ୱେ ଗୋଟିଏ ଦିନର ଏକ ଅପାସୋରା ଘଟଣାକୁ ପ୍ରତ୍ୟକ୍ଷ କରି ରାଜୁବାବୁଙ୍କୁ ମୁଁ ଜଣେ ଆଦରଣୀୟ ଓ ପ୍ରଣମ୍ୟ ପୁରୁଷର ମର୍ଯ୍ୟାଦା ଦେଇଆସିଛି। ସେହିଦିନୁ ଏହି ସରଳ, ନିରୀହ, ନିରହଂକାର, ସ୍ୱଳ୍ପଭାଷୀ ଓ ନୀତିନିଷ୍ଠ ମଣିଷଟି ମୋ ପାଇଁ ଏକ ଅନବଦ୍ୟ ସ୍ମୃତି ପାଲଟିଯାଇଥିଲେ। ଏହି ଆଣ୍ଠୁଲୁଚା ଖଦୀପିନ୍ଧା, ଖର୍ବକାୟ, ବିନୟୀ ଓ ମିଷ୍ଟଭାଷୀ ରାଜୁବାବୁଙ୍କ ଦେହାବସାନ ସମ୍ବାଦ କାହାରି ପାଇଁ ଅପ୍ରତ୍ୟାଶିତ ନଥିଲେ ମଧ୍ୟ ମୋ ପାଇଁ ବ୍ୟକ୍ତିଗତ ଭାବେ ବ୍ୟଥାଦାୟକ ଥିଲା। ଭାବିଥିଲି ଔପଚାରିକତା ରକ୍ଷା କରିବାକୁ ତାଙ୍କ ସୁଯୋଗ୍ୟ କନିଷ୍ଠ ପୁତ୍ର ଶ୍ରଦ୍ଧେୟ ଅତନୁଙ୍କୁ ଫୋନ ମଧ୍ୟରେ ସମ୍ବେଦନା ଜଣାଇ କର୍ତ୍ତବ୍ୟ ଶେଷ କରିଦେବି। ମନ ବୁଝିଲା ନାହିଁ ଭାବିଲି, ନା, ବରଂ ଆଜି ସୁଦ୍ଧା ମନର କେଉଁ କୋଣରେ ସାଇତା ହୋଇ ରହିଥିବା ସେହି ଅଭୁଲା ସ୍ମୃତିଟିକୁ ବ୍ୟକ୍ତ କରିପାରିଲେ ସେହି ଅଭୁଲା ଆତ୍ମା ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ। ଏହି ସ୍ମୃତି ଲେଖାଟି ହେଉଛି ସେହି ସ୍ମୃତିର ଏକ ରୋମନ୍ଥନ।

୧୯୭୭ ମସିହା ଶେଷ ଚଉଠର କଥା। ଜରୁରୀକାଳିନ ପରିସ୍ଥିତିରେ ଅପ୍ରତ୍ୟାଶିତ ଅବସାନ ଦେଶର କୋଣ ଅନୁକୋଣରେ ଝଡ଼ ଶେଷରେ ଏକ ବିମୃଢ଼ ଭାବ ଦେଇଥାଏ। ବହୁଧା ବିଭକ୍ତ ବିରୋଧୀ ଅଣକଂଗ୍ରେସ ଏବଂ ଅଣବାମପନ୍ଥୀ ଦଳଗୁଡ଼ିକ ଏକତ୍ର ସଂଗଠିତ ହୋଇନଥାନ୍ତି। ପରିସ୍ଥିତିର ଫାଇଦା ନେବାକୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଅତର୍କିତ ଭାବେ ସାଧାରଣ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିଦେଲେ। ସର୍ବତ୍ର ରାଜନୈତିକ କ୍ରିୟାକଳାପ ଆରମ୍ଭ ହୋଇଗଲା। ଲୋକନାୟକ ଜୟପ୍ରକାଶଙ୍କ ପରାମର୍ଶକୁ କେନ୍ଦ୍ରକରି ଗଢ଼ାହେଲା ଜନତା ପାର୍ଟି। ଜନତା ପାର୍ଟିର ଅନ୍ୟତମ ମୁଖ୍ୟ ବନ୍ଧାଣୀ ବିଜୁ ପଟ୍ଟନାୟକ ଓଡ଼ିଶା ଶାଖାର ପାର୍ଟି ସଭାପତି ଏବଂ ଦଳର ସର୍ବୋଚ୍ଚ ସର୍ବମାନ୍ୟ କର୍ଣ୍ଣଧାର ହେଲେ। ଜନତା ପାର୍ଟି ନୀତି ନିର୍ଦ୍ଧାରଣ କରିଥାଏ। ପୁରୁଖା ଅଭିଜ୍ଞ ଦକ୍ଷ ରାଜନେତାଙ୍କ ସହିତ ଆବଶ୍ୟକ ଯୋଗ୍ୟତା ରହିଥିବା ମିସା ବନ୍ଦୀଙ୍କୁ ମଧ୍ୟ ବିବେଚନା ପରିସରରେ ରଖି ଦଳୀୟ ଟିକେଟ୍ ଦିଆଯିବ। ଦୁଇ ଦୁଇ ମିସାବନ୍ଦୀ ହୋଇ ଅଶେଷ ଯାତନା ଭୋଗିଥିବା ଯାଜପୁରର ଦୁର୍ଦ୍ଦମନୀୟ ଯୁବ ନେତା ଅଶୋକ ଦାସ ସେତେବେଳେକୁ ଓଡ଼ିଶା ଯୁବଶକ୍ତିର ପ୍ରତୀକ ପାଲଟି ଯାଇଥାନ୍ତି। ପ୍ରଥମ ଦଫାରେ ତାଙ୍କୁ କୋରେଇ ନିର୍ବାଚନ ମଣ୍ଡଳୀ ପାଇଁ ଟିକେଟ୍ ଦିଆସରିଥାଏ। ସିଏ ମୋର ଅତି ଅନ୍ତରଙ୍ଗ ଅନୁଜତମ ସାନ ସଢୁଭାଇ। ୟୁନିଟ୍- ୧ରେ ୨୮/୧ ସରକାରୀ କ୍ୱାର୍ଟରରେ ମୁଁ ଏବଂ ମୋ ପରିବାର ରହୁଥିଲୋ। ସେହି କ୍ୱାର୍ଟର ଜାପ୍ରିଦିଆ ବାହାର ବାରଣ୍ଡା ଖଞ୍ଜକ ଥିଲା ଅଶୋକ ବାବୁଙ୍କ ବାସସ୍ଥାନ ରାଜନୀତିର ଖୋଲା ଆଖଡ଼ାଘର। ତାଙ୍କ ସାହାଯ୍ୟରେ ଟିକେଟ୍ ଯୋଗାଡ଼ କରିବାକୁ ନୂଆ ପୁରୁଣା ଯୁବକ, ପୌଢ଼ ଏବଂ ବୃଦ୍ଧ ନେତାମାନେ ସେହି ସ୍ଥାନକୁ ଦିନରାତି ଧାଡି ଲଗାଉଥାନ୍ତି। ସତେ ଯେମିତି ସଭାପତି ବିଜୁବାବୁ ନୁହଁନ୍ତି, ଅଶୋକ ଦାସ ହିଁ ଟିକେଟ୍ ବାଣ୍ଟୁଛନ୍ତି। ମୋ ସରକାରୀ ଫୋନ୍ଟିକୁ ବିଶ୍ରାମ ମିଳୁ ନଥାଏ। ସେଦିନ ଛୁଟି ଦିନ ଥିଲା ନା ମୁଁ ଅଫିସରୁ ଛୁଟି ନେଇଥିଲି, ମୋର ମନେ ନାହିଁ। ଦିନ ପ୍ରାୟ ସାଢ଼େ ବାରଟା ହେବ। ଅଶୋକ ବାବୁ ଓ ମୁଁ ଦୁହେଁ ଭିତରପଟ ବାରଣ୍ଡାରେ ଖାଇ ବସିଛୁ। ଦୁଇ ଚାରି ଗୁଣ୍ଡା ପାଟିକୁ ନେଇଛୁ କି ନାହିଁ, ବାହାରେ କିଛି ଲୋକଙ୍କର ଅନୁଚ୍ଚ ସ୍ୱର ଶୁଭିଲା। କେହି ଜଣେ କାନ୍ଦୁଥିବାରୁ ଅନ୍ୟମାନେ ତାଙ୍କୁ ପ୍ରବୋଧନା ଦେଉଥିଲେ । ଖାଇବା ଛାଡ଼ି ହାତ ନ ଧୋଇ ଅଶୋକ ବାବୁ ବାହାରକୁ ଚାଲିଗଲେ। ଧମକାଇବା ସ୍ୱରରେ ପଚାରିଲେ, କଣ ହେଲା ଆରେ କହ। ମାଇଚିଆଙ୍କ ପରି କାନ୍ଦୁଛୁ କାହିଁକି ? କୌତୁହଳବଶତଃ ମୁଁ ଖାଇବା ଛାଡ଼ି ଉଠିଗଲି। ଶ୍ରୀକାନ୍ତ ଜେନା କଇଁ କଇଁ ହୋଇ କାନ୍ଦୁଥାଆନ୍ତି। କୋହ ଉଠୁଥିଲବାରୁ କିଛି କହିପାରୁ ନଥାନ୍ତି। ଅଶୋକବାବୁଙ୍କ ଗୋଟିଏ ଧମକରେ କାନ୍ଦ ବନ୍ଦ କରି କହିଲେ, ମୋର ଟିକେଟ୍ ହେଲା ନାହିଁ। ପହଲି ମଲ୍ଲିକ ପା ପାଇଲେ।

"ତୁ ବିଜୁବାବୁଙ୍କୁ ଦେଖା କରିଥିଲୁ ?" "ହଁ, କହିଥିଲି। କହିଲେ ଏଥର ନୁହେଁ, ଅପେକ୍ଷା କର ଆରଥରକୁ।" ଅଶୋକଙ୍କ ଧୈର୍ଯ୍ୟଚ୍ୟୁତ ଲକ୍ଷଣ ପ୍ରକାଶ ପାଇଲା, "ଆଚ୍ଛା ତତେ ନ ଦେଇ ପହଲି ମଲ୍ଲିକକୁ ଦେଲେ। ଠିକ୍ ଅଛି। ଘର ଭିତରକୁ ଧାଇଁ ଯାଇ ହାତ ପାଟି ଧୋଇ ବାହାରି ପଡ଼ିଲେ। ଏହାପରେ ପୁରୁଣା ଜପିରେ ବସିପଡ଼ି ଶ୍ରୀକାନ୍ତକୁ ବସିବାକୁ କହିଲେ। ଗାଡ଼ି ବାହାରିଗଲା ପରେ ଆମେ ସବୁ ଅପେକ୍ଷା କରି ରହିଲୁ ପରିଣାମକୁ।

ପ୍ରାୟ ଦୁଇ ଘଣ୍ଟା ପରେ ଫେରିଆସି ଅପେକ୍ଷାରତ ସମସ୍ତଙ୍କୁ ବିଜୁ ବାବୁଙ୍କ ସହିତ ଯାହା କଥା କଟାକଟି ହେଲା, ତାହା ଉତ୍ତେଜନାଭରା ସ୍ୱରରେ ଶୁଣାଇଲେ। ଅଶୋକଙ୍କୁ ଦେଖୁ ବିଜୁବାବୁ ଧମକାଇବା ସ୍ୱରରେ ପଚାରିଲେ, "ତୁମେ ଟିକେଟ୍ ପାଇଛ, କୋରେଇ ନ ଯାଇ ଏଠି କ'ଣ କରୁଛ? " ଅଶୋକବାବୁ ବିଜୁବାବୁଙ୍କ କଥାର ଉତ୍ତର ନଦେଇ ଉଚ୍ଚସ୍ୱରରେ ପ୍ରଶ୍ନ କଲେ, "ଶ୍ରୀକାନ୍ତ କାହିଁକି ଟିକେଟ୍ ପାଇଲା ନାହିଁ ? " "ବରି ଡେରାବିଶିରୁ ପହଲି ଲଢ଼ିବା"ଅଧୈର୍ଯ୍ୟ ହୋଇ ଅଶୋକ ବାବୁ ଚିତ୍କାରକଲେ, "ଆପଣଙ୍କ ପାଇଁ ଆମେ ଲାଠିମାଡ଼ ସହିବୁ, ଜେଲ ଯିବୁ।"ଆଉ ଗୋଟିଏ ପରେ ଗୋଟିଏ ଦଳର ମନ୍ତ୍ରୀ ହେଉଥିବା ପ୍ରହଲ୍ଲାଦ ମଲ୍ଲିକକୁ ଆପଣ କୋଳରେ ବସାଇବେ। ଏହା ଅନ୍ୟାୟ। ବିଜୁଙ୍କ ଉତ୍ତର, ଅନ୍ୟାୟ ନୁହେଁ। ଶ୍ରୀକାନ୍ତ ଅନଭିଜ୍ଞ ଯୁବକ। ସେ କାମ କରିଚାଲୁ, ଆର ଥରକୁ ନିଶ୍ଚୟ ଟିକଟ ପାଇବ। ଏତିକିରେ ଅଶୋକଙ୍କୁ କ୍ରୋଧିତ ହୋଇ କହିଲେ, "ସାର ଆପଣଙ୍କୁ ମୁଁ କୋରେଇ ଟିକେଟ୍ ଫେରାଇ ଦେଉଛି। ଶ୍ରୀକାନ୍ତକୁ କୋରେଇ ଦିଅନ୍ତୁ। ସେ ନିଶ୍ଚୟ ଜିତିବ। ଏଥର ବି ଟିକେଟ୍ ପାଇବ, ସିଏ ଜିତିବ। ମୁଁ ଏଥର ଲଢ଼ିବି ନାହିଁ।"

ବିଜୁବାବୁ ଏବଂ ଅଶୋକ ଦାସଙ୍କ ମଧ୍ୟରେ ସମ୍ପର୍କ ସେତେବେଳ ସୁଦ୍ଧା ଦାନା ବାନ୍ଧି ନଥାଏ। ବିଜୁବାବୁ ଜାଣିଥାନ୍ତି ଯେ, ଅଶୋକ ହେଉଛି ଦୁର୍ଦ୍ଦମନୀୟ ଏକ ଅବୁଝା ଯୁବକ। ଭାବପ୍ରବଣତାରେ ଭାସିଯାଏ। କ୍ଷମତା ରାଜନୀତି ପାଇଁ ସେ ଏକ ଚମତ୍କାର କଞ୍ଚାମାଲ। ଏପରିସ୍ଥଳେ ଅଶୋକଙ୍କୁ ଅଧିକ ଅସନ୍ତୁଷ୍ଟ ଓ ଉଦ୍ୟକ୍ତ କଲେ ହୁଏତ ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିବା ପରି ଅଘଟଣ ଘଟିଯାଇପାରେ। ତେଣୁ ସ୍ୱର ନରମ କରି କହିଲେ, "ପାଟକୁରା ପାଇଁ ରାଜକିଶୋର ନାୟକଙ୍କୁ ଟିକେଟ୍ ଦେଇଛି। ସେ ଏବେ ଅସୁସ୍ଥ ଅଛନ୍ତି, ଯଦି ତାଙ୍କୁ ମଙ୍ଗେଇ ପାରିବ ଏବଂ ସେ ନିର୍ବାଚନ ଲଢ଼ି ନପାରନ୍ତି, ତେବେ ମୁଁ ପହଲିକୁ ପାଟକୁରା ଆଣି ଶ୍ରକାନ୍ତକୁ ବରି ଡେରାବିଶି ଦେବି। ମୁଁ କିନ୍ତୁ ରାଜୁକୁ ଏ କଥା କରିବାକୁ ବାଧ କରିବି ନାହିଁ।

ଆଶାର ଏହି କ୍ଷୀଣ ଆଲୋକ ଶ୍ରୀକାନ୍ତ ଆଖୁରୁ ଲୁହଧାର ବନ୍ଦ କରିଦେଲା, ହେଲେ ନିରାଶାର କଳାମେଘ ତଥାପି ତାଙ୍କ ମୁଖମଣ୍ଡଳରେ ଢାଙ୍କି ରହିଥାଏ। ସନ୍ଧ୍ୟା ହୋଇ ଆସୁଥାଏ ଚା'କପେ ଖାଇସାରିବା ପରେ କହିଲେ, ଭାଇ ଆସନ୍ତୁ ଗୋଟିଏ ଜାଗାକୁ ଯିବା। କେଉଁଆଡ଼େ ଯିବା ବୋଲି ପ୍ରଶ୍ନ ନ କରି ମୁଁ ଆଉ ଆଉ ଦୁଇ ତିନିଜଣ ତାଙ୍କ ସଙ୍ଗେ ଚାଲିଲୁ। ସ୍ଥାନଟି ବିଷୟରେ ଠିକ ମନେ ପଡୁନାହିଁ। କିନ୍ତୁ ଜିପ୍ଟି ରହିବା ସଙ୍ଗେ ଜଣେ ଖଦଡ଼ ପିନ୍ଧା ଭଦ୍ରବ୍ୟକ୍ତି ହାତଯୋଡ଼ି ଅଶୋକ ବାବୁଙ୍କ ପାଖକୁ ଚାଲିଆସିଲେ। ସେତେବେଳ ପର୍ଯ୍ୟନ୍ତ ମୁଁ ଜାଣିନଥାଏ ସେ କିଏ। ଭିତରକୁ ଯାଇ ଆମେ ତିନିଜଣ ଗୋଟିଏ କାଠ ବେଞ୍ଚରେ ବସିଲୁ। ଭଦ୍ରବ୍ୟକ୍ତି ନିଜେ ବସିଥିବା ପୁରୁଣା କାଠ ଚୌକିଟିକୁ ଅଶୋକଙ୍କୁ ଛାଡ଼ିଦେଇ ଖଞ୍ଜେ ଟୁଲ ଉପରେ ବସିଲେ। ଅତି ବିନମ୍ରୀ ଭଙ୍ଗିରେ କହିଲେ, ମତେ ଆପଣମାନେ କ୍ଷମା କରିବେ, ଚା'ଟିକେ ଦେଇପାରୁ ନାହିଁ। କଥାବାର୍ତ୍ତାରୁ ଠଉରେଇଲି, ସେ ହିଁ ହେଉଛନ୍ତି ପାଟକୁରାର ଜନତା ପାର୍ଟି ପ୍ରାର୍ଥୀ ରାଜକିଶୋର ନାୟକ। ମନେହେଲା ସେତେବେଳକୁ ଅଶୋକ ବାବୁଙ୍କ ଆସିବାର ଉଦ୍ଦେଶ୍ୟ ରାଜୁବାବୁ ଜାଣି ସାରିଥିଲେ। ଅଶୋକବାବୁ କହିଲେ, ସାର କହୁଥିଲେ ଆପଣଙ୍କ ଦେହ ଭଲ ରହୁନାହିଁ। ଆପଣ ଯଦି ନିର୍ବାଚନ ଲଢ଼ନ୍ତି, ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହେବ ନାହିଁକି? ଚିକିତ୍ସା କେଉଁଠି କାହା ପାଖରେ କରୁଛନ

ପ୍ରଦୂଷଣ ନେଇ ସତର୍କ କରାଇଲେ ବିଶେଷଜ୍ଞ

ଦିଲ୍ଲୀ ବାୟୁରେ ବିପଜ୍ଜନକ ସୁପରବଗ୍

ନୂଆଦିଲ୍ଲୀ,୩।୧: ଦିଲ୍ଲୀ-ଏନସିଆରରେ ଶୀତଋତୁରେ ଯେଉଁ ବିଷାକ୍ତ ବାୟୁ ଘୂରି ବୁଲୁଛି ତା' ଭିତରେ ବିପଜ୍ଜନକ ଔଷଧ ପ୍ରତିରୋଧୀ ସୁପରବଗ୍ ରହିଥିବା ଚିହ୍ନଟ କରାଯାଇଛି। ଫଳରେ ପ୍ରଦୂଷଣର ବିଷ ବଳୟକୁ ସାମନା କରୁଥିବା ଦିଲ୍ଲୀବାସୀ ସେମାନଙ୍କ ଅଜାଣତରେ ଆଉ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଅଧୀନ



ସ୍କୁଲ ଅଫ୍ ଏନଭାର୍ନମେଣ୍ଟାଲ ସାଇନସେସ୍ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ନେଚର ପତ୍ରିକାରେ ଏହି ଅଧ୍ୟୟନ ସଂକ୍ରାନ୍ତ ସବିଶେଷ ରିପୋର୍ଟ ପ୍ରକାଶ ପାଇଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ, ବାୟୁରେ ଭାସୁଥିବା ଏହି ସୁପରବଗ ଆଣ୍ଟିବାୟୋଟିକ ପ୍ରତିରୋଧୀ ଷ୍ଟେଫିଲୋକୋକି ବ୍ୟାକ୍ଟେରିଆର ଏକ ପ୍ରତିରୂପ। ଏହି ବ୍ୟାକ୍ଟେରିଆ ଉଭୟ ଘର ଭିତର ଓ ବାହାର ବାୟୁରେ ଠାବ କରାଯାଇଛି । ଶୀତ ସମୟରେ ବାୟୁମଣ୍ଡଳରେ ଏଭଳି ବ୍ୟାକ୍ଟେରିଆଙ୍କ ସଂଖ୍ୟା ବହୁ ଗୁଣରେ ବଢ଼ିଯାଇଥାଏ। ଫଳରେ ଲୋକମାନେ ବିଶେଷକରି ପିଲା, ବୃଦ୍ଧବୃଦ୍ଧା ଏବଂ ଏକାଧିକ ରୋଗରେ ପୀଡ଼ିତ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଆହୁରି ବିପଦ ସୃଷ୍ଟି କରିଛି। ବାୟୁମଣ୍ଡଳରେ ଘୂରି ବୁଲୁଥିବା ଏହି ବ୍ୟାକ୍ଟେରିଆରେ ମେଥିସିଲିନ ପ୍ରତିରୋଧୀ ଷ୍ଟେଫିଲୋକୋକି (ଏମ୍ଆରଏସ୍) ମଧ୍ୟ ସାମିଲ ଅଛି। ଏହା ଏଭଳି ଏକ ବ୍ୟାକ୍ଟେରିଆ ଯାହା ଉପରେ ସାଧାରଣତଃ ବ୍ୟବହାର ହେଉଥିବା ଆଣ୍ଟିବାୟୋଟିକ କାମ କରିନଥାଏ। ଏହାର ଅର୍ଥ ହେଉଛି ଏହି ବ୍ୟାକ୍ଟେରିଆ ଦ୍ୱାରା ହେଉଥିବା ସଂକ୍ରମଣର ଚିକିତ୍ସା କରିବା କଷ୍ଟକର ହୋଇପଡିଥାଏ। ଗବେଷଣା କରିବା ଲାଗି ଦିଲ୍ଲୀ-ଏନ୍ସିଆରର ଭିନ୍ନ ଭିନ୍ନ ସ୍ଥାନରୁ ବାୟୁର ନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ଜଣାପଡ଼ିଥିଲା ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଧାର୍ଯ୍ୟ କରିଥିବା ମାନଠାରୁ ବହୁଗୁଣ ଅଧିକ ସୁପରବଗ ଏଥିରେ ରହିଛି। ଗବେଷକମାନେ ବାୟୁରୁ ଶୁଦ୍ଧ ବ୍ୟାକ୍ଟେରିଆକୁ ପୃଥକ କରିବା ବେଳେ ଜଣାପଡିଥିଲା କି ସେଥିରେ ଥିବା ୭୪ ପ୍ରତିଶତ ବ୍ୟାକ୍ଟେରିଆ ଆଣ୍ଟିବାୟୋଟିକ ପ୍ରତିରୋଧୀ। ସେହିଭଳି ୩୬ ପ୍ରତିଶତ ଔଷଧ ଉପରେ କୌଣସି ପ୍ରଭାବ ଦେଖାଇପାରନ୍ତି ନାହିଁ। ଗବେଷଣା ବେଳେ ଷ୍ଟେଫିଲୋକୋକି ବ୍ୟାକ୍ଟେରିଆର ୮ ପ୍ରଜାତି ଉପରେ ଅଧିକ ବିଶ୍ଳେଷଣ କରାଯାଇଥିଲା।

ବିଶେଷଜ୍ଞମାନେ ସତର୍କ କରାଇଦେଇଛନ୍ତି ଯେ ଯଦି ବାୟୁରେ ଏଭଳି ବ୍ୟାକ୍ଟେରିଆର ସଂଖ୍ୟା ବଢ଼ି ଚାଲିବ ତେବେ ସାଧାରଣ ସଂକ୍ରମଣ ଭବିଷ୍ୟତରେ ଘାତକ ସାବ୍ୟସ୍ତ ହୋଇପାରେ। ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ମଧ୍ୟରୁ ଅନ୍ୟତମ। ଏଠାକାର ବାୟୁ ଗୁଣବତ୍ତା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଧାର୍ଯ୍ୟ କରିଥିବା ମାନଠାରୁ ୭ରୁ ୧୦ ଗୁଣ ଅଧିକ ଖରାପ। ଦୀର୍ଘଦିନ ଧରି ଯଦି ଏଭଳି ବିଷାକ୍ତ ବାୟୁକୁ ଗ୍ରହଣ କରାଯିବ ତେବେ ଶ୍ୱାସପ୍ରଶ୍ୱାସ, ଫୁସଫୁସ୍ ଓ କ୍ୟାନସର ଭଳି ବିଭିନ୍ନ ପ୍ରକାର ରୋଗର ଆଶଙ୍କା ବୃଦ୍ଧି ପାଇବ।

ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ



କାରାକାସରେ ବିମାନ ଆକ୍ରମଣ ଏବଂ ବିସ୍ଫୋରଣ

ପ୍ରତିରକ୍ଷା ମନ୍ତ୍ରୀ ଓ ସାମରିକ ଘାଟିକୁ ଟାର୍ଗେଟ୍

ଭେନେଜୁଏଲାର ରାଷ୍ଟ୍ରପତି ଓ ତାଙ୍କ ସ୍ତ୍ରୀ ପଣବନ୍ଦୀ

କାରାକାସ,୩।୧: ଭେନେଜୁଆଲ ଉପରେ ଆମେରିକା ବଡ଼ ଆକ୍ରମଣ କରିଛି। ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଆମେରିକା ଅଟକ ରଖିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଆଶ୍ଚର୍ଯ୍ୟଜନକ ଘୋଷଣା କରିଛନ୍ତି। ଭେନେଜୁଏଲାର ରାଜଧାନୀ କାରାକାସରେ ବିମାନ ଆକ୍ରମଣ ଏବଂ ବିସ୍ଫୋରଣ ପରେ ଏହି ଘଟଣା ଘଟିଛି। ଇତିହାସର ସବୁଠାରୁ ବଡ଼ ସାମରିକ ଏବଂ ରାଜନୈତିକ ବିପ୍ଳବ ଦେଖୁଛି ଲାଟିନ ଆମେରିକା। ଏକ ସରକାରୀ ବିବୃତ୍ତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ, ଆମେରିକୀୟ ସୁରକ୍ଷା ବାହିନୀ ଏକ ସ୍ୱତନ୍ତ୍ର ଅଭିଯାନରେ ଭେନେଜୁଏଲାର ବିବାଦୀୟ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଗିରଫ କରିଛି।

ପୂର୍ବରୁ ଶନିବାର, କାରାକାସରେ ଅନେକ ଜୋରଦାର ବିସ୍ଫୋରଣ ଶୁଣାଯାଇଥିଲା। ସରକାରୀ କୋଠା ଉପରେ କଳା ଧୂଆଁ ଉଠିଥିବା ଦେଖାଯାଇଥିଲା। ଆମେରିକୀୟ ବିମାନ ଆକ୍ରମଣ ମାଦୁରୋଙ୍କ ସୁରକ୍ଷା ବଳୟକୁ ନଷ୍ଟ କରିଦେଇଥିଲା। ଯାହା ପରେ ସ୍ୱତନ୍ତ୍ର ବାହିନୀ ତାଙ୍କୁ ହେପାଜତକୁ ନେଇଥିଲା। ତଥାପି ମାଦୁରୋଙ୍କୁ ଭେନେଜୁଏଲାର ଏକ ସୁରକ୍ଷିତ ସ୍ଥାନରେ ରଖାଯାଇଛି କି ତାଙ୍କୁ ଆମେରିକାକୁ ନିଆଯାଇଛି ଏହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏଭଳି ଖବର ବିଶ୍ୱ ରାଜନୀତିକୁ ହଇଚଇ ସୃଷ୍ଟି କରିଛି। ମାଦୁରୋ ସରକାରଙ୍କ ଘନିଷ୍ଠ ସହଯୋଗୀ ରୁଷ ଏବଂ ଚୀନ୍ ପକ୍ଷରୁ ଏକ ତୀବ୍ର ପ୍ରତିକ୍ରିୟା ଆଶା କରାଯାଉଛି। ଭେନେଜୁଏଲାର ଦୀର୍ଘକାଳୀନ ଆର୍ଥିକ ସଙ୍କଟ ଏବଂ ରାଜନୈତିକ ଅଚଳାବସ୍ଥା ମଧ୍ୟରେ ଏହି କାର୍ଯ୍ୟ ସିଧାସଳଖ ଶାସନ ପରିବର୍ତ୍ତନର ସଙ୍କେତ ଦେଇଛି।

କଲମ୍ବିଆର ରାଷ୍ଟ୍ରପତି ଭେନେଜୁଏଲାର ରାଜଧାନୀ କାରାକାସରେ ଆମେରିକୀୟ ବିମାନ ଆକ୍ରମଣ ଦ୍ୱାରା ପ୍ରଭାବିତ ଲକ୍ଷ୍ୟସ୍ଥଳଗୁଡ଼ିକର ଏକ ତାଲିକା ପ୍ରକାଶ କରିଛନ୍ତି। ଏହି ତାଲିକାରେ ସାମରିକ ଏବଂ ସରକାରୀ ସୁବିଧା, ସହିତ ପୂର୍ବତନ ରାଷ୍ଟ୍ରପତି ହୁଗୋ ଚାଭେଜଙ୍କ ସ୍ମାରକୀ ମଧ୍ୟ ରହିଛି। ଏହି ବିମାନ ଆକ୍ରମଣରେ ଆମେରିକାର ଟାର୍ଗେଟଗୁଡ଼ିକ ମଧ୍ୟରେ ରହିଛି ଫୋର୍ଟ ଟୁନା, କାରାକାସର ମୁଖ୍ୟ ସାମରିକ ଘାଟି, ଲା କାର୍ଲୋଟା, କାରାକାସର ମୁଖ୍ୟ ବିମାନ ଘାଟି, ଏଲ ଭୋଲକାନ, ମୁଖ୍ୟ ରାଡାର ଷ୍ଟେସନ, ଲା ଗୁଆଇରା ପୋର୍ଟ, ଭେନେଜୁଏଲାର ମୁଖ୍ୟ ବନ୍ଦର, ଏବଂ ଇଗୁଏରୋଟ୍ ବିମାନବନ୍ଦର, ମିରାଣ୍ଡା ରାଜ୍ୟର ବିମାନବନ୍ଦର। ଆମେରିକା ତା'ର ନାଗରିକମାନଙ୍କୁ ଭେନେଜୁଏଲାକୁ ଯାତ୍ରା ନକରିବା ପାଇଁ ଏକ ପରାମର୍ଶ ଜାରି କରିଛି।

ଦୁର୍ଘଟଣାରେ ପତ୍ନୀଙ୍କ ସହ ଆଶିଷ ବିଦ୍ୟାର୍ଥୀ ଆହତ



ଗୌହାଟୀ, ୩।୧: ବଲିଉଡ ଅଭିନେତା ଆଶିଷ ବିଦ୍ୟାର୍ଥୀ ଓ ତାଙ୍କ ପତ୍ନୀ ରୁପାଲୀ ବରୁଆ ଗୌହାଟୀରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ଶୁକ୍ରବାର ବିଳମ୍ବିତ ରାତ୍ରିରେ ଜୁ ରୋଡ ଅଞ୍ଚଳରେ ଥିବା 'ଦି ଗୌହାଟୀ ଆଡ୍ରେସ୍' ହୋଟେଲ ସମ୍ମୁଖ ରୋଡରେ ହୋଇଛି। ଦମ୍ପତି ହୋଟେଲରେ ଡିନର କରିବା ପରେ ବାହାରକୁ ଆସି ରାସ୍ତା ପାର କରୁଥିବା ବେଳେ ଏକ ଦ୍ରୁତବେଗରେ ଆସୁଥିବା ମୋଟର ସାଇକେଲ ସେମାନଙ୍କୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଅଭିନେତା ଓ ତାଙ୍କ ପତ୍ନୀ ଉଭୟ ଆହତ ହୋଇଛନ୍ତି। ମୋଟରସାଇକେଲ ଚାଳକ ମଧ୍ୟ ଗୁରୁତର ଆହତ ହୋଇଛି। ସୂଚନା ପାଇ ଗିତାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରୁପାଲୀ ବରୁଆ ଓ ଆଶିଷ ବିଦ୍ୟାର୍ଥୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କୁହାଯାଉଛି। ରୁପାଲୀ ବିଦ୍ୟାର୍ଥୀ ଆସାମର ଜଣେ ଜଣାଶୁଣା ଫ୍ୟାସନ ଉଦ୍ୟୋଗୀ। ଆଶିଷ ବିଦ୍ୟାର୍ଥୀ ୨୦୨୩ ମସିହାରେ ତାଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

ବ୍ରାଜିଲରେ ଦୁର୍ଘଟଣା, ୧୧ ମୃତ

ବ୍ରାସିଲିଆ, ୩।୧: ଦକ୍ଷିଣ ବ୍ରାଜିଲରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ୭ଜଣ ଆହତ ହୋଇଛନ୍ତି। ମୃତସଂଖ୍ୟା ବଢିବାର ଅନୁମାନ କରାଯାଉଛି। ଗୋଟିଏ ଯାତ୍ରୀବାହୀ ବସ୍ ଏବଂ ଭାରୀ ଟ୍ରକ୍ ସହିତ ଧକ୍କା ହେବାରୁ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟିହେବା ସହ ଟ୍ରାଫିକ ଜାମ୍ ଭଳି ସମସ୍ୟା ମଧ୍ୟ ଦେଖିବାକୁ ମିଳିଥିଲା। ସୂଚନାନୁଯାୟୀ, ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ, ବସ୍ ଭିତରେ ଯାତ୍ରୀମାନେ ଫଶିଯାଇଥିଲେ। ଯାହା ଫଳରେ ଯାତ୍ରୀଙ୍କୁ ଉଦ୍ଧାର କରିବା କଷ୍ଟକର ହୋଇପଡିଥିଲା। ଫଳରେ ଆହତ ଏବଂ ମୃତକଙ୍କ ପାଖକୁ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଅନେକ ପରିଶ୍ରମ ପରେ ଉଦ୍ଧାର କାର୍ଯ୍ୟ ସଫଳ ହୋଇଥିଲା। ଗୁରୁତ୍ୱ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିଛି ଆହତ ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଡ଼ାକ୍ତର ସୂଚନା ଦେଇଛନ୍ତି। ଅନ୍ୟପଟେ ପୁଲିସ ଦୁର୍ଘଟଣାର କାରଣ ଜାଣିବାକୁ ଚେଷ୍ଟା କରୁଛି। ବର୍ତ୍ତମାନ ତଦନ୍ତ ଆରମ୍ଭ ହୋଇଛି। ଦୁର୍ଘଟଣା ହୋଇଥିବା ସ୍ଥାନରେ ଯାତାୟାତକୁ କିଛି କ୍ଷଣ ପାଇଁ ବନ୍ଦ ରଖାଯାଇଛି।

ବାଂଲାରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା



ନିଆଁ ଲଗାଇ ଦେଇଥିଲେ ଦୁର୍ବୃତ୍ତ

ତିନି ଦିନ ସଂଗ୍ରାମ କରି ହାରିଗଲେ

ଢାକା,୩।୧: ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କ ଜୀବନ ଯାଇଛି। ଧାରୁଆ ଅସ୍ତ୍ରରେ ଆକ୍ରମଣ ପରେ ଜିଅନ୍ତା ଜାଳି ଦିଆଯାଇଥିବା ହିନ୍ଦୁ ବ୍ୟବସାୟୀ ଖୋକୋନ ଦାସଙ୍କ ଶନିବାର ଢାକାର ନ୍ୟାସନାଲ ବର୍ଣ୍ଣ ଇନଷ୍ଟିଚ୍ୟୁଟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ୫୦ ବର୍ଷୀୟ ଖୋକୋନଙ୍କୁ ପୋଡ଼ି ଦିଆଯିବାର ଦୁଇ ଦିନ ପରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଖୋକୋନ କୋନେଶ୍ୱର ୟୁନିଅନର ତିଲୋଇ ଗ୍ରାମର ବାସିନ୍ଦା ଥିଲେ। କେଉରଭଙ୍ଗା ବଜାରରେ ଏକ ମୋବାଇଲ୍ ବ୍ୟାଙ୍କିଂ ବ୍ୟବସାୟ ସହିତ ସେ ଏକ ଔଷଧ ଦୋକାନ ଚଳାଉଥିଲେ। ବୁଧବାର ରାତିରେ ସେ ତାଙ୍କ ଦୋକାନ ବନ୍ଦ କରି ଏକ ଅଟୋ-ରିକ୍ସାରେ ଘରକୁ ଫେରୁଥିଲାବେଳେ ଦୁର୍ବୃତ୍ତମାନେ ରାସ୍ତାରେ ଗାଡ଼ିକୁ ଅଟକାଇ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ନିଆଁ ଲଗାଇ ଦେଇଥିଲେ। ନିଜକୁ ବଞ୍ଚାଇବାକୁ ଚେଷ୍ଟା କରି ଖୋକୋନ ରାସ୍ତା ପାର୍ଶ୍ୱରେ ଥିବା ଏକ ପୋଖରୀକୁ ଡେଇଁ ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ବାସିନ୍ଦା ଦୌଡ଼ି ଆସିଥିଲେ, ଫଳରେ ଆକ୍ରମଣକାରୀ ଖସି ପଳାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଶରିୟତପୁର ସଦର ହସ୍ପିଟାଲକୁ ପଠାଇଥିଲେ। ସେଠାରେ ତାଙ୍କୁ ଜରୁରୀକାଳୀନ ୱାର୍ଡରେ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା।

ପୀଡିତଙ୍କ ସ୍ତ୍ରୀ ସୀମା ଦାସ କହିଛନ୍ତି, ତାଙ୍କୁ କାହିଁକି ଟାର୍ଗେଟ୍ କରାଯାଇଥିଲା, ତାହା ଜାଣିନାହାନ୍ତି। ସେ କହିଛନ୍ତି, ମୋ ସ୍ୱାମୀ ପ୍ରତିଦିନ ରାତିରେ ତାଙ୍କ ଦୋକାନ ବନ୍ଦକରି ବିକ୍ରି ଟଙ୍କା ନେଇ ଘରକୁ ଫେରୁଥିଲେ। ବୁଧବାର ରାତିରେ ଦୁର୍ବୃତ୍ତମାନେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣକାରୀଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଚିହ୍ନିପାରିଥିଲେ ଏବଂ ସେଥିପାଇଁ ସେମାନେ ତାଙ୍କୁ ହତ୍ୟାକରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ତାଙ୍କୁ ହାଣିବା ଏବଂ ତାଙ୍କ ଉପରେ ପେଟ୍ରୋଲ ଢାଳିବା ପରେ ତାଙ୍କ ମୁଣ୍ଡ ଏବଂ ମୁହଁରେ ନିଆଁ ଲଗାଇ ଦେଇଥିଲେ। ଏହି ଅଞ୍ଚଳରେ ଆମର କାହା ସହ କୌଣସି ଶତ୍ରୁତା ନାହିଁ। କୌଣସି ବିଷୟରେ ଆମର କାହା ସହିତ କୌଣସି ବିବାଦ ନାହିଁ। ଆମେ ବୁଝିପାରୁନାହୁଁ ଯେ, ଅପରାଧୀମାନେ ହଠାତ୍ ମୋ ସ୍ୱାମୀଙ୍କୁ କାହିଁକି ଟାର୍ଗେଟ କଲେ।

ଆରମ୍ଭ ହେବ କଂଗ୍ରେସର 'ମନରେଗା' ବଞ୍ଚାଅ ଆନ୍ଦୋଳନ

ଜାନୁୟାରୀ ୧୦ରୁ ଫେବୃଆରୀ ୨୫ ପର୍ଯ୍ୟନ୍ତ ଚାଲିବ

ନୂଆଦିଲ୍ଲୀ, ୩।୧: ଆଗାମୀ ସପ୍ତାହରୁ ଦେଶରେ ୪୫ ଦିବସୀୟ 'ମନରେଗା ବଞ୍ଚାଅ' ଆନ୍ଦୋଳନ ଆରମ୍ଭ କରିବ କଂଗ୍ରେସ। ସେହିପରି ବିକଶିତ ଭାରତ ଜି-ରାମ ଜି ଅଧିନିୟମକୁ କୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି କଂଗ୍ରେସ ଶନିବାର କହିଛି। ଏହି ଅଭିଯାନ କାଳରେ ଗ୍ରାମସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେବା ସହିତ ଦେଶର ଅଲଗା ଅଲଗା ଭାଗରେ ୪ଟି ବଡ଼ ସଭା ଆୟୋଜନ ମଧ୍ୟ କରାଯିବ। କଂଗ୍ରେସର କହିବା କଥା ହେଉଛି ଏହି ସଂଗ୍ରାମର ଉଦ୍ଦେଶ୍ୟ ଦେଶରେ ପୁଣି ଥରେ ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ (ମନରେଗା) ଲାଗୁ କରିବା ଓ ନୂଆ ଆଇନକୁ ପ୍ରତ୍ୟାହାର କରିବା। ପାର୍ଟିର ସଙ୍ଗଠନ ସାଧାରଣ ସମ୍ପାଦକ କେ.ସି.ବେଣୁଗୋପାଲ କହିଛନ୍ତି ଯେ, ପାର୍ଟିର ଏହି ଅଭିଯାନ ଜାନୁୟାରୀ ୧୦ରୁ ଆରମ୍ଭ ହୋଇ ଫେବୃଆରୀ ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ, ମନରେଗା ସ୍ଥାନରେ ସରକାର ଆଣିଥିବା ନୂଆ ଯୋଜନାରେ କେବଳ 'ବିନାଶ ଭାରତ' ଓ ଯୋଜନା କେନ୍ଦ୍ରୀୟ କରଣର ଗ୍ୟାରେଣ୍ଟି ଦିଆଯାଇଛି।

ବିସିସିଆଇର ନିର୍ଦ୍ଦେଶ ପରେ ବାଂଲା ଖେଳାଳି ହଟିଲେ

ନୂଆଦିଲ୍ଲୀ,୩।୧: ବିସିସିଆଇର ନିର୍ଦ୍ଦେଶ ପରେ କ୍ରିକେଟର ମୁସ୍ତାଫିଜୁର ରହମାନଙ୍କୁ ବିଦା କରିଛି କେକେଆର। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ହେଉଥିବା ବେଳେ ୪ଜଣଙ୍କୁ ହତ୍ୟା କରାଯାଇଛି। ଏହା ସତ୍ତ୍ୱେ ବି କେକେଆର ବାଂଲାଦେଶୀ କ୍ରିକେଟର ମୁସ୍ତାଫିଜୁର ରହମାନଙ୍କୁ କିଣିବାରୁ ବିବାଦ ଆରମ୍ଭ ହୋଇଥିଲା। ଏଥିପାଇଁ କେକେଆର ମାଲିକ ତଥା ଅଭିନେତା ଶାହରୁଖ ଖାନଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ବିବାଦ ବଢୁଥିବା ଦେଖି ବିସିସିଆଇ ମୁସ୍ତାଫିଜୁର ରହମାନଙ୍କୁ ମୁକ୍ତ କରିବା ପାଇଁ କେକେଆରକୁ ନିର୍ଦ୍ଦେଶ ଦେଇଥିଲା। ଗତ ମାସରେ ଅନୁଷ୍ଠିତ ମିନି ନିଲାମରେ କେକେଆର ମୁସ୍ତାଫିଜୁରଙ୍କୁ ୯.୨୦ କୋଟି ଟଙ୍କାରେ କିଣିଥିଲା।



କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ସେଥିରେ କୁହାଯାଇଛି, କେକେଆର ନିଶ୍ଚିତ କରୁଛି ଯେ, ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ ସିଜିନ ପୂର୍ବରୁ ମୁସ୍ତାଫିଜୁର ରହମାନଙ୍କୁ ଦଳରୁ ମୁକ୍ତ କରିବାକୁ ବିସିସିଆଇ ନିର୍ଦ୍ଦେଶ ଦେଇଥିଲା। ବିସିସିଆଇର ନିର୍ଦ୍ଦେଶ ପରେ ଏବେ ଆମେ ରହମାନଙ୍କୁ ଦଳରୁ ମୁକ୍ତ କରିଛୁ। ବଲିଉଡ ଅଭିନେତା ଶାହରୁଖ ଖାନ୍ କେକେଆରର ସହ-ମାଲିକ ହୋଇଥିବାରୁ ତାଙ୍କୁ ସମାଲୋଚନାର ସାମ୍ନା କରିବାକୁ ପଡ଼ିଥିଲା। ଅଖଡ଼ା ପରିଷଦର ସଭାପତି ମହନ୍ତ ରବିନ୍ଦ୍ର ପୁରୀ , ଶିବସେନା (ୟୁବିଟି) ପକ୍ଷରୁ ଷହେରୁଖ ଖାନଙ୍କୁ ତୀବ୍ର ସମାଲୋଚନା କରାଯାଇ ବାଂଲା ଖେଳାଳିଙ୍କୁ ତୁରନ୍ତ ବିଦା କରିବାକୁ କୁହାଯାଇଥିଲା।

ମମତାଙ୍କୁ ମିଥୁନ ଚକ୍ରବର୍ତ୍ତୀଙ୍କ ଟାର୍ଗେଟ

ପଶ୍ଚିମବଙ୍ଗକୁ ପଶ୍ଚିମ ବାଂଲାଦେଶରେ ପରିଣତ ଲାଗି ଉଦ୍ୟମ ହେଉଛି



କୋଲକାତା,୩।୧: ଅଭିନେତାରୁ ରାଜନେତା ବନିଥିବା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀ ପଶ୍ଚିମବଙ୍ଗକୁ ପଶ୍ଚିମ ବାଂଲାଦେଶରେ ପରିଣତ କରିବାକୁ ପ୍ରୟାସ କରାଯାଉଛି ବୋଲି କହିଛନ୍ତି। କିନ୍ତୁ ଏହି ପ୍ରୟାସ କେବେ ସଫଳ ହେବନାହିଁ। କୁଚ୍ ବିହାର ଜିଲ୍ଲାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ମିଥୁନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଇଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ଏହା ଏକ ପୃଥକ ଦେଶ ନୁହେଁ ଯେପରି ମମତା ଭାବୁଛନ୍ତି। ମିଥୁନ ଚକ୍ରବର୍ତ୍ତୀ ୧୯୯୦ ଦଶକରେ କଶ୍ମୀର ଉପତ୍ୟକାରୁ କଶ୍ମୀର ପଣ୍ଡିତଙ୍କ ପଳାୟନ ଉପରେ ଆଧାରିତ ତାଙ୍କ ଚଳଚ୍ଚିତ୍ର 'ଦି କଶ୍ମୀର ଫାଇଲ୍ସ'ର ଉଦାହରଣ ଦେଇ ଅଭିଯୋଗ କରିଛନ୍ତି, ପଶ୍ଚିମବଙ୍ଗରେ ସମାନ ପ୍ରୟାସ ଚାଲିଛି। ସେ ଅଭିଯୋଗ କରିଛନ୍ତି, ପଶ୍ଚିମବଙ୍ଗକୁ ପଶ୍ଚିମ ବାଂଲାଦେଶରେ ପରିଣତ କରିବାକୁ ଉଦ୍ୟମ କରାଯାଉଛି। ମିଥୁନ କହିଛନ୍ତି, ରାଜ୍ୟରେ ତୃଣମୂଳ କଂଗ୍ରେସ ସରକାରକୁ ଭାଙ୍ଗିବାର ଏକମାତ୍ର ଉପାୟ ହେଉଛି ସମସ୍ତେ ଏକାଠି ହେବା। ସେ କଂଗ୍ରେସ, ବାମପନ୍ଥୀ ଏବଂ ତୃଣମୂଳ କଂଗ୍ରେସର ସଚେତନ ସମର୍ଥକମାନଙ୍କୁ ଆଗାମୀ ନିର୍ବାଚନରେ ସରକାର ପରିବର୍ତ୍ତନ କରିବା ପାଇଁ ଏକତ୍ର ହେବାକୁ ଆହ୍ୱାନ କରିଛନ୍ତି। ମିଥୁନ ଚକ୍ରବର୍ତ୍ତୀ ଦାବି କରିଛନ୍ତି ଯେ, ରାଜ୍ୟରେ

୧୨ରେ ଜାତୀୟ ଯୁବ ଦିବସ

ସବୁ ଛାତ୍ରଛାତ୍ରୀ ଗାଇବେ 'ବନ୍ଦେ ମାତରମ୍'

- ପଢ଼ିବେ 'ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ'
- ମନୋନୀତ ହେବେ 'ଆତ୍ମ ନିର୍ଭର ଭାରତ ଆମ୍ବାସାଡର'



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଆସନ୍ତା ୧୨ରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀମାନେ ସାମୂହିକ 'ବନ୍ଦେ ମାତରମ୍' ଗାନ କରିବେ। ଏଥିସହ ସେମାନେ 'ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ' ପାଠ କରିବେ। ଏଥିନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଶିକ୍ଷାନୁଷ୍ଠାନମାନଙ୍କରେ ସାମୂହିକ ବନ୍ଦେ ମାତରମ୍ ଗାନ ନିମନ୍ତେ ରାଜ୍ୟବ୍ୟାପୀ 'ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜିତ ହେବ। ଜିଲ୍ଲାଗୁଡ଼ିକୁ ୫ଟି ମଣ୍ଡଳ - ଜୟପୁର ମଣ୍ଡଳ (କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି ଓ ନୂଆପଡ଼ା) ବ୍ରହ୍ମପୁର ମଣ୍ଡଳ (ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼), ବାଲେଶ୍ୱର ମଣ୍ଡଳ (ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର), ସମ୍ବଲପୁର ମଣ୍ଡଳ (ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେଓଗଡ଼, ବରଗଡ଼, ବଲାଙ୍ଗୀର ଓ ସୁବର୍ଣ୍ଣପୁର) ଏବଂ ଭୁବନେଶ୍ୱର ମଣ୍ଡଳ (ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଏବଂ ଅନୁଗୁଳ)ରେ ବିଭକ୍ତ କରାଯାଇ 'ମଣ୍ଡଳସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜିତ ହେବ। ଗତ ଡିସେମ୍ବର ୨୩, ୩୦ ଓ ୩୧ରେ ଯଥାକ୍ରମେ ବ୍ରହ୍ମପୁର, ବାଲେଶ୍ୱର ଓ ଜୟପୁର ମଣ୍ଡଳରେ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଥିବା ବେଳେ ଗତ ୨ରେ ସମ୍ବଲପୁର ଓ ଆଜି ଭୁବନେଶ୍ୱର ମଣ୍ଡଳରେ ମଣ୍ଡଳସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସରିଛି। ଆଜି ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଭୁବନେଶ୍ୱର ମଣ୍ଡଳ ସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜିତ ହୋଇଥିଲା।

ତୀର୍ଥରାଜ ମହୋଦଧିଙ୍କ ବାର୍ଷିକ ଉତ୍ସବ



ପୁରୀ,୩।୧(ସଂଚାର ବ୍ୟୁରୋ): ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ଆଜି ସନ୍ଧ୍ୟାରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରୀର ମହୋଦଧି ଭଗବାନଙ୍କୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଓ ଗଜପତି ମହାରାଜ ଦିବ୍ୟସିଂହ ଦେବ ସ୍ୱର୍ଗଦ୍ୱାର ସମ୍ମୁଖରେ ଆରତୀ କରିଛନ୍ତି। ଏହି କାର୍ଯ୍ୟକ୍ରମର ବାର୍ଷିକ ମହୋତ୍ସବ ମଧ୍ୟ ଜିଲ୍ଲା ପ୍ରଶାସନ ସହଯୋଗରେ ଅପରାହ୍ଣରେ ସମ୍ପନ୍ନ ହୋଇଆସିଥିବା ବେଳେ ଆଜି ମହୋଦଧିର ଆରତୀର ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ବହୁ ସଙ୍ଘ, ମହନ୍ତ ଓ ମଠାଧୀଶ ସହଯୋଗ କରିଥିଲେ। ଏଥିରେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୁରୀ ସାଂସଦ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମେତ ବହୁ ପ୍ରତିଷ୍ଠିତ ମଠାଧୀଶ ଉପସ୍ଥିତ ଥିଲେ। ଋଷିକେଶ ବ୍ରହ୍ମଚାରୀ, ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଓ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ମଞ୍ଚ ପରିଚାଳନା କରିଛନ୍ତି।

ଟିପିସିଓଡିଏଲ୍‌ର 'ଜିରୋ ହାର୍ମ' ସଂକଳ୍ପ

ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଚଳିତ ବର୍ଷ ସେଣ୍ଟ୍ରାଲ ଓଡ଼ିଶାର ବିଭିନ୍ନ ସମୁଦାୟ ମଧ୍ୟରେ ବ୍ୟାପକ ବିଦ୍ୟୁତ୍ ସୁରକ୍ଷା ସଚେତନତା ଅଭିଯାନ ଚଳାଇ ନିଜର 'ଜିରୋ ହାର୍ମ' ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି। ଏହି ଅଭିଯାନରେ ଗ୍ରାମବାସୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ବିଦ୍ୟୁତ୍ ଉପଭୋକ୍ତାଙ୍କ ସମେତ ଏକ ଲକ୍ଷରୁ ଅଧିକ ଲୋକଙ୍କୁ ବିଭିନ୍ନ ସାଙ୍ଗଠନିକ ଆଲୋଚନାଚକ୍ର ଏବଂ ପ୍ରତ୍ୟକ୍ଷ ଜନସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ସାମିଲ କରାଯାଇଛି। ଜନସାଧାରଣଙ୍କ ସମ୍ପୃକ୍ତି ସହିତ କମ୍ପାନୀର ବିଭିନ୍ନ ସେବାଯୋଗାଣ କ୍ଷେତ୍ରରେ କର୍ମଚାରୀ ଏବଂ ବିଜନେସ୍ ଆସୋସିଏଟ୍ କର୍ମକର୍ତ୍ତାଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ତାଲିମ ପ୍ରଦାନ କରାଯାଇଛି। ଏହା ଦୈନନ୍ଦିନ ବିଦ୍ୟୁତ୍ ବିତରଣ କାର୍ଯ୍ୟରେ ନିରାପଦ କାର୍ଯ୍ୟଶୈଳୀକୁ ଅଧିକ ସୁଦୃଢ଼ କରିବା ସହ ଏକ ଦାୟିତ୍ୱସମ୍ପନ୍ନ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ସୁରକ୍ଷା ସଚେତନତାକୁ କେବଳ ଶ୍ରେଣୀଗୃହ କିମ୍ବା ତାଲିମ କେନ୍ଦ୍ର ମଧ୍ୟରେ ସୀମିତ ନ ରଖି ଏହାକୁ ଏକ ବ୍ୟାପକ ରୂପ ଦିଆଯାଇଛି। ଏଥିପାଇଁ ଏକ ଶକ୍ତିଶାଳୀ ପ୍ରାତିଷ୍ଠାନିକ ଭିତ୍ତିଭୂମି ଅଧୀନରେ ଏକ ପରିଚାଳନା ବିକାଶ କେନ୍ଦ୍ର (ଏମଡିସି), ୫ଟି ଦକ୍ଷତା ବିକାଶ କେନ୍ଦ୍ର ଏବଂ ୧୩ଟି ଡିଭିଜନାଲ୍ ସୁରକ୍ଷା ତାଲିମ କେନ୍ଦ୍ର କାର୍ଯ୍ୟ କରୁଛି। ଏହା ସହିତ ଦୂରଦୂରାନ୍ତ ଏବଂ ଅପହଞ୍ଚ ଅଞ୍ଚଳରେ ପହଞ୍ଚିବା ପାଇଁ 'ଟ୍ରେନିଂ ଅନ୍ ହୁଇଲ୍ସ' ଓ 'ସୁରକ୍ଷା ସଚେତନ ରଥ' ଭଳି ମୋବାଇଲ୍ ପ୍ଲାଟଫର୍ମର ସହାୟତା ନିଆଯାଉଛି।



ମନରେଗା ପ୍ରସଙ୍ଗରେ ୮ରୁ କଂଗ୍ରେସର ଆନ୍ଦୋଳନ

ଲୋକସେବା ଭବନରେ ରିଲ୍ସ କଲେ ଆକ୍ସନ

ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ନୂଆବର୍ଷରେ କିଛି ସରକାରୀ କର୍ମଚାରୀ ଲୋକସେବା ଭବନରେ ରିଲ୍ସ କରି ସୋସିଆଲ ମଡିଆରେ ଛାଡିବା ପରେ ଆଜି ଗୃହ ବିଭାଗ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଣିକି କୌଣସି ସରକାରୀ କର୍ମଚାରୀ, ସାଧାରଣ ଲୋକ କେହି ଏଠାରେ ଭିଡିଓ, ଫଟୋ କିମ୍ବା ରିଲ୍ସ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଲୋକସେବା ଭବନର ଭିଡିଓ, ଫଟୋ କିମ୍ବା ରିଲ୍ସ କରାଯାଇପାରିବ ନାହିଁ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି।

ପାଣ୍ଡିଆନଙ୍କ ବିରୋଧରେ ଅଭିଯୋଗ

ଅଭିଯୋଗକାରୀଙ୍କୁ ତଥ୍ୟ ମାଗିଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ପୂର୍ବତନ ୫-ଟି ଅଧକ୍ଷ ତଥା ପୂର୍ବତନ ଆଇଏଏସ ଅଫିସର ଭି.କେ ପାଣ୍ଡିଆନଙ୍କ ବିରୋଧରେ ହୋଇଥିବା ଅଭିଯୋଗ ନେଇ ଅଭିଯୋଗକାରୀଙ୍କ ଠାରୁ ସମସ୍ତ ତଥ୍ୟ ପ୍ରମାଣ ମାଗିଛି କ୍ରାଇମବ୍ରାଞ୍ଚ। ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ୨୦୨୪ ଫେବ୍ରୁଆରୀ ୮ତାରିଖରେ ରାଜ୍ୟ ଗୃହ ସଚିବଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ସେ ଅଭିଯୋଗ କରିଥିଲେ ଯେ, ପାଣ୍ଡିଆନ ସରକାରୀ କଳର ଅପବ୍ୟବହାର କରି ସରକାରୀ କ୍ଷମତାର ଅପବ୍ୟବହାର କରୁଥିଲେ। ସୁରେନ୍ଦ୍ର ପାଣିଗ୍ରାହୀ କରିଥିବା ଅଭିଯୋଗ ଉପରେ ଗତ ଡିସେମ୍ବର ୧୫ ତାରିଖରେ କ୍ରାଇମବ୍ରାଞ୍ଚ ତାଙ୍କୁ ନୋଟିସ କରିଛି। ପାଣ୍ଡିଆନଙ୍କ ବିରୋଧରେ କରିଥିବା ଅଭିଯୋଗର ସତ୍ୟତା ଜାଣିବାକୁ ଆସନ୍ତା ୬ ତାରିଖ ସୁଦ୍ଧା ସମସ୍ତ ଦସ୍ତାବିଜ, ଇଲେକ୍ଟ୍ରୋନିକ୍ସ ରେକର୍ଡ ଓ ଅନ୍ୟାନ୍ୟ ପ୍ରମାଣ ଦାଖଲ କରିବାକୁ କୁହାଯାଇଛି। ଶ୍ରୀ ପାଣିଗ୍ରାହୀ ତାଙ୍କ ଅଭିଯୋଗରେ ପାଣ୍ଡିଆନଙ୍କ ଦ୍ୱାରା ଓଡ଼ିଶା ରୁଲସ ଅଫ ବିଜନେସ-୧୯୫୬ର ଉଲ୍ଲଙ୍ଘନ ସହ ଅନ୍ୟାନ୍ୟ ଅଭିଯୋଗ ମଧ୍ୟ ଆଣିଥିବା ଜଣାପଡ଼ିଛି। ଫାଇଭ-ଟି ଅଧକ୍ଷ ଭାବେ କାର୍ଯ୍ୟ କରୁଥିବା ସମୟରେ ପାଣ୍ଡିଆନ ବିଭିନ୍ନ ସଭା ଓ କାର୍ଯ୍ୟକ୍ରମରେ ବେଆଇନ ଭାବେ ସରକାରୀ କ୍ଷମତାର ଅପବ୍ୟବହାର କରିଥିଲେ। ପାଣ୍ଡିଆନ ସରକାରୀ ତହବିଲରୁ ବିପୁଳ ପରିମାଣର ଅର୍ଥ ବ୍ୟୟ କରି ହେଲିକପ୍ଟର ଗସ୍ତ ସହ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ।

୮ଟି ପୌରସଭାରେ ୬୦୦ ନକଲି ନିଯୁକ୍ତି

ଅମଲାର ବିରୋଧରେ ଚାର୍ଜସିଟ୍ ଦାଖଲ

କୋଲକାତା,୩।୧(ସଂଚାର ବ୍ୟୁରୋ): ବିଧାନସଭା ନିର୍ବାଚନ ପୂର୍ବରୁ ପୌର ଦୁର୍ନୀତି ମାମଲା ପାଇଁ କେନ୍ଦ୍ରୀୟ ତଦନ୍ତ ସଂସ୍ଥା ଅଣ୍ଟା ଭିଡିଛି। ପୌର ନିଯୁକ୍ତି ଦୁର୍ନୀତି ମାମଲାରେ ସିବିଆଇ ଏବେ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିଛି। ଆମଲା ଜ୍ୟୋତିଷ୍ମାନ ଚାଟାର୍ଜୀ ଏବଂ ଏକ ସଂଗଠନ ନାମରେ ଚାର୍ଜସିଟ୍ ରହିଛି। ଚାର୍ଜସିଟ୍‌ରେ ସିବିଆଇ ଉଲ୍ଲେଖ କରିଛି ଯେ ୮ଟି ପୌରସଭାରେ ୬୦୦ଟି ନକଲି ନିଯୁକ୍ତି ଦିଆଯାଇଛି। ଜ୍ୟୋତିଷ୍ମାନ ଚାଟାର୍ଜୀଙ୍କ ନାମରେ ଅନୁମୋଦନ ପାଇଁ ରାଜ୍ୟରୁ ଅନୁମତି ମଗାଯାଇଛି। ଏହି ମାମଲାରେ ଚାର୍ଜ ଗଠନ ଏବଂ ଶୁଣାଣି ଆରମ୍ଭ କରିବା ପାଇଁ ଆବେଦନ କରାଯାଇଛି। କୌଣସି ମନ୍ତ୍ରୀ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ନିଆଯାଇ ନାହିଁ। ଚାର୍ଜସିଟ୍‌ରେ ଦକ୍ଷିଣ ଦମ୍‌ଦମ୍, କମାରହାଟି, ବରାହନଗର, ଉତ୍ତର ଦମ୍‌ଦମ୍, ରାଣାଘାଟ ସମେତ ଆଠଟି ପୌରସଭାର ନାମ ରହିଛି।

ପୁଲିସ ଜାଲରେ ପୌରସଭା ଅଧକ୍ଷ

କୋଲକାତା,୩।୧(ସଂଚାର ବ୍ୟୁରୋ): ସରକାରୀ ଜମିକୁ ବେଆଇନ ଲିଜ୍ ଦେବା ଏବଂ ଆର୍ଥିକ ଦୁର୍ନୀତି ଅଭିଯୋଗରେ ଏଗରା ପୌରସଭାର ଅଧକ୍ଷ ସ୍ୱପନ କୁମାର ନାୟକଙ୍କୁ କୋଲକାତାରୁ ଗିରଫ କରାଯାଇଛି। ପୁଲିସ ଜଣାଇଛି ଯେ ଗତ ୨୦ ଡିସେମ୍ବରରେ ଏଗରା-୧ ବ୍ଲକର ବିଏଲ୍‌ଆର୍‌ଓ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସେହି ଅଭିଯୋଗରେ କୁହାଯାଇଥିଲା ଯେ ସରକାରୀ ମାଲିକାନାରେ ଥିବା 'ଖତିଆନ୍ ୧'ରେ ଅନ୍ତର୍ଭୁକ୍ତ ଜମିକୁ କୌଣସି ଉପଯୁକ୍ତ ସରକାରୀ ଅନୁମୋଦନ ବିନା ଏବଂ ଏକ ଅଣପଞ୍ଜିକୃତ ବା ଅଣ-ଦଲିଲକୃତ ଦଲିଲ ମାଧ୍ୟମରେ ହସ୍ତାନ୍ତର କରାଯାଇଥିଲା।

ଇରାନରେ ଫସିଛନ୍ତି ୩ ହଜାର ଭାରତୀୟ ଡାକ୍ତରୀ ଛାତ୍ରଛାତ୍ରୀ

ହସ୍ତକ୍ଷେପ ଲାଗି ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କୁ ଅନୁରୋଧ

ନୂଆଦିଲ୍ଲୀ,୩।୧(ସଂଚାର ବ୍ୟୁରୋ): ଇରାନରେ କ୍ରମାଗତ ବୃଦ୍ଧି ପାଉଥିବା ହିଂସାତ୍ମକ ପ୍ରତିବାଦକୁ ଦୃଷ୍ଟିରେ ରଖି, ଅଲ୍ ଇଣ୍ଡିଆ ମେଡିକାଲ୍ ଷ୍ଟୁଡେଣ୍ଟସ୍ ଆସୋସିଏସନର ବିଦେଶୀ ଛାତ୍ର ଶାଖା ଶନିବାର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛି। ଆସୋସିଏସନ୍ କହିଛି, ପ୍ରାୟ ୩,୦୦୦ ଭାରତୀୟ ଡାକ୍ତରୀ ଛାତ୍ରଛାତ୍ରୀ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଦେଶରେ ଅଛନ୍ତି। ଏବେ ଇରାନର ଅନେକ ସହରରେ ଅଶାନ୍ତି ବ୍ୟାପିଛି। ଚିଠିରେ ଇରାନରେ ଥିବା ଭାରତୀୟ ଡାକ୍ତରୀ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାରଙ୍କ ସୁରକ୍ଷା ସ୍ଥିତି ନିଶ୍ଚିତ କରିବାକୁ ଅନୁରୋଧ କରାଯାଇଛି।ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ଲେଖିଥିବା ଏକ ଚିଠିରେ, ଅଲ୍ ଇଣ୍ଡିଆ ମେଡିକାଲ୍ ଷ୍ଟୁଡେଣ୍ଟସ୍ ଆସୋସିଏସନ୍‌ର ଜମ୍ମୁ ଓ କଶ୍ମୀର ୟୁନିଟ୍‌ର ଉପାଧକ୍ଷ ମହମ୍ମଦ ମୋମିନ୍ ଖାନ ଇରାନରେ ଭାରତୀୟ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଉପରେ ଚିନ୍ତା ପ୍ରକାଶ କରି କହିଛନ୍ତି, ସେଠାରେ ପରିସ୍ଥିତି ଦ୍ରୁତ ଗତିରେ ଖରାପ ହେଉଛି।

ଦିନିକିଆ ସିରିଜକୁ ଫେରିଲେ ଆୟର

ପାଣ୍ଡ୍ୟା-ବୁମରାଙ୍କ ନାଁ ନାହିଁ

ନୂଆଦିଲ୍ଲୀ,୩।୧: ଭାରତ ବନାମ ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ୧୫ ଜଣିଆ ଟିମ୍ ଘୋଷଣା କରିଛି। ଶ୍ରେୟସ ଆୟର ଏବଂ ଶୁଭମନ ଗିଲ ଦଳକୁ ଫେରିଛନ୍ତି। କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଜସପ୍ରିତ ବୁମରାଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ତେବେ ଏହି ଦୁଇ ପ୍ଲେୟାରଙ୍କୁ ଦିନିକିଆ ଟିମରେ ସାମିଲ କରାଯିବନି ବୋଲି ସ୍ପଷ୍ଟ ଥିଲା। ଟି-୨୦ ବିଶ୍ୱକପ୍ ହେବାକୁ ଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଜସପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଛି ବୋଲି କୁହାଯାଉଛି। କିନ୍ତୁ ସେମାନେ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ ଖେଳିବେ। ସେପଟେ ଶ୍ରେୟସ ଆୟର ଦଳକୁ ଫେରିଥିଲେ ସୁଦ୍ଧା, ତାଙ୍କର ଫିଟନେସ୍ ଉପରେ ସବୁକିଛି ନିର୍ଭର କରିବ। ତାଙ୍କୁ ଏପର୍ଯ୍ୟନ୍ତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସରୁ ଫିଟନେସ୍ କ୍ଲିଅରାନ୍ସ ମିଳିନାହିଁ।

ନ୍ୟୁଜିଲାଣ୍ଡ ବିପକ୍ଷ ଓଡିଆଇ ସିରିଜ ଲାଗି ଭାରତୀୟ ଟିମ୍: ଶୁଭମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, କେଏଲ ରାହୁଲ (ୱିକେଟ କିପର), ଶ୍ରେୟସ ଆୟର (ଭିସି)*, ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, କୁଲଦୀପ ଯାଦବ, ରିଷଭ ପନ୍ତ (ୱିକେଟ କିପର), ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ, ଯଶସ୍ୱୀ ଜୟସ୍ୱାଲ।

କେନ୍ଦ୍ର ସରକାରଙ୍କୁ ସୂର୍ଜେୱାଲାଙ୍କ କଡ଼ା ସମାଲୋଚନା



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ସାଂସଦ ତଥା କଂଗ୍ରେସର ବରିଷ୍ଠ ନେତା ରଣଦୀପ ସୂର୍ଜେୱାଲା ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ସରକାର ମନରେଗାର ନାମ ବଦଳାଇ ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ଆକ୍ରମଣ କରିବା ସହ କୋଟି କୋଟି ଗରିବ, ଖଟିଖିଆ, ଶ୍ରମିକଙ୍କ ପେଟକୁ ନାତ ମାରିଛନ୍ତି। ଗଡ଼ସେଙ୍କ ଅନୁଗାମୀ ଦଳ ବର୍ତ୍ତମାନ ମହାତ୍ମା ଗାନ୍ଧିଙ୍କ ଦର୍ଶନକୁ ଧ୍ୱଂସ କରିଦେବାକୁ ଚାହୁଁଛି। ନୂଆ ଯୋଜନାରେ ପ୍ରାୟ ୫୦ କୋଟି ଲୋକ ପ୍ରଭାବିତ ହେବେ। ଏହି ଯୋଜନାରେ ଖଟିଖିଆଙ୍କ ପେଟ କିଭଳି ପ୍ରଭାବିତ ହେବ, ସେନେଇ ଶ୍ରୀ ସୂର୍ଯ୍ୟେୱାଲା ୮ଟି ବିନ୍ଦୁ ଉପସ୍ଥାପନ କରିଥିଲେ। ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ମନରେଗା ପ୍ରସଙ୍ଗରେ ଓଡ଼ିଶା କଂଗ୍ରେସ ରାଜ୍ୟ ବିଜେପି କାର୍ଯ୍ୟାଳୟ ଘେରାଉ କରିଥିଲା। ଏଥିସହ ପ୍ରତି ଜିଲ୍ଲାରେ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ବି ଦାହ କରାଯାଇଥିଲା। ଏଥିସହ ଆସନ୍ତା ୮ରୁ ଫେବ୍ରୁଆରୀ ୧୬ ତାରିଖ ପର୍ଯ୍ୟନ୍ତ ମନରେଗା ପ୍ରସଙ୍ଗରେ ପିସିସି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଆହୁରି ଓଡ଼ିଶା ପ୍ରଭାରୀ ଶ୍ରୀ ଅଜୟ କୁମାର ଲଲ୍ଲୁ ଏଆଇସିସି ପକ୍ଷରୁ ଆସନ୍ତା ୧୦ରୁ ଫେବ୍ରୁଆରୀ ୨୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ଷସଡ଼ାର ସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ମହାତ୍ମା ଗାନ୍ଧିଙ୍କ ଆଦର୍ଶ ଓ ମଜଦୁରଙ୍କ ଶ୍ରମକୁ ଅପମାନ କଂଗ୍ରେସ କେବେ ବରଦାସ୍ତ କରିବ ନାହିଁ ବୋଲି ଶ୍ରୀ ଲଲ୍ଲୁ କହିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଅଣନିଃଶ୍ୱାସୀ...

ପ୍ରତିଦିନ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସମସ୍ତ ନିର୍ମାଣ କାର୍ଯ୍ୟକଳାପକୁ ନିଷେଧ କରାଯାଇଛି। ପୌରପାଳିକା ସୀମା ମଧ୍ୟରେ କରାଯିବାକୁ ଥିବା ଯେକୌଣସି ଭଙ୍ଗା କିମ୍ବା ମାଟି କାମ ବି ବନ୍ଦ ରହିବ। ପୌରପାଳିକା, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଏବଂ ଏମସିଏଲ ଦିନକୁ ଅତି କମରେ ୩ ଥର ସମସ୍ତ ରାସ୍ତାରେ ପାଣି ସିଞ୍ଚନ କରିବାକୁ ବି କୁହାଯାଇଛି। ତାଳଚେର ସହର ଭିତରକୁ ଭାରୀ ଟ୍ରକ ପ୍ରବେଶକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଖୋଲାରେ ଅଳିଆ ଜାଳିବା, ଢାବା ଇତ୍ୟାଦିରେ କୋଇଲା ଜାଳିବା ଓ ଯେକୌଣସି ପ୍ରକାରର ଖୋଲା ସ୍ଥାନରେ ନିଆଁ ଲଗାଇବାକୁ ବାରଣ କରାଯାଇଛି। ତାଳଚେର ଉପଜିଲ୍ଲାପାଳ ଓ ଆରଟିଓଙ୍କ ନେତୃତ୍ୱରେ ଦିନବେଳା ସମସ୍ତ କୋଇଲା ଓ ପାଉଁଶ ଟ୍ରକ ଚଳାଚଳ ଉପରେ ପୃଥକ କଟକଣା ଜାରି କରାଯିବ। ଜାତୀୟ ରାଜପଥ-୧୪୯ରେ କୌଣସି ଆବରଣ/ତାର୍ପୋଲିନ ବିନା ଟ୍ରକ ଚଳାଚଳ କରିବାକୁ ଅନ

କାର-ବୁଲେଟ୍ ଧକ୍କା, ଦୁଇ ଭାଇ ଗୁରୁତର



ଫୁଲବାଣୀ,୩।୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଟିକାବାଲି ଥାନା ଅନ୍ତର୍ଗତ ଡୁଙ୍ଗୀ ବୁଲାଣି ଠାରେ ଏକ କାର ଓ ବୁଲେଟ୍ ଦୁର୍ଘଟଣା ହୋଇ ଜଳି ଯାଇଥିବା ଦେଖିବାକୁ ମିଳିଛି। କଳିଙ୍ଗିଆଠାରୁ ଫୁଲବାଣୀ ଅଭିମୁଖେ ଆସୁଥିବା ଗୋଟିଏ କାର୍ ବିପରିତ ଦିଗରୁ ଆସୁଥିବା ବୁଲେଟ୍ ସହ ଧକ୍କା ହୋଇଥିଲା । ଧକ୍କା ହେବା ପରେ କାର୍ ଓ ବୁଲେଟ୍‌ରେ ନିଆଁ ଲାଗି ଯାଇଥିଲା। ଯାହାଫଳରେ କାର୍ ଓ ବୁଲେଟ୍‌ଟି ରାସ୍ତା ମଝିରେ ହୁତହୁତ୍ ହୋଇ ଜଳିଯାଇଥିଲା । କାରରେ ଥିବା ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ । ବୁଲେଟରେ ଥିବା ଚାଳକ ଓ ଅନ୍ୟଜଣେ ଗୁରୁତର ହୋଇ ପ୍ରଥମେ ଟିକାବାଲି ମେଡିକାଲ ଓ ପରେ ଗୁରୁତର ଅବସ୍ଥାରେ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଟିକାବାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଦୁର୍ଘଟଣାରେ ଗୁରୁତର ହୋଇଥିବା ଦୁଇଜଣ ଟିକାବାଲି ଥାନା ଚକାପାଦ ବ୍ଲକର ବି. ବୋପଲମେଣ୍ଡି ପଂଚାୟତ ବେଡାସୁଗା ଗ୍ରାମର ବୋଲି ଜଣାପଡିଛି। ଏମାନେ ଦୁଇ ଭାଇ ହୋଇଥିବାବେଳେ ବଡଭାଇ ରଙ୍ଗଲାଲ ନାୟକ (୨୭) ଗୁରୁତର ହେବାରୁ ତାକୁ ଭୁବେନଶ୍ୱରକୁ ରେଫର୍ କରାଯାଇଛି। ସାନ ଭାଇ ଗୌରାଙ୍ଗ ଚରଣ ନାୟକ(୨୫)। ଘଟଣାସ୍ଥଳରେ ନିଆଁଲିଭା ଗାଡି ପହଞ୍ଚି ନିଆଁକୁ ଆୟତ କରିଥିଲେ।

୧୫ଦିନ ହେଲା ଯୁବକ ନିଖୋଜ, ଥାନାରେ ଏତଲା



ନବରଙ୍ଗପୁର/ରାଇଘର,୩।୧ (ସଂଚାର ବ୍ୟୁରୋ): ରାଇଘର ଥାନା ଅଧୀନରେ ଥିବା ଛତାବେଡା ଆଦିବାସୀ ଗ୍ରାମର ଜଣେ ଯୁବକ ୧୫ଦିନ ତଳୁ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଦେଖିବାକୁ ମିଳିଛି। ଯୁବକ ଜଣକ ହେଲେ ମାନସିଂ ଗଞ୍ଚଙ୍କ ପୁଅ ରବୀନ୍ଦ୍ର ଗଞ୍ଚ ବୟସ(୨୨)। ପରିବାର ଲୋକେ ଏତଲାରେ ଲେଖିବା ଅନୁଯାୟୀ ଗତ ୨୦ତାରିଖ ଦିନ ସକାଳ ପ୍ରାୟ ୬ଟା ସମୟରୁ ରବୀନ୍ଦ୍ରକୁ ପରିବାର ଲୋକେ ଦେଖିବାକୁ ପାଇନଥିଲେ। ଏହାପରେ ସାହି ପଡିଶା, ବନ୍ଧୁ ବାନ୍ଧବ ଖୋଜିବା ପରେ ମଧ୍ୟ କୌଣସି ସନ୍ଧାନ ମିଳିନଥିଲା। ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏତଲାକୁ ଆଧାର କରି ରାଇଘର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରକାଶ କରିଛନ୍ତି।

ନଦୀରେ ବୁଡ଼ି ନାବାଳକ ଛାତ୍ରର ମୃତ୍ୟୁ



ପାରାଦୀପ,୩।୧ (ସଂଚାର ବ୍ୟୁରୋ): ନଦୀରେ ବୁଡି ନାବାଳକ ମୃତ। ଘଟଣା ଘଟିଛି ବାଲିଆ ନଦୀରେ। ଦୁଇ ଭାଇ ଗାଧୋଇବାକୁ ଯାଇ ନଦୀରେ ବୁଡିଗଲେ। ସାନ ଭାଇ। ମୃତକ ହେଲେ ପାରିଅଙ୍ଗ ଗାଁର ସାଇ ପ୍ରସାଦ ନାୟକ। କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଂଚାୟତ ପାରିଆଙ୍ଗ ଗ୍ରାମର ନିକଟରେ ଥିବା ବାଲିଆ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ସାଇ ପ୍ରସାଦ ନାୟକ ନଦୀରେ ବୁଡ଼ି ଯାଇଥିଲେ। ତେବେ ଗ୍ରାମବାସୀ ବହୁ ସମୟ ଧରି ଖୋଜା ଖୋଜି କରିବା ପରେ ଅଚେତ ଅବସ୍ଥାରେ ସାଇକୁ କୁଜଙ୍ଗ ମେଡିକାଲକୁ ଆଣିଥିଲେ। ହେଲେ ଡାକ୍ତର ସାଇ ପ୍ରସାଦଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତେବେ ପାରିଆଙ୍ଗ ଗ୍ରାମର ନୃସିଂହ ନାୟକଙ୍କ ପୁଅ ବୋଲି ସୂଚନା ମିଳିଛି, ଏବଂ ସାଇ ଅଷ୍ଟମ ଶ୍ରେଣୀର ଛାତ୍ର। ରାହାମାର ଏକ ସ୍କୁଲରେ ପାଠ ପଢୁଥିଲ। ଆସନ୍ତାକାଲି ସେ ହଷ୍ଟେଲକୁ ଯାଇ ଥାନ୍ତେ। ଏହି ଖବର ଶୁଣିବା ପରେ ସାରା କୁଜଙ୍ଗ ଅଂଚଳରେ ଶୋକାକୁଳ ପରିବେଶ ସୃଷ ହୋଇଛି ଲ

ଜଙ୍ଗଲରେ ଟେଣ୍ଟ କପଡ଼ା ଘେରାଇ ପର୍ଯ୍ୟଟକଙ୍କୁ ଶୋଷଣ

ପିଣ୍ଡି ୨ଶହ ଟଙ୍କା, ତଳେ ବସିଲେ ୫୦ରୁ ଶହେ

କାକଟପୁର/ଅସ୍ତରଙ୍ଗ, ୩।୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଅସ୍ତରଙ୍ଗ ପୀରଜାହାନିଆ ପରିଚିତ। ପର୍ଯ୍ୟଟନ ଋତୁ ଆସିଲେ ପୀରବାବାଙ୍କୁ ଦର୍ଶନ କରିବା ସହ ଝାଉଁ ଜଙ୍ଗଲ ମଧ୍ୟରେ ବଣଭୋଜି ସହ ବିସ୍ତିର୍ଣ୍ଣ ବେଳାଭୂମିରେ ସ୍ନାନ କରି ମଜା ନେବାକୁ ଧାଇଁ ଆସନ୍ତି ପର୍ଯ୍ୟଟକ। କିନ୍ତୁ ଦୈନିକ ହଜାର ହଜାର ଲୋକ ଏଠାକୁ ବଣଭୋଜି କରିବାକୁ ଆସୁଥିବା ବେଳେ ପର୍ଯ୍ୟଟକ ପିଣ୍ଡି ଓ ଜଙ୍ଗଲରେ ଟେଣ୍ଟ କପଡାକୁ ନେଇ ଜୁଲମ ଶିକାର ହେଉଛନ୍ତି। ପ୍ରଶାସନ ପକ୍ଷରୁ ପର୍ଯ୍ୟଟନସ୍ଥଳୀ ଉନ୍ନତି କରଣ କରାଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳ କିଛି ଅସାଧୁ ବ୍ୟବସାୟୀ, କିଛି ମହିଳାଙ୍କ ପାଇଁ ପର୍ଯ୍ୟଟକ ଶୋଷଣ ଶିକାର ହେଉଛନ୍ତି। ପରିମଳ ବ୍ୟବସ୍ଥା, ପାନୀୟ ଜଳଯୋଗାଣ,



ସୁରକ୍ଷା ବ୍ୟବସ୍ଥା ଆଦି ମୌଳିକ ସୁବିଧା ନଥାଇ ଏପରି ଶୋଷଣକୁ ନେଇ ପର୍ଯ୍ୟଟକ ଅସନ୍ତୁଷ୍ଟ।

ତେଜୁଛି ଅସନ୍ତୋଷ

ପର୍ଯ୍ୟଟକଙ୍କ ପାଇଁ ନାହିଁ ମୌଳିକ ସୁବିଧା

କିନ୍ତୁ ଛୁରିଆନା ପଂଚାୟତ ତରଫରୁ ପାର୍କିଂ ଫି ଆଦାୟ ହେଉଛି କିନ୍ତୁ ବଣଭୋଜି କରିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବିଭିନ୍ନ ମାଧ୍ୟମରେ ଶୋଷଣ କରାଯାଉଛି। ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଜଙ୍ଗଲର ଅନେକ ସ୍ଥାନକୁ ଟେଣ୍ଟ କପଡା କିମ୍ବା ସୂତା ପାଲ ମାଧ୍ୟମରେ ଘେରାଉ କରି ଶୋଷଣ କରୁଥିବା ବେଳେ ପୀରଜାହାନିଆ କେବଳ ଟେଣ୍ଟ କପଡାରେ ଆଚ୍ଛାଦିତ ହେଉଛି। ଏହାସହ ପ୍ରତ୍ୟେକ ଦିନ ମଧ୍ୟାହ୍ନ ସମୟ ହେଲେ କିଛି ମହିଳା ବଡ଼ ପିଣ୍ଡି ୨ଶହ ଟଙ୍କା, ମଧ୍ୟମ ପିଣ୍ଡି ୧୫୦ଟଙ୍କା, ଏହାସହ ଜଙ୍ଗଲ ଭିତରେ ସ୍ଥାନ ଅନୁଯାୟୀ ୫୦ଟଙ୍କା, ୧୦୦ଟଙ୍କା ଆଦାୟ କରୁଛନ୍ତି। ଯାହାକି ଶୋଷଣ ଶିକାର ହେଉଛନ୍ତି ପର୍ଯ୍ୟଟକ। କାହା ନିର୍ଦ୍ଦେଶରେ ଏଭଳି ଭାବେ ପର୍ଯ୍ୟଟକଙ୍କୁ ଶୋଷଣ ଚାଲିଛି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ବଳ ପୂର୍ବକ ଅଧିକ ଫି' ଆଦାୟ କରୁଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ କହିଛନ୍ତି, ଏମିତି ପର୍ଯ୍ୟଟକଙ୍କୁ ଶୋଷଣ ଅନୁଚିତ। ଏ ସମ୍ପର୍କରେ ବିଡ଼ିଓଙ୍କ ସହ ଆଲୋଚନା କରିବି ବୋଲି ସୂଚନା ଦେଇଛନ୍ତି।

ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସରକାରଙ୍କ ସହାୟତା

ମିଳିବ ୮ ଲକ୍ଷ ଟଙ୍କା

ନବରଙ୍ଗପୁର,୩।୧ (ସଂଚାର ବ୍ୟୁରୋ): ନବରଙ୍ଗପୁର ପୌରପାଳିକା କଲୋନୀ ବାସିନ୍ଦା ମୁକୁନ୍ଦ ଜାନି ଏବଂ ଶ୍ରୀମତୀ ଲଷ୍ଟାଇ ଜାନି ଉଭୟ ସମ୍ପର୍କରେ ସ୍ୱାମୀ ସ୍ତ୍ରୀ। ଗତ ୦୩.୧୦.୨୦୨୫ ତାରିଖରେ ନବରଙ୍ଗପୁର ଠାରୁ ପାପଡାହାଣ୍ଡି ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥ-୨୬ ତାରାଗାଁ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ପରିବାର ବହୁତ ଗରିବ ଶ୍ରେଣୀର, ତାଙ୍କର ଆର୍ଥିକ ପରିସ୍ଥିତି ମଧ୍ୟ ସୁଦୃଢ ନୁହେଁ। ଏହାକୁ ଉପଲବ୍ଧି କରି ମାନ୍ୟବର ନବରଙ୍ଗପୁର ବିଧାୟକ ଗୌରି ଶଙ୍କର ମାଝି, ମୃତ ମୁକୁନ୍ଦ ଜାନିଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସାହାଯ୍ୟ ପାଣ୍ଠିରୁ ୮ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ମଞ୍ଜୁର କରିବା ସକାଶେ ଏକ ପତ୍ର ମାଧ୍ୟମରେ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ।

ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ଅନୁକମ୍ପା ମୂଳକ ରାଶି ମଞ୍ଜୁର କରିବା ସକାଶେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହିତ ବିଚାର କରି ନୂଆବର୍ଷରେ ଉକ୍ତ ଅନୁକମ୍ପା ମୂଳକ ରାଶି ୮ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସାହାଯ୍ୟ ପାଣ୍ଠିରୁ ମଞ୍ଜୁର କରିଛନ୍ତି ବୋଲି ଜିଲ୍ଲା ଜରୁରୀ କାଳୀନ ବିଭାଗ, ନବରଙ୍ଗପୁର ଠାରୁ ପ୍ରକାଶ। ଓଡ଼ିଶା ସରକାରଙ୍କ ଏହିପରି ଉଦାର ମନୋଭାବକୁ ମୃତ ଜାନି ପରିବାର ନବରଙ୍ଗପୁର ବିଧାୟକ, ରାଜ୍ୟ ସରକାର ଏବଂ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ସାଧୁବାଦ ଜଣାଇଛନ୍ତି।

ରାସ୍ତାକୁ ଆସିଲା ଯାଜପୁର ବିଜେପିର ଗୋଷ୍ଠୀକନ୍ଦଳ

ନୂଆବର୍ଷ ଶୁଭେଚ୍ଛା ବ୍ୟାନରରୁ ଫଟୋ ଚିରି ରାଜନୀତି

ଯାଜପୁର, ୩।୧ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ବିଜେପିର ଦଳୀୟ ଗୋଷ୍ଠୀ ବିବାଦ ଏବେ ଖୋଲା ରାସ୍ତାରେ। ଇଂରାଜୀ ନୂଆବର୍ଷ ଅବସରରେ ଲଗାଯାଇଥିବା ଶୁଭେଚ୍ଛା ବ୍ୟାନରକୁ କେନ୍ଦ୍ର କରି ଦଳ ଭିତରର ଦ୍ୱନ୍ଦ୍ୱ ଅତ୍ୟନ୍ତ ନିମ୍ନସ୍ତରକୁ ଖସିଥିବା ଦେଖାଯାଇଛି। ଅଭିଯୋଗ ଅନୁଯାୟୀ, ଏକ ଶୁଭେଚ୍ଛା ବ୍ୟାନରରୁ ଜିଲ୍ଲା ବିଜେପିର ପୂର୍ବତନ ସମ୍ପାଦକ ସୁରଜଲାଲ ସାମଲଙ୍କ ଫଟୋକୁ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ଚିରି ନଷ୍ଟ କରାଯାଇଛି। ଆଶ୍ଚର୍ଯ୍ୟର କଥା ହେଲା, ସେହି ବ୍ୟାନରରେ ଥିବା ନିର୍ବାଚନ ମଣ୍ଡଳୀ ନେତା ଗୌତମ ରାୟଙ୍କ ଫଟୋ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଥିବା ଦଳ ଭିତରର ଗୋଷ୍ଠୀ ସମୀକରଣକୁ ସ୍ପଷ୍ଟ କରିଦେଉଛି। ଏହି ଘଟଣାର କିଛି ସମୟ ପରେ ବଲ୍ଲଭିଘାଟ ଅଞ୍ଚଳରେ ଲାଗିଥିବା ଅନ୍ୟ ଏକ ଶୁଭେଚ୍ଛା ବ୍ୟାନରରେ ଗୌତମ ରାୟଙ୍କ ଫଟୋକୁ ମଧ୍ୟ ଏକାପରି ଚିରି ନଷ୍ଟ କରାଯାଇଥିବା ଦେଖିବାକୁ ମିଳିଛି। ଏହା ଦଳ ଭିତରେ ଚାଲିଥିବା ପ୍ରତିହିଂସାମୂଳକ ରାଜନୀତିକୁ ଆହୁରି ପ୍ରକାଶ କରିଛି।





ଯାଜପୁର ନିର୍ବାଚନ ମଣ୍ଡଳୀରେ ଯୁବ ନେତୃତ୍ୱଙ୍କୁ ନେଇ ବିବାଦ ପୂର୍ବରୁ ମଧ୍ୟ ଚର୍ଚ୍ଚାରେ ରହିଛି। ପୂର୍ବରୁ ଯୁବନେତା ସଂଗ୍ରାମ ପାତ୍ରଙ୍କ ଉପରେ ଆକ୍ରମଣ ଓ ତାଙ୍କ ଗାଡ଼ି ଭାଙ୍ଗିଦେବା ଘଟଣା ଦଳୀୟ ଶୃଙ୍ଖଳାକୁ ଭୟଙ୍କର ଭାବେ ଆହ୍ୱାନ ଜଣାଇଥିଲା। ସେତେବେଳେ ଯଦି ଦଳ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା, ଆଜି ଏପରି ଘଟଣା ଦେଖିବାକୁ ମିଳୁନଥାନ୍ତା ବୋଲି କାର୍ଯ୍ୟକର୍ତ୍ତାମାନେ ମତ ପ୍ରକାଶ କରୁଛନ୍ତି। ଦଳୀୟ ଏକତା ଉପରେ ପ୍ରଶ୍ନ ଉଠାଉଥିବା ଏଭଳି ଘଟଣା ଯାଜପୁର ବିଜେପିର ଛବିକୁ ଗଭୀର କ୍ଷତି ପହଞ୍ଚାଉଥିବା ବେଳେ, କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ରାଜନୈତିକ ମହଲରେ ଏହି ଘଟଣାକୁ ନେଇ ଜୋରଦାର ଚର୍ଚ୍ଚା ଚାଲିଥିବା ବେଳେ, ଦଳର ଜିଲ୍ଲା ଓ ରାଜ୍ୟ ନେତୃତ୍ୱ ଏହାକୁ କେମିତି ଗମ୍ଭୀରତାର ସହ ନେବେ ଓ କେଉଁ ପଦକ୍ଷେପ ନେବେ ସେଥିପାଇଁ ସମସ୍ତଙ୍କ ନଜର ରହିଛି।

ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ମାରାଥନ ପ୍ରତିଯୋଗିତା

ଅଶୋକ ଦଣ୍ଡସେନା ଓ ଅନିତା ଦାସ ପ୍ରଥମ

ପାରାଦୀପ,୩।୧ (ସଂଚାର ବ୍ୟୁରୋ): ପ୍ରତି ବର୍ଷ ପରି ପାରାଦୀପ ବନ୍ଦର ଜାନୁଆରୀ ୩ତାରିଖ ଦିନ ତାର ପ୍ରତିଷ୍ଠା ଦିବସ ପାଳନ କରିଛି। ୬୫ତମ ପ୍ରତିଷ୍ଠା ଦିବସ ଅବସରରେ ୨୧ତମ ମାରାଥନ ପ୍ରତିଯୋଗିତା ଆୟୋଜିତ କରିଥିଲା ବନ୍ଦର। ଏହି ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩୩୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଯେଉଁଥିରେ ୨୮୦ ପୁରୁଷ ଓ ୫୬ ଜଣ ମହିଳା ଥିଲେ। ୩ ତାରିଖ ଦିନ ସକାଳେ ବନ୍ଦର ଅଧକ୍ଷ ପିଏଲ ହରନାଧ ହନୁମାନ ମନ୍ଦିର ଠାରେ ସବୁଜ ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।

ପ୍ରତିଯୋଗୀମାନେ ବନ୍ଦର ସହରରେ ୧୪ କିଲୋମିଟର ପଥ ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ପହଞ୍ଚି ଥିଲେ। ପ୍ରତିଯୋଗୀମାନେ ରାସ୍ତା ଅତିକ୍ରମ କରୁଥିବା ବେଳେ ବିଭିନ୍ନ ସ୍ଥାନମାନଙ୍କରେ ଅନୁଷ୍ଠାନ, ସ୍କୁଲ ପିଲା ଓ ବନ୍ଦର ଅନ୍ତେବାସୀମାନେ ରାସ୍ତା କଡ଼ରେ ଛିଡ଼ା ହୋଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ଓଡ଼ିଶା ପୁଲିସର ଅଶୋକ



ଦଣ୍ଡସେନା ପ୍ରଥମ, ରାଞ୍ଚିର ଗୁଲ୍ଜନ ଡୁଙ୍ଗ ଡୁଙ୍ଗ ଦ୍ୱିତୀୟ, ଝାରଖଣ୍ଡର ରାକେଶ ମହନ୍ତ ତୃତୀୟ ସ୍ଥାନ ପାଇଥିବା ବେଳେ ମହିଳା ବର୍ଗରେ ଝାଡ଼ଖଣ୍ଡର ଅନିତା ଦାସ ପ୍ରଥମ, ସନ୍ଧ୍ୟା ମୁର୍ମୁ ଦ୍ୱିତୀୟ, ବାସନ୍ତୀ ମାଞ୍ଜିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପୂର୍ବାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନ୍ଦର ଅଧକ୍ଷ ପି ଏଲ ହରନାଧ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ବୋଧିତ କରିବା ସଙ୍ଗେ ସଙ୍ଗେ ପୁରସ୍କାର ବିତରଣ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବନ୍ଦର ଉପାଧକ୍ଷ ଟି ବେଣୁଗୋପାଳ ଓ ବନ୍ଦର ବିଭାଗ ମୁଖ୍ୟ ଓ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ନିଃସହାୟଙ୍କୁ ଶୀତବସ୍ତ୍ର ବାଣ୍ଟୁଛନ୍ତି ୧୯୯୦ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀ

ଗୋପ, ୩।୧ (ସଂଚାର ବ୍ୟୁରୋ): କିଛିଦିନ ତଳେ ୧୯୯୦ ବ୍ୟାଚ ଗୋପ ନିଗମାନନ୍ଦ ସରକାରୀ ହାଇସ୍କୁଲର ଛାତ୍ର ଛାତ୍ରୀମାନେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ପ୍ରବଳ ଶୀତ କାକରକୁ ନ ଡରି ଏହି ବନ୍ଧୁମାନେ ନୂଆ ବର୍ଷ ଆରମ୍ଭରୁ ପ୍ରାୟ ପ୍ରତିଦିନ ଗୋପ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଖୋଜି ଖୋଜି ନିଃସହାୟ ଲୋକ ମାନଙ୍କୁ କମ୍ବଳ ବାଣ୍ଟୁଛନ୍ତି । ଏହି ଛାତ୍ର ସଙ୍ଗଠନ ପ୍ରମୁଖ ମାନଙ୍କ କହିବା କଥା, ଏହି ନିଃସହାୟମାନେ ଆମ ଗାଁ ମାଟିର। ତାଙ୍କ ମୁହଁରେ ଟିକେ ଖୁସି ଦେଖି ପାରିଲେ ଆମ ମାନଙ୍କୁ ଆତ୍ମତୃପ୍ତି ମିଳୁଛି। ଆଉ ଆମ ପିଲାମାନଙ୍କୁ ମିଳୁଛି ଆଶୀର୍ବାଦ। ଏହାଠୁଁ ବଳି ଆମର ଆଉ କିଛି ଦରକାର୍ ନାହିଁ। ଆମ ଅଞ୍ଚଳର ସାମୂହିକ ପ୍ରଗତି କିପରି ହୋଇପାରିବ ସେ ଦିଗରେ ଆମେ ସମସ୍ତେ ସଂଘ ବଦ୍ଧ ହୋଇ ଏକ ମନ ପ୍ରାଣରେ କାର୍ଯ୍ୟ କରୁଛୁ। ଆଗକୁ ରକ୍ତଦାନ, ଜଳଛତ୍ର ପରି ଆହୁରି ଅନେକ କିଛି କରିବାର ଯୋଜନା ରଖିଛୁ ବୋଲି କହିଛନ୍ତି।



ବୋରିଗୁମ୍ଫା ବିଡ଼ିଓଙ୍କୁ ମିଳିଲା ଅତିରିକ୍ତ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱ



ବୋରିଗୁମ୍ଫା, ୩।୧ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ଫା ବ୍ଲକରେ କାର୍ଯ୍ୟରତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜାତ୍ତ କୁମାର ପଟ୍ଟନାୟକଙ୍କୁ ନୂତନ ଭାବେ ଗଠିତ ବୋରିଗୁମ୍ଫା ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ଗତକାଲି ତାଙ୍କର ରାଜ୍ୟ 'ଗୃହ ଓ ସହରାଞ୍ଚଳ ବିକାଶ' ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ତାଲିକାରେ ଶ୍ରୀ ପଟ୍ଟନାୟକଙ୍କୁ ବୋରିଗୁମ୍ଫା ବିଜ୍ଞାପିତ ଅଞ୍ଚଳ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଥିବା ଜଣାପଡ଼ିଥିଲା। ବ୍ଲକ ଅଧକ୍ଷା ଦିପ୍ତିମୟୀ ନାୟକଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଶ୍ରୀ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଆଲୁମନାଇ ସେଲ୍- ସୋଆ ପକ୍ଷରୁ ଗ୍ରାଣ୍ଡ ହୋମ୍ କମିଂ ଆୟୋଜିତ

ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଗଠିତ ଆଲୁମନାଇ ସେଲ୍- ସୋଆ ପକ୍ଷରୁ ଶନିବାର ଗ୍ରାଣ୍ଡ ହୋମ କମିଂ-୨୦୨୫ ବନ୍ଧୁ ମିଳନ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୫୦୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ସାମିଲ ହୋଇଥିବା ବେଳେ ଶନିବାର ପ୍ରଥମାର୍ଦ୍ଧରେ ନିଜ ନିଜ ଅନୁଷ୍ଠାନରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅପରାହ୍ନରେ ସୋଆ କ୍ୟାମ୍ପସ -୨ ଅଡିଟୋରିୟମ୍‌ରେ ଆୟୋଜିତ ଗ୍ରାଣ୍ଡ ହୋମ କମିଂ



କାର୍ଯ୍ୟକ୍ରମରେ ସେମାନେ ସାମିଲ ହୋଇଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍‌ସେସ୍, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରୁ ଗ୍ରହଣ କରିଥିବା ଶିକ୍ଷା ଓ ଅନୁଭୂତି ପରପିଢ଼ିଙ୍

ପିସି ରୋକିବାକୁ ଯାଇ ଅଡୁଆରେ ବିଜେପି ନେତା

ରାଜନଗର,୩।୧ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ସଂଘବଦ୍ଧ ଆକ୍ରମଣକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ଏକାକୁ ଏବେ ରାଜନୈତିକି ରଙ୍ଗ ଦେବାକୁ ଚେଷ୍ଟା କରାଯାଉଛି। ରାଜଧାନୀରେ ସାମ୍ବାଦିକ ସମ୍ମିଳନୀ ଠାରୁ ଆରମ୍ଭ କରି ରାଜନଗରରେ ନିର୍ଦ୍ଧିଷ୍ଟ ରାଜନୈତିକ ଦଳ ପଦଯାତ୍ରା କରି ସରକାରଙ୍କ ଆଡେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତେବେ କାହିଁକି ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା ଓ ତାଙ୍କ ସମର୍ଥକମାନେ ବିଡିଓଙ୍କ ସହ ଉଚ୍ଚବାଚ କରିଥିଲେ ସେକଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଜଣେ ସରକାରୀ ଅଧିକାରୀ ହୋଇ ମଧ୍ୟ ବିଡିଓ ମହୋଦୟା 'ବିକଶିତ ଗାଁ ବିକଶିତ ଓଡିଶା' ପ୍ରକଳ୍ପ କାମରେ ପିସି ଯୋଗାଡ଼ କରିବାକୁ ଯୋଜନା କରୁଥିଲେ। ଆଉ ବିଧାୟକ ପ୍ରାର୍ଥୀ ଏହାକୁ ଅଟକାଇବାକୁ ଯାଇ ଆଜି ନିନ୍ଦିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟତମ ଫ୍ଲାଗସିପ ପ୍ରକଳ୍ପ ହେଉଛି ବିକଶିତ ଗାଁ ବିକଶିତ ଓଡିଶା ଯୋଜନା। ଏହି ଯୋଜନାରେ ବ୍ଲକର ୪୦ ପ୍ରକଳ୍ପ ବିଧାୟକ ସୁପାରିଶ କରିଥିବା ବେଳେ ୬୦ ପ୍ରତିଶତ ପ୍ରକଳ୍ପ ପଞ୍ଚାୟତରୁ ଆସିଥାଏ। ଏହି ନ୍ୟାୟରେ ବିଧାୟକ ଦେଇଥିବା ପ୍ରକଳ୍ପଗୁଡିକୁ ବିଡିଓ ସିଧାସଳଖ କାର୍ଯ୍ୟକାରୀ କରିବା କଥା। କାରଣ ସରକାରୀ ନିୟମ କହୁଛି ୨୦ ଲକ୍ଷ ଟଙ୍କା ତଳକୁ ପ୍ରକଳ୍ପ ପାଇଁ ପଞ୍ଚାୟତ ସମିତି ଅଧକ୍ଷଙ୍କ ଅନୁମୋଦନର ଆବଶ୍ୟକତା ନାହିଁ। ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ପାଇଁ ରାଜ୍ୟ ସରକାର ନିକଟରେ ଏକ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନେଇଥିଲେ। ହେଲେ ବିଡିଓ ସବୁ ପ୍ରକଳ୍ପ ଅଧକ୍ଷଙ୍କ ପାଖକୁ ପଠାଇବାକୁ ବାଧ କରୁଥିଲେ। ବିଜେପି ନେତାଙ୍କ ଅଭିଯୋଗ ହେଉଛି କେବଳ ପିସି ଚକ୍କରରେ ଅଧକ୍ଷଙ୍କ ପାଇଁ ପ୍ରକଳ୍ପ ଅନୁମୋଦନ ପାଇଁ ପଠାଯାଉଛି। ଅଭିଯୋଗ ଅନୁଯାୟୀ ବିକଶିତ ଗାଁ ବିକଶିତ ଓଡ଼ିଶାରେ ସବୁ ପ୍ରକଳ୍ପରେ ଅଧକ୍ଷ ୨ ପ୍ରତିଶତ ପିସି ନେଉଛନ୍ତି। ବ୍ଲକ ଅଫିସ, ଅଧକ୍ଷ ଓ ବିଧାୟକଙ୍କ ପିସି ମିଶାଇ ମୋଟ ୧୧ ପ୍ରତିଶତ ଅର୍ଥ ପିସିରେ ବାଟମାରଣା ହେଉଛି। ଲଳିତ ବେହେରା ଏହାକୁ ନେଇ ଆପତ୍ତି ଉଠାଇଥିଲେ। ସରକାରୀ ଯୋଜନାରେ ସ୍ୱଚ୍ଛତା ବଜାୟ ରଖିବାକୁ ତାଙ୍କ ପରାମର୍ଶକୁ ଗ୍ରହଣ ନ କରି ବିଡିଓ ଅଧକ୍ଷଙ୍କ ପାଖକୁ ଅନୁମୋଦନ ପାଇଁ ପଠାଇବାକୁ ଜିଦ ଧରିବାରୁ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା ଏବଂ ବିଡିଓ ଜଣେ ବିଧାୟକ ପ୍ରାର୍ଥୀଙ୍କୁ ଅସମ୍ମାନ କରିବାକୁ ପଛେଇ ନଥିଲେ। ଯାହାକୁ ନେଇ ଉତ୍ତେଜିତ ହୋଇଥିଲେ ବିଜେପି କର୍ମୀମାନେ।



- 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଆଦାୟ ହେଉଛି ୧୧% ପିସି!
- ବିଡିଓ ସରକାରୀ ନିୟମର ଉଲ୍ଲଂଘନ କରୁଥିବା ଅଭିଯୋଗ

● ଇସିଆଇ ନେଟ୍ ଆପ୍‌କୁ ଅଧିକ ଉନ୍ନତ କରିବ ନିର୍ବାଚନ ଆୟୋଗ

ଜାନୁଆରୀ ୧୦ ଯାଏଁ ମତାମତ ସଂଗ୍ରହ



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ଇସିଆଇ ନେଟ୍ ଆପ୍ ର ବ୍ୟବହାର ଓ କାର୍ଯ୍ୟକାରିତାକୁ ଉନ୍ନତ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ନାଗରିକମାନଙ୍କୁ ଏହି ଆପ୍ ଡାଉନଲୋଡ୍ କରି ଏହା ମଧ୍ୟରେ ଥିବା 'ସବମିଟ ଏ ସଜେଶନ' ଟ୍ୟାବ୍ ବ୍ୟବହାର କରି ସେମାନଙ୍କର ସୁଚିନ୍ତିତ ମତାମତ ଦେବା ପାଇଁ ଅନୁରୋଧ କରିଛନ୍ତି। ନାଗରିକମାନେ ଏ ସମ୍ପର୍କିତ ମତାମତ ୧୦ ଜାନୁୟାରୀ, ୨୦୨୬ ସୁଦ୍ଧା ଦେଇପାରିବେ। ଏହି ଆପ୍‌ର ପରୀକ୍ଷାମୂଳକ ସଂସ୍କରଣଗୁଡ଼ିକ ଉନ୍ନତ ଭୋଟର ସେବା, ମତଦାନ ପ୍ରତିଶତ ଧାରାଗୁଡ଼ିକର ତ୍ୱରିତ ଉପଲବ୍ଧତା ଏବଂ ନିର୍ବାଚନ ଫଳାଫଳ ଘୋଷଣାର ୭୨ ଘଣ୍ଟା ମଧ୍ୟରେ ଇଞ୍ଜେକ୍ଟ କାର୍ଡ ପ୍ରକାଶନକୁ ସକ୍ଷମ କରିପାରିଥିଲା, ପୂର୍ବରୁ ଏହି ସବୁ ପ୍ରକ୍ରିୟା ଶେଷ ହେବା ପାଇଁ ଅନେକ ଦିନ ଲାଗି ଯାଉଥିଲା। ଏହି ଆପ୍‌କୁ ପରୀକ୍ଷାମୂଳକ ଭାବେ ୨୦୨୫ ବିହାର ବିଧାନସଭା ନିର୍ବାଚନ ଏବଂ ଉପନିର୍ବାଚନ ସମୟରେ ବ୍ୟବହାର କରାଯାଇଥିଲା। ଇସିଆଇ ନେଟ୍ ଆପ୍ ର କାର୍ଯ୍ୟକାରିତା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ଦ୍ୱାରା ନିଆଯାଇଥିବା ପ୍ରମୁଖ ପଦକ୍ଷେପ ମଧ୍ୟରୁ ଅନ୍ୟତମ। ଏହାର ମୂଳ-ଉଦ୍ଦେଶ୍ୟ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଭୋଟରଙ୍କ ସୁବିଧାକୁ ଉନ୍ନତ କରିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି କରିବା। ଇସିଆଇ ନେଟ୍ ଆପ୍‌ର ପ୍ରସ୍ତୁତି କାର୍ଯ୍ୟ ୪ ମଇ, ୨୦୨୫ ରୁ ଆରମ୍ଭ ହୋଇଥିଲା। ଇସିଆଇ ନେଟ୍ ଆପ୍ ହେଉଛି ଭୋଟର ହେଲପଲାଇନ୍ ଆପ୍, ପୋଲିଂ ଷ୍ଟେସ୍ଙ୍କ, ନୋ ୟୋର କ୍ୟାଣ୍ଡିଡେଟ୍ ଆପ୍ ଭଳି ପୂର୍ବରୁ ବ୍ୟବହାର ହେଉଥିବା ୪୦ ଟି ପୃଥକ ନିର୍ବାଚନ ସମ୍ବନ୍ଧୀୟ ଆପ୍ଲିକେସନର ଏକକ ସଂଯୋଜିତ ଇଣ୍ଟରଫେସ। ଏହି ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋର ଉଭୟରୁ ଡାଉନଲୋଡ୍ କରାଯାଇପାରିବ।

ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପ୍ରକଳ୍ପର ସମୀକ୍ଷା



ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତି ସମ୍ବନ୍ଧୀୟ ସେବା କ୍ଷେତ୍ର ର ଖସଡାକୁ ଅନ୍ତିମ ରୂପ ଦେବା ଉଦ୍ଦେଶ୍ୟରେ ଗତକାଲି ଓଡ଼ିଶା ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ସିଙ୍ଗାପୁରର ସୁବର୍ଣ୍ଣା ଜୁରୋଙ୍ଗ୍ ଇନଫ୍ରାଷ୍ଟ୍ରକ୍‌ଚର୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରତିନିଧିଙ୍କ ସହ ଏକ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଛି। ଖାରବେଳ ଭବନରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ ର ଉପାଧକ୍ଷ ତଞ୍ଚଳ ରାଣା, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଶତ୍ରୁଘ୍ନ କରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ସମୟରେ ଶ୍ରୀ ରାଣା କହିଥିଲେ ଯେ ଗତବର୍ଷ ଜାନୁଆରୀ ୧୭ରେ ଭାରତରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଭୁବନେଶ୍ୱର ବିକାଶ ପ୍ରାଧିକରଣ ଓ ସୁବର୍ଣ୍ଣା ଜୁରୋଙ୍ଗ୍ ଇନଫ୍ରାଷ୍ଟ୍ରକ୍‌ଚର୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହରର ଯୋଜନା ଓ ବିକାଶ ଯୋଜନା କ୍ଷେତ୍ର (ବିଡିପିଏ) ମଧ୍ୟରେ ଥିବା ଗୋଠପାଟଣା, ମଳିପଡ଼ା ଓ ଦାସପୁର ମୌଜା ଅଞ୍ଚଳକୁ ଆବର୍ତ୍ତିତ କରି ପ୍ରାୟ ୮୦୦ ଏକର ଜମିରେ ନୂତନ ସହର ବିକାଶ କରାଯିବ। ଏହି ପ୍ରସ୍ତାବକୁ ଗତବର୍ଷ ସେପ୍ଟେମ୍ବର ୧୦ରେ ଅନୁଷ୍ଠିତ ମନ୍ତ୍ରିମଣ୍ଡଳ ବୈଠକରେ ଅନୁମୋଦନ ମିଳିଥିଲା।

- କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ

ବୈଠକରେ ଶ୍ରୀମତୀ ପାଢ଼ୀ ବିଡିଏକୁ ସମସ୍ତ ହିତାଧିକାରୀଙ୍କ ସହ ଘନିଷ୍ଠ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମାଷ୍ଟର ପ୍ଲାନ ପ୍ରସ୍ତୁତି କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ଏହି ପ୍ରକଳ୍ପ ଭୁବନେଶ୍ୱରର ସୁସଂଯୋଜିତ, ସ୍ଥିର ଓ ଭବିଷ୍ୟତମୁଖୀ ନଗର ଉନ୍ନୟନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂତନ ସହର ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ସେବା କ୍ଷେତ୍ରର ଖସଡ଼ାକୁ ଅନ୍ତିମ ରୂପ ଦିଆଯାଇଛି। ଏହି ପ୍ରକଳ୍ପ ଅନୁସାରେ, ଭୁବନେଶ୍ୱର ବିକାଶ ପ୍ରାଧିକରଣ (ବିଡିଏ) ଅଞ୍ଚଳର ୨୦୫୧ ମସିହା ସୁଦ୍ଧା ଜନସଂଖ୍ୟା ୨୫ ଲକ୍ଷକୁ ବୃଦ୍ଧି ପାଇବା ଆକଳନ କରାଯାଇଛି। ଏହି ଅଞ୍ଚଳରେ ୨୦୫୧ ସୁଦ୍ଧା ୧୨ ଲକ୍ଷ ଚାକିରି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି।

ପୌଷ ପୂର୍ଣ୍ଣିମାରେ ରକ୍ତରଞ୍ଜିତ ଚାନ୍ଦଲୀ ପୀଠ

ସୁନ୍ଦରଗଡ଼ ୩।୧(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ଲେପ୍ରିପଡ଼ା ବ୍ଲକ୍ ରାଏଡିହି ଗାଁ ନିକଟ ପାହାଡ଼ ଉପରେ ରହିଛି ମା' ଚାନ୍ଦଲୀଙ୍କ ପୀଠ। ପୌଷ ପୂର୍ଣ୍ଣିମାରେ ଏଠାରେ ହୁଏ ଚାନ୍ଦଲୀ ଯାତ୍ରା। ସବୁବର୍ଷ ଭଳି ଏ ବର୍ଷ ମଧ୍ୟ ଧୁମଧାମରେ ପାଳିତ ହୋଇଛି ଏହି ଯାତ୍ରା। ପାହାଡ଼ର ନାମ ଅନୁସାରେ ଦେବୀଙ୍କ ନାଁ ମଧ୍ୟ ଚାନ୍ଦଲୀ ପାଟ। ବିଶ୍ୱାସ ରହିଛି ଏଠାକୁ ଆସି ମା'ଙ୍କ ନିକଟରେ ମାନସିକ କଲେ ମନୋବାଞ୍ଛା ନିଶ୍ଚିତ ଭାବେ ପୂରଣ ହୁଏ। ଏଥିପାଇଁ ଏଠାରେ ଛେଳି କୁକୁଡ଼ା ଆଦି ବଳି ମଧ୍ୟ ଦିଆଯାଏ। ଏଥର ମଧ୍ୟ ତାହା ହୋଇଛି। ତେବେ ବର୍ତ୍ତମାନ ଏହି ବଳିପ୍ରଥାକୁ ବନ୍ଦ କରିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି ବୋଲି ଯାତ୍ରା କମିଟି ସଦସ୍ୟ ମାନେ କହିଛନ୍ତି। ଚାନ୍ଦଲୀ ପାଟର ଇତିହାସ ବହୁ ପୁରୁଣା। କେତେବର୍ଷ ଆଗରୁ ଏହି ପାହାଡ଼ ଉପରେ ମା' ପୂଜା ପାଇ ଆସୁଛନ୍ତି ତାହା ଠିକ୍ ଭାବେ କାହାକୁ ଜଣାନାହିଁ।

୨୭ ଲକ୍ଷର ବ୍ରାଉନସୁଗର ଜବତ, ତିନି ଗିରଫ

ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ) : ପାର୍କ କଡ଼ରୁ ଧରାପଡ଼ିଲା ୨୭ଲକ୍ଷର ବ୍ରାଉନସୁଗର। ଫରେଷ୍ଟ ପାର୍କ ନିକଟରୁ ତିନି ଜଣଙ୍କୁ ଗିରଫ କଲା ଭୁବନେଶ୍ୱର ଅବକାରୀ ଟିମ୍। ସେମାନଙ୍କଠାରୁ ୨୬ଗ୍ରାମ ବ୍ରାଉନସୁଗର ଜବତ କରିଛି ଅବକାରି ଟିମ୍। ଚାରି ମାସ ଧରି ଏହି ରାକେଟକୁ ପିଛା କରୁଥିଲା ଅବକାରି ବିଭାଗ। କଲେଜ ପିଲାଙ୍କୁ ଡ୍ରଗ୍ସ ସପ୍ଲାଏ କରୁଥିବା ଏହି ରାକେଟକୁ ଗିରଫ କରିଛି ଅବକାରି ଟିମ୍। ସେମାନଙ୍କ ମଧ୍ୟରେ ଜଣେ ଲ ଛାତ୍ର ରହିଥିବା ମଧ୍ୟ ଜଣାପଡିଛି। ସୁକାନ୍ତ ନାୟକ, ସନ୍ତୋଷ ନାୟକ, ଦେବୀପ୍ରସାଦ ଦାସକୁ ଗିରଫ କରାଯାଇଛି। ତେବେ ଅବକାରୀ ଅଧୀକ୍ଷକଙ୍କ ସୂଚନା ଯେ, ଏମାନଙ୍କ ଗ୍ୟାଙ୍ଗ ଇଞ୍ଜିନିୟରିଂ ଛାତ୍ରମାନଙ୍କୁ ଓ ଭଲ ପରିବାରର ପିଲାମାନଙ୍କୁ ଡ୍ରଗସ ସପ୍ଲାଏ କରୁଥିଲେ। କାଲି ଫରେଷ୍ଟ ପାର୍କ ନିଛାଟିଆ ଜଙ୍ଗଲରେ ଡିଲ ବେଳେ ଏମାନଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ଜଣେ ମର୍ଡର ଆସାମୀ ଥିବା ବେଳେ ଆଉ ଜଣେ ଦୁଇମାସ ପୂର୍ବରୁ ଜେଲରୁ ମୁକୁଳି ଏଭଳି କାରବାର କରୁଥିଲା। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଅଟୋ ଓ ସ୍କୁଟିକୁ ପିଟିଲା 'ଆମ ବସ୍'

ଜଣେ ମୃତ, ୨ ଗୁରୁତର



ଭୁବନେଶ୍ୱର ୩।୧(ସଂଚାର ବ୍ୟୁରୋ): ରୁପାଲି ଛକରେ ସକାଳେ ଅଟୋକୁ ଧକ୍କା ଦେଲା ପରେ ସନ୍ଧ୍ୟାରେ ସ୍କୁଟରକୁ ଧକ୍କାଦେଇଛି ଆମ ବସ୍। ଆମ ବସ୍ ପଛରୁ ଆସି ଅଟୋ-ରିଚ୍ଛା ସହିତ ଧକ୍କା ହୋଇଥିଲା। ସାମ୍ନାରେ ଥିବା ଅଟୋରେ ଡ୍ରାଇଭର ସମେତ ଦୁଇଜଣ ଯାତ୍ରୀ ଥିଲେ। ଅଟୋ ଡ୍ରାଇଭର, ଯାଜପୁର ଜିଲ୍ଲା ବିଞ୍ଝାରପୁର ନିବାସୀ ବିଷ୍ଣୁ ପାତ୍ରୋ (୬୨) ଗୁରୁତର ଆହତ ହୋଇଥିଲେ। ପରେ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ସେଭଳି ଜଣେ ଛାତ୍ରୀ ନମିତା ପ୍ରଧାନ (୨୧)ଙ୍କ ହାତ ଭାଙ୍ଗିଯାଇଥିବା ବେଳେ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଛି। ବର୍ତ୍ତମାନ ସେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ତୃତୀୟ ଯାତ୍ରୀ ରମଣୀ ନାୟକଙ୍କ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। କ୍ରୁଟ୍ ପକ୍ଷରୁ ଆହତ ପୀଡିତଙ୍କୁ ୫୦,୦୦୦ ଟଙ୍କା କ୍ଷତିପୂରଣ ଏବଂ ମୃତକଙ୍କ ପରିବାରକୁ ତୁରନ୍ତ ସହାୟତା ସ୍ୱରୂପ ୨ ଲକ୍ଷ ସହାୟତା ରାଶି ପ୍ରଦାନ କରାଯାଇଛି। ଚାଳକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଅନ୍ୟାନ୍ୟ ସମ୍ପୃକ୍ତ ସରକାରୀ ବିଭାଗ ସହିତ ଯୋଗାଯୋଗ ଜାରି ରହିଛି।

ହାତୀ ନେଲା ଆଉ ଏକ ଜୀବନ

● ସୁରକ୍ଷା ନେଇ ବନ ବିଭାଗ ଉପରେ ଉଠିଲା ପ୍ରଶ୍ନ

ନୀଳଗିରି, ୩।୧(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଥିବା କୁଲଡିହା ଅଭୟାରଣ୍ୟ ପାଦ ଦେଶ ଅଧିବାସୀ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଆଜି ହାତୀ ଆକ୍ରମଣରେ ଚାଲିଯାଇଛି ଆଉଏକ ଅମୂଲ୍ୟ ମଣିଷ ଜୀବନ। ସୁରକ୍ଷା ନେଇ ବନ ବିଭାଗ ଉପରେ ପ୍ରଶ୍ନ ଉଠିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଶ୍ୟାମସୁନ୍ଦର ପୁର ପଂଚାୟତ ଶ୍ରୀଦେଇ ପୁର (କାଇଁଷି ପାଳ) ଗ୍ରାମରେ ଗ୍ରାମର ବୈରାଗୀ ଦେହୁରୀ (୫୮) ଏବଂ ଆଉ କିଛି ଗ୍ରାମବାସି କୁଲଡିହା ଅଭୟାରଣ୍ୟର ଖମକୁଟ ସ୍ଥିତ ଭୁଟୁବୁଟି ଚୁଆ ଘନ ଜଙ୍ଗଲରେ ଜାଳେଣି କାଠ ସଂଗ୍ରହ କରିବା ପାଇଁ ସକାଳେ ଯାଇଥିଲେ। ଦୁର୍ଭାଗ୍ୟବଶତଃ ଘନ କୁହୁଡି ଯୋଗୁଁ ହଠାତ ହାତୀ ଓ ବୈରାଗୀ ମୁହାଁମୁହିଁ ହୋଇଥି6ଲେ। ହାତୀ ହଠାତ ଦଳି ଚକଟି ବୈରାଗୀକୁ ଉକ୍ତ ଜାଗାରେ ଜୀବନରୁ ମାରିଦେଇଥିଲା। ସାଥୀମାନେ ଘଞ୍ଚ ଜଙ୍ଗଲ ଭିତରୁ ଜୀବନ ବିକଳରେ ଦଉଡି ଦଉଡି କିଛି ବାଟ ଆସିଥିବା ବେଳେ ପୁଣି ଫେରିଯାଇ ବୈରାଗୀର ଶରୀରକୁ ଆଣି ୧୦୮ ଯୋଗେ ନୀଳଗିରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପାଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଓ. ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ଡାକ୍ତରଖାନାରେ ଯାଇଥିଲେ । ପୂର୍ବତନ ବିଧାୟକ ତୁରନ୍ତ ସରକାରଙ୍କ ଆର୍ଥିକ ସହାୟତା ଯୋଗାଇଦେବାକୁ ଡ଼ିଏଫଓ ପ୍ରଫୁଲ୍ଲ ମଲ୍ଲିକଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରି କହିଥିଲେ।



● ୧୪ତମ ଦିନରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଚଢ଼ାଉ

୧. ୨୨ କୋଟିର ବେଆଇନ ସାମଗ୍ରୀ ଜବତ

ଭୁବନେଶ୍ୱର, ୩।୧(ସଂଚାର ବ୍ୟୁରୋ): ଡିସେମ୍ବର ୨୦ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ୧୪ତମ ଦିନରେ ବିଭାଗ ପକ୍ଷରୁ ୧୬୭ଟି ମାମଲା ରୁଜୁ ହେବା ସହ ୧. ୨୨ କୋଟି ଟଙ୍କା ମୂଲ୍ୟର ବେଆଇନ ମାଦକ ଦ୍ରବ୍ୟ ଓ ନିଶା ସାମଗ୍ରୀ ଜବତ ହୋଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦିନଭରି ହୋଇଥିବା ଅଭିଯାନ ସମୟରେ ମାମଲାରେ ଜଡିତ ୮୯ ଜଣଙ୍କୁ ଗିରଫ କରାଯାଇଛି । ଏଥିମଧ୍ୟରୁ ୭ଟି ମାମଲା ଏନଡିପିଏସ୍ ଆଇନରେ ରୁଜୁ ହୋଇଛି। ବେଆଇନ ନିଶା କାରବାର ସହ ସମ୍ପୃକ୍ତ ୮ଟି ଗାଡିକୁ ଚଢ଼ାଉକାରୀ ଦଳ ପକ୍ଷରୁ ଜବତ କରାଯାଇଛି । ଜବତ ସାମଗ୍ରୀ ମଧ୍ୟରେ ୫,୬୩୨ ଲିଟର ବେଆଇନ ଭାବେ ତିଆରି ହୋଇଥିବା ମଦ ଓ ୨୮୩ ଲିଟର ଡ୍ୟୁଟି ପେଡ୍ ଲିକ୍ୟୁର ରହିଛି । ଏହା ସହିତ ୪୪,୦୦୫ ବଲ୍କ ଲିଟର ମହୁଲ ପୋଚ, ୧୧,୨୫୦ କିଲୋଗ୍ରାମ ଗୁଡ଼ ପୋଚ ଓ ୧୦ କିଲୋଗ୍ରାମ ଭାଙ୍ଗ ମଧ୍ୟ ଜବତ କରାଯାଇଛି। ନିଷିଦ୍ଧ ନିଶାଦ୍ରବ୍ୟ ମଧ୍ୟରେ ୭୫୫ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି।

ହିତାଧିକାରୀଙ୍କ ଇ-କେୱାଇସି ଅବଧି ବଢ଼ିଲା

ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ): ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନସ୍ଥ ସମସ୍ତ ହିତାଧିକାରୀଙ୍କ ଆଧାର ଭିତ୍ତିକ ଇ-କେୱାଇସି କରିବା ପ୍ରକ୍ରିୟାର ଅବଧି ବୃଦ୍ଧି କରାଯାଇଛି। ଏହି ଅବଧିକୁ ରାଜ୍ୟ ସରକାର ଆସନ୍ତା ୨୦୨୬ ଫେବୃଆରୀ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ହିତାଧିକାରୀମାନେ ସେମାନଙ୍କ ଆଧାର ସଂଯୁକ୍ତ ଇ-କେୱାଇସି ରାଜ୍ୟର ସାଧରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ) ଅନ୍ତର୍ଗତ ସମସ୍ତ ୧୧, ୭୨୫ ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ ଓ ୬୪ ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ କାର୍ଡ଼ ପରିଚାଳନା କେନ୍ଦ୍ର ଗୁଡ଼ିକରେ କରିପାରିବେ। ଏତଦବ୍ୟତୀତ କୌଣସି କାରଣ ବଶତଃ ଅଦ୍ୟାବଧି ଇ-କେୱାଇସି କରିପାରି ନଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପିଡ଼ିଏସ ସାମଗ୍ରୀ ପୂର୍ବବତ ଆବଣ୍ଟିତ କରାଯାଉଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇନଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ। ଆସନ୍ତା ଫେବୃଆରୀ ମାସ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ କିମ୍ବା ରାସନ କାର୍ଡ଼ ପରିଚାଳନା କେନ୍ଦ୍ରକୁ ଯାଇ ଆଧାର ସଂଯୁକ୍ତ ଇ-କେୱାଇସି କରାଇ ନେବାକୁ ସମ୍ପୃକ୍ତ ହିତାଧିକାରୀଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି



ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୫,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୪,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୪,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୫,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୪,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୫,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୪,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୬,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୫,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୫,୮୨୦ ଓ ୧,୨୪,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର



ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

ନୂଆବର୍ଷରେ ବିଏସ୍ଏନ୍ଏଲ୍‌ର ଦମ୍‌ଦାର୍ ଅଫର୍



ନୂଆଦିଲ୍ଲୀ,୩।୧: ନୂତନ ବର୍ଷ ଆରମ୍ଭରେ ସରକାରୀ ଟେଲିକମ କମ୍ପାନୀ ବିଏସଏନଏଲ ତାର ଗ୍ରାହକମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେଇଛି। ଜାନୁଆରୀ ପହିଲାଠାରୁ ବିଏସଏନଏଲ ଦେଶବ୍ୟାପୀ ଭଏସ ଓଭର ୱାଇଫାଇ ସେବା ଆରମ୍ଭ କରିଛି। ଏହି ନୂଆ ଫିଚର ଗ୍ରାହକମାନଙ୍କୁ ମୋବାଇଲ ନେଟୱାର୍କ ନ ଥିବା ସମୟରେ ମଧ୍ୟ ସେମାନଙ୍କର ମୋବାଇଲ ନମ୍ବର ବ୍ୟବହାର କରି କଲ କରିବାକୁ ଏବଂ ମେସେଜ ପଠାଇବାକୁ ଅନୁମତି ଦେବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଫିଚର ପାଇଁ ଏକ ପୃଥକ ଆପ ଆବଶ୍ୟକ ହେବ ନାହିଁ। ବିଏସଏନଏଲର ଭଏସ ଓଭର ୱାଇଫାଇ ସେବା ଦେଶର ସମସ୍ତ ଟେଲିକମ ସର୍କଲରେ କାର୍ଯ୍ୟକାରୀ କରାଯାଇଛି। ଏହାର ଅର୍ଥ ହେଉଛି ସହର ହେଉ କିମ୍ବା ଗ୍ରାମ, ବିଏସଏନଏଲ ଗ୍ରାହକମାନେ ଏବେ ୱାଇଫାଇ ମାଧ୍ୟମରେ କଲ କରିବାର ମଜା ନେଇପାରିବେ। ଏହି ସେବା ସେହି ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ ଯେଉଁଠାରେ ମୋବାଇଲ ନେଟୱାର୍କ ସଂଯୋଗ ପ୍ରାୟତଃ ଦୁର୍ବଳ ଥାଏ। ଭାରତର ଅନେକ ଅଞ୍ଚଳରେ ମୋବାଇଲ ସିଗନାଲ ସମସ୍ୟା ସାଧାରଣ, ବିଶେଷକରି ଘର ଭିତରେ, ବେସମେଣ୍ଟ, ଅଫିସ ଏବଂ ଗ୍ରାମାଞ୍ଚଳରେ। ବିଏସଏନଏଲ ର ଏହି ନୂତନ ସେବା ଏପରି ଅଞ୍ଚଳରେ ଏକ ସ୍ପଷ୍ଟ ଏବଂ ନିର୍ଭରଯୋଗ୍ୟ କଲିଂ ଅଭିଜ୍ଞତା ପ୍ରଦାନ କରିବ। ୱାଇଫାଇ ମାଧ୍ୟମରେ କଲ କରିବା ଦ୍ୱାରା ଭଏସ ଗୁଣବତ୍ତା ଉନ୍ନତ ହେବ ଏବଂ କଲ ଡ୍ରପ ହ୍ରାସ ପାଇବ।

ଭଏସ ଓଭର ୱାଇଫାଇ ଏକ ପ୍ରଯୁକ୍ତିବିଦ୍ୟା ଯାହା ମୋବାଇଲ ନେଟୱାର୍କ ପରିବର୍ତ୍ତେ ୱାଇ-ଫାଇ ଇଣ୍ଟରନେଟ ବ୍ୟବହାର କରି ଭଏସ କଲ ଏବଂ ମେସେଜ କରିବାକୁ ଅନୁମତି ଦିଏ। ଏହା ବ୍ୟବହାରକାରୀମାନଙ୍କୁ ନେଟୱାର୍କ ସିଗନାଲ ବିନା ମଧ୍ୟ କଲ କରିବାକୁ ଅନୁମତି ଦିଏ ଏବଂ ଦୁର୍ବଳ କଭରେଜ ଥିବା ଅଞ୍ଚଳରେ ମଧ୍ୟ ଏକ ସ୍ପଷ୍ଟ ଭଏସ ଅଭିଜ୍ଞତା ପ୍ରଦାନ କରେ। ଆପଣଙ୍କର ମୋବାଇଲ ନମ୍ବର ଏବଂ ଫୋନ ଡାଏଲର୍ ସମାନ ରହିଥାଏ, ତୃତୀୟ-ପକ୍ଷ ଆପ ଆବଶ୍ୟକ ନକରିଥାଏ।

ଭଏସ ଓଭର ୱାଇଫାଇ ବ୍ୟବହାର କରି କରାଯାଇଥିବା କଲ ସମ୍ପୂର୍ଣ୍ଣ ସାଧାରଣ ମୋବାଇଲ କଲ ପରି। ଅନ୍ୟ ବ୍ୟକ୍ତି ସମାନ ନମ୍ବର ଦେଖନ୍ତି। ଏହି ବୈଶିଷ୍ଟ୍ୟ ସଞ୍ଚୟଂଚାଳିତ ଭାବରେ ମୋବାଇଲ ନେଟୱାର୍କ ଏବଂ ୱାଇ-ଫାଇ ମଧ୍ୟରେ ସଞ୍ଚିତ ହୁଏ, କଲ ଡ୍ରପ ହେବାର ସମ୍ଭାବନା ହ୍ରାସ କରେ। ଆପଣଙ୍କ ଫୋନରେ ଭଏସ ଓଭର ୱାଇଫାଇ ଚାଲୁ କରିବା ବହୁତ ସହଜ। ପ୍ରଥମେ, ଏକ ୱାଇ-ଫାଇ ନେଟୱାର୍କ ସହିତ ସଂଯୋଗ କରନ୍ତୁ। ତା'ପରେ, ଆପଣଙ୍କ ଫୋନର ସେଟିଂସକୁ ଯାଆନ୍ତୁ ଏବଂ ମୋବାଇଲ ନେଟୱାର୍କ କିମ୍ବା ୱାଇ-ଫାଇ କଲିଂ ଚୟନ କରନ୍ତୁ। ଭଏସ ଓଭର ୱାଇଫାଇ କିମ୍ବା ୱାଇ-ଫାଇ କଲିଂ ଚାଲୁ କରନ୍ତୁ। ତା'ପରେ ଆପଣ ଡାଏଲର୍ ରୁ ସିଧାସଳଖ କଲ କରିପାରିବେ। ଏହି ବୈଶିଷ୍ଟ୍ୟ ସଞ୍ଚୟଂଚାଳିତ ଭାବରେ ଅନେକ ନୂତନ ସ୍ମାର୍ଟଫୋନରେ ଦେଖାଯାଏ।

ସରକାର ଏବଂ ମନ୍ତ୍ରଣାଳୟ ଅନୁଯାୟୀ, ଭଏସ ଓଭର ୱାଇଫାଇ ସେବା ଗ୍ରାମାଞ୍ଚଳ ଏବଂ ଅନୁନ୍ନତ ଅଞ୍ଚଳ ପାଇଁ ବିଶେଷ ଉପଯୋଗୀ। ଯେଉଁଠାରେ ମୋବାଇଲ ଟାୱାର ପ୍ରବେଶ ସୀମିତ, ସେଠାରେ ଏକ ଭଲ ୱାଇଫାଇ ସଂଯୋଗ ସହିତ ମଧ୍ୟ କଲ କରିବା ସମ୍ଭବ ହେବ। ଏହା ନେଟୱାର୍କ ଚାପ ହ୍ରାସ କରିବ ଏବଂ ଗ୍ରାହକମାନଙ୍କୁ କୌଣସି ଅତିରିକ୍ତ ଦେୟ ବିନା ଉତ୍ତମ ସେବା ପ୍ରଦାନ କରିବ। ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଏସଏନଏଲର ଭଏସ ଓଭର ୱାଇଫାଇ ସେବା ପାଇଁ କୌଣସି ଅତିରିକ୍ତ ଦେୟ ଦେବାକୁ ପଡିବ ନାହିଁ। ବିଦ୍ୟମାନ ଯୋଜନାରେ ୱାଇଫାଇ କଲିଂ ଉପଲବ୍ଧ ହେବ। ଏହି ପଦକ୍ଷେପ ଘରୋଇ କମ୍ପାନୀଗୁଡ଼ିକ ବିରୁଦ୍ଧରେ ବିଏସଏନଏଲର ସ୍ଥିତିକୁ ମଜବୁତ କରିବ ଏବଂ ଗ୍ରାହକମାନଙ୍କୁ ଦୈନନ୍ଦିନ ଯୋଗାଯୋଗ ସମସ୍ୟାରୁ ମୁକ୍ତି ଦେବ।

୨୦୨୬ ମାର୍ଚ୍ଚରେ ହଟିଯିବ ୫୦୦ ଟଙ୍କିଆ ନୋଟ୍!



ସୋସିଆଲ୍ ମିଡିଆରେ ଭାଇରାଲ ଗୁଜବ ଖବରକୁ ଆର୍‌ବିଆଇର ଖଣ୍ଡନ

ନୂଆଦିଲ୍ଲୀ, ୩।୧: ସୋସିଆଲ୍ ମିଡିଆରେ ଗୋଟେ ଖବର ଭାଇରାଲ ହେଉଛି। ୨୦୨୬ ମାର୍ଚ୍ଚ ପରେ ମାର୍କେଟ୍‌ରୁ ୫୦୦ ଟଙ୍କିଆ ନୋଟ୍ ହଟାଇ ନେବ ଆର୍‌ବିଆଇ। ଅର୍ଥାତ୍ ଏହି ନୋଟ୍ ଆଉ ପ୍ରଚଳନ ହେବ ନାହିଁ। ଏହି ଖବରକୁ ନେଇ ବର୍ତ୍ତମାନ ଲୋକଙ୍କ ମଧ୍ୟରେ ଚିନ୍ତାରେ ପଡ଼ି ଯାଇଛନ୍ତି। ଆଉ ଯଦି ଆପଣ ଏହି ଗୁଜବ ଖବର ଶିକାର ହୋଇଛନ୍ତି ତେବେ ଚିନ୍ତା ଛାଡ଼ନ୍ତୁ, ସେମିତି କିଛି ହେବାର ନାହିଁ। ଏହା ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଏକ ଗୁଜବ ଖବର। ଏନେଇ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆରବିଆଇ) ପ୍ରତିକ୍ରିୟା ଦେଇଛି। ଆରବିଆଇ କହିଛି ଯେ ଏହା ସମ୍ପୂର୍ଣ୍ଣ ଭୁଲ୍ ଖବର।୫୦୦ ଟଙ୍କିଆ ନୋଟ୍ ସମ୍ପୂର୍ଣ୍ଣ ବୈଧ ରହିଛି। ବ୍ୟାଙ୍କିଙ୍ଗ୍ କାରବାର,ଏଟିଏମ୍‌ଏବଂ ଅନ୍ୟାନ୍ୟ ପେମେଣ୍ଟ ପଦ୍ଧତିରେ ନୋଟ୍ର ବ୍ୟବହାର ଜାରି ରହିବ।ସରକାର କିମ୍ବା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆଏହି ନୋଟକୁ ହଟାଇବା କିମ୍ବା ବନ୍ଦ କରିବା ପାଇଁ କୌଣସି ଯୋଜନା କରି ନାହାଁନ୍ତି। ପିଆଇବି ଫ୍ୟାକ୍ଟ ଚେକ୍ ଏହି ଖବରକୁ ମିଥ୍ୟା ବୋଲି ସ୍ପଷ୍ଟ ଭାବରେ ଖାରଜ କରି ଏକ ରିପୋର୍ଟ ପ୍ରକାଶ କରିଛି। ଏହି ଖବରର କୌଣସି ସରକାରୀ ଆଧାର ନାହିଁ ବୋଲି ପିଆଇବି କହିଛି। ୫୦୦ ଟଙ୍କିଆ ଉଠି ଯିବ ବୋଲି ସୋସିଆଲ ମିଡିଆରେ ଖବର ଭାଇରାଲ ହେବା ପରେ ଲୋକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏହାକୁ ନେଇ କିଛି ୟୁଜର ଏଟିଏମରୁ ₹୫୦୦ ନୋଟ୍ ଉଠାଇବା ବନ୍ଦ କରି ଦେଇଥିବା କହିଥିଲେ। ଆଉ କିଛି ସେମାନଙ୍କର ନଗଦ ସଞ୍ଚୟ ନେଇ ଚିନ୍ତିତ ହୋଇଯାଇଥିଲେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏପରି ଗୁଜବ ଆର୍ଥିକ ଆଚରଣ ଉପରେ ଅସ୍ଥାୟୀ ଭାବରେ ପ୍ରଭାବ ପକାଇପାରେ।ଏହି ଖବର ଉପରେ ବିଶ୍ୱାସ କରି ଲୋକେ କିଛି ଭୁଲ୍ ଆର୍ଥିକ ନିଷ୍ପତ୍ତି ବି ନେଇପାରନ୍ତି, ଫଳରେ ସେମାନେ ଆର୍ଥିକ ସମସ୍ୟାରେ ସମ୍ମୁଖୀନ ହୋଇପାରନ୍ତି। ତେଣୁ ଯେ ପର୍ଯ୍ୟନ୍ତ ସରକାରୀ ସ୍ତରରେ ଏଭଳି କୌଣସି ଖବର ପ୍ରକାଶ ପାଇ ନାହିଁ ସେ ପର୍ଯ୍ୟନ୍ତ ଗୁଜବ ଖବର ଉପରେ ବିଶ୍ୱାସ କରନ୍ତୁ ନାହିଁ କି କୌଣସି ଭୁଲ ନିଷ୍ପତ୍ତି ନଅନ୍ତୁ ନାହିଁ।

ଅଫିସ ଜବ୍‌ଠାରୁ ବି ମୋଟାଅଙ୍କର ଟଙ୍କା କମାନ୍ତି ଡେଲିଭରି ବଏ



ନୂଆଦିଲ୍ଲୀ,୩।୧: ଆଜିକାଲି, ଦେଶର ପ୍ରତ୍ୟେକ ସହରର ରାସ୍ତାରେ ଡେଲିଭରି ପାର୍ଟନରମାନେ ଲାଲ, ହଳଦିଆ ଏବଂ ସବୁଜ ରଙ୍ଗର ଟି-ସାର୍ଟ ପିନ୍ଧି କାମ କରୁଥିବା ଦେଖଇବାକୁ ପାଉଥିବେ। ସେମାନେ ବର୍ତ୍ତମାନ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟି ଯାଇଛନ୍ତି। ସେମାନେ ଡ୍ରେସ କପଡା ଠାରୁ ଆରମ୍ଭ କରି ଖାଦ୍ୟ ଏବଂ ରାସନ ଯାଏ ଆମ ଘର ଦୁଆର ମୁହଁରେ ପହଞ୍ଚାଉଛନ୍ତି। ବର୍ତ୍ତମାନ ଗୋଟିଏ ପ୍ରଶ୍ନ ଉଠିଛି: ଏହି ଡେଲିଭରି ଏଜେଣ୍ଟମାନେ କ'ଣ ସେମାନଙ୍କ କଠିନ ପରିଶ୍ରମ ପାଇଁ ଉଚିତ ମଜୁରୀ ପାଉଛନ୍ତି? ୧୦ ମିନିଟ ଡେଲିଭରି ପାଇଁ ସେମାନଙ୍କ ଜୀବନକୁ ବିପଦରେ ପକାଉଛନ୍ତି କି? ସୋସିଆଲ ମିଡିଆ ଏବଂ ରାସ୍ତାରେ ଏହି ବିତର୍କ ମଧ୍ୟରେ, ଜୋମାଟୋ ଏବଂ ବ୍ଲିଙ୍କିଟର ସିଇଓ ଦୀପିନ୍ଦର ଗୋୟଲ ବ୍ୟକ୍ତିଗତ ଭାବରେ ରୋଜଗାର ଏବଂ ସୁରକ୍ଷା ତଥ୍ୟର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ କରିଛନ୍ତି। ପ୍ରାୟତଃ ଆଲୋଚନା ହୁଏ ଯେ ଡେଲିଭରି ପାର୍ଟନରମାନେ ଯେକୌଣସି ଆରମ୍ଭିକ ଅଫିସ ଚାକିରି ଅପେକ୍ଷା ଭଲ ରୋଜଗାର କରନ୍ତି। ଦୀପିନ୍ଦର ଗୋୟଲଙ୍କ ଦ୍ୱାରା ସେୟାର କରାଯାଇଥିବା ତଥ୍ୟକୁ ଦେଖିଲେ, ଚିତ୍ରଟି ବହୁତ ଆକର୍ଷଣୀୟ। ୨୦୨୫ରେ, ଜୋମାଟୋ ଡେଲିଭରି ପାର୍ଟନରମାନଙ୍କର ହାରାହାରି ଘଣ୍ଟାପ୍ରତି ରୋଜଗାର ୧୦୨ ଟଙ୍କା ଥିଲା, ଯାହା ପୂର୍ଣ୍ଣ ବର୍ଷ ତୁଳନାରେ ପ୍ରାୟ ୧୧% ବୃଦ୍ଧି ପାଇଛି। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ଆୟ କେବଳ ଅର୍ଡର ପ୍ରଦାନ କରିବାରେ ବିତାଇଥିବା ସମୟ ଦ୍ୱାରା ଗଣନା କରାଯାଏ ନାହିଁ, ବରଂ ଲଗ ଇନ ଏବଂ ଅର୍ଡର ପାଇଁ ଅପେକ୍ଷା କରିବାରେ ବିତାଇଥିବା ସମୟକୁ ମଧ୍ୟ ଅନ୍ତର୍ଭୁକ୍ତ କରି କରାଯାଏ। ଗୋୟଲ ଏକ ଆନୁମାନିକ ଆୟ ବିଭାଜନ ମଧ୍ୟ ଉପସ୍ଥାପନ କରିଥିଲେ। ଯଦି ଜଣେ ବ୍ୟକ୍ତି ମାସକୁ ୨୬ ଦିନ କାମ କରନ୍ତି ଏବଂ ପ୍ରତିଦିନ ୧୦ ଘଣ୍ଟା ଲଗ ଇନ କରନ୍ତି, ତେବେ ତାଙ୍କର ମୋଟ ମାସିକ ମୋଟ ଆୟ ପ୍ରାୟ ୨୬,୫୦୦ ହୋଇପାରେ। ତଥାପି, ଏଥିରେ ପେଟ୍ରୋଲ ଏବଂ ବାଇକ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ। ଯଦିଓ ଏହି ଖର୍ଚ୍ଚଗୁଡ଼ିକୁ ବାଦ ଦିଆଯାଏ, ୨୦% ହ୍ରାସକୁ ଧରି, ନିଟ ଆୟ ପ୍ରାୟ ୨୧,୦୦୦ ଟଙ୍କା ହୁଏ। ଏହି ସଂଖ୍ୟା ଅନେକ ପ୍ରବେଶ-ସ୍ତରୀୟ ଚାକିରି ସହିତ ତୁଳନୀୟ କିମ୍ବା ତା'ଠାରୁ ମଧ୍ୟ ଭଲ ମନେହୁଏ। ଆମେ ପ୍ରାୟତଃ ଭାବୁଛୁ ଯେ ଡେଲିଭରି କାମ ଏହି ଯୁବକମାନଙ୍କ ପାଇଁ ଜୀବିକାର ଏକମାତ୍ର ଉତ୍ସ, କିନ୍ତୁ ତଥ୍ୟ ଭିନ୍ନ କାହାଣୀ କୁହେ। କମ୍ପାନୀ ଦାବି କରେ ଯେ ଅଧିକାଂଶ ଅଂଶୀଦାର ଫୁଲଟାଇମ୍ ଚାକିରି ଭାବରେ ନୁହେଁ,ଶ୍ମାର୍ଟ ଟାଇମ୍ କିମ୍ବା ନିଜସ୍ୱ କାମ କରନ୍ତି। ହାରାହାରି, ଜଣେ ଅଂଶୀଦାର ବର୍ଷକୁ କେବଳ ୩୮ ଦିନ କାମ କରିଥିଲେ। କେବଳ ୨.୩% ବର୍ଷକୁ ୨୫୦ ଦିନରୁ ଅଧିକ କାମ କରିଥିଲେ। ଏହାର ଅର୍ଥ ହେଉଛି ଏହି କାମ ନମନୀୟ, କୌଣସି ସ୍ଥିର ଶିଫ୍ଟ କିମ୍ବା ବସ ବିନା।

ଗୋୟଲ ଗ୍ରାହକଙ୍କ ଟିପ୍ସ ସମ୍ପର୍କରେ ମଧ୍ୟ ପରିସ୍ଥିତି ସ୍ପଷ୍ଟ କରିଥିଲେ। ଲୋକମାନେ ପ୍ରାୟତଃ ଭାବନ୍ତି ଯେ କମ୍ପାନୀ ଟିପ ରଖେ, କିନ୍ତୁ ଗୋୟଲ ସ୍ପଷ୍ଟ କରିଥିଲେ ଯେ ଟିପ ର ୧୦୦% ଆରୋହୀଙ୍କ ପାଖକୁ ଯାଏ। ତଥାପି, ଟିପ ଦେବା ସମୟରେ ଭାରତୀୟ ଗ୍ରାହକମାନେ ଟିକେ କଞ୍ଜୁସ ମନେହୁଏ। ବ୍ଲିଙ୍କିଟରେ ଟିପ୍ସ ମାତ୍ର ୨.୫ ଏବଂ ଜୋମାଟୋରେ ୫%। ଟିପ୍ସରୁ ହାରାହାରି ଘଣ୍ଟାପ୍ରତି ଆୟ ମାତ୍ର ୨.୬ ଟଙ୍କା। ସର୍ବାଧିକ ବିବାଦ ହେଉଛି "କ୍ୱିକ କମର୍ସ", ଅର୍ଥାତ ୧୦ ମିନିଟ ମଧ୍ୟରେ ଡେଲିଭରି। ଅଭିଯୋଗ ହୋଇଛି ଯେ ଏହା ଆରୋହୀମାନଙ୍କ ଉପରେ ଦ୍ରୁତ ଗାଡି ଚଲାଇବା ପାଇଁ ବିପଜ୍ଜନକ ଚାପ ସୃଷ୍ଟି କରେ। ଏହାକୁ ସ୍ପଷ୍ଟ କରି ଜୋମାଟୋର ମୁଖ୍ୟ କହିଛନ୍ତି ଯେ ଡେଲିଭରି ସମୟ ଯାନବାହାନ ଗତି ସହିତ ଜଡିତ ନୁହେଁ, ବରଂ ଷ୍ଟୋର୍ ସ୍ଥାନ ଏବଂ ଲଜିଷ୍ଟିକ୍ସ ସହିତ ଜଡିତ। ବ୍ଲିଙ୍କିଟରେ ହାରାହାରି ଡେଲିଭରି ଦୂରତା ମାତ୍ର ୨.୦ୱାକିଲୋମିଟର, ଯାହା ୮ ମିନିଟ ସମୟ ନିଏ। ଏହି ସମୟ ମଧ୍ୟରେ ହାରାହାରି ଗତି ଘଣ୍ଟା ପ୍ରତି ୧୬ କିଲୋମିଟର, ଯାହାକୁ ସହର ଟ୍ରାଫିକ ବିଚାରକୁ ନେଇ ବହୁତ ସୁରକ୍ଷିତ ବୋଲି ବିବେଚନା କରାଯାଇପାରିବ।

ନଭେମ୍ବରରେ ଯୋଡ଼ିଛି ସର୍ବାଧିକ ୧ ଲକ୍ଷ ୮୫ ହଜାର ନୂତନ ଗ୍ରାହକ

ଓଡ଼ିଶାରେ ଜିଓର ଲୋକପ୍ରିୟତା



ଭୁବନେଶ୍ୱର, ୩।୧: ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି, ରିଲାଏନ୍ସ ଜିଓ ନଭେମ୍ବର ମାସରେ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) କ୍ଷେତ୍ରରେ ସର୍ବାଧିକ ୧ ଲକ୍ଷ ୮୫ ହଜାର ନୂତନ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ନଭେମ୍ବର ମାସରେ ଓଡ଼ିଶାରେ ସର୍ବାଧିକ ୧ ଲକ୍ଷ ୫୯ ହଜାରରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୨୫୦୦୦ ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ନଭେମ୍ବର ମାସରେ ଜିଓ ଓଡ଼ିଶାରେ ୧.୫୯ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ୍ ସମାନ ସମୟରେ ୧୦୦୦୦ରୁ ଅଧିକ ମୋବାଇଲ୍ ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ସେହି ସମୟ ମଧ୍ୟରେ ଅନ୍ୟ ଦୁଇ ଅପରେଟର ଭୋଡାଫୋନ୍ ଆଇଡିଆ ଏବଂ ବିଏସଏନଏଲ ଉଭୟ ଯଥାକ୍ରମେ ମାତ୍ର ୩୦୨୬ ଏବଂ ୨୪୩୩ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛନ୍ତି। ଏହି ଦୃଢ଼ ପ୍ରଦର୍ଶନ ସହିତ, ୩୦ ନଭେମ୍ବର ୨୦୨୫ ସୁଦ୍ଧା ଓଡ଼ିଶାରେ ଜିଓର ପ୍ରାୟ ୧ କୋଟି ୭୧ ଲକ୍ଷ ମୋବାଇଲ୍ ଗ୍ରାହକ ରହିଥିବା ବେଳେ ଏହା ୪୭.୩ ପ୍ରତିଶତରୁ ଅଧିକ ମୋବାଇଲ୍ ଗ୍ରାହକ ବଜାର ଅଂଶ ସହିତ ରାଜ୍ୟରେ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଜିଓର ସେବା ପ୍ରତି ଗ୍ରାହକଙ୍କ ଅତୁଳନୀୟ ବିଶ୍ୱାସ ଏବଂ ସାରା ରାଜ୍ୟରେ ଏହାର ଅତ୍ୟାଧୁନିକ ୪ଜି ଏବଂ ୫ଜି ନେଟୱାର୍କର ପ୍ରଯୁକ୍ତିର ଶ୍ରେଷ୍ଠତା ଦ୍ୱାରା ଏହି ମାଇଲଖୁଣ୍ଟ ହାସଲ ସମ୍ଭବ ହୋଇଛି। ଅତି ସୁଲଭ ଜିଓଭାରତ ୪ଜି ଫୋନ, ବିଶେଷକରି ଓଡ଼ିଶାର ଗ୍ରାମୀଣ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ହଜାର ହଜାର ୨ଜି ଗ୍ରାହକଙ୍କୁ ୪ଜିକୁ ଅପଗ୍ରେଡ୍ କରି ଡିଜିଟାଲ ଇଣ୍ଡିଆର ସୁଫଳ ପାଇବାରେ ସକ୍ଷମ କରିଛି।

ଟ୍ରାଇ ତଥ୍ୟ ଅନୁଯାୟୀ, ନଭେମ୍ବର ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୧ ଲକ୍ଷ ୫୪ ହଜାରରୁ ଅଧିକ ବୃଦ୍ଧି ପାଇ ୩୦ ନଭେମ୍ବର ୨୦୨୫ ସୁଦ୍ଧା ୩ କୋଟି ୬୧ ଲକ୍ଷ ଅତିକ୍ରମ କରିଛି। ଜାତୀୟ ସ୍ତରରେ, ରିଲାଏନ୍ସ ଜିଓ ନଭେମ୍ବର ୨୦୨୫ରେ ଭାରତର ଟେଲିକମ୍ ଅଭିବୃଦ୍ଧିର ନେତୃତ୍ୱ ନେଇ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ୨୧ ଲକ୍ଷ ୬୦ ହଜାରରୁ ଅଧିକ ନୂତନ ଗ୍ରାହକ ଯୋଡି ଭାରତର ଡିଜିଟାଲ୍ ପରିବର୍ତ୍ତନର ପ୍ରମୁଖ ବାହକ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଥ

ମୁଣ୍ଡାରୀ ଭାଷା ଲିପିକୁ ଅଷ୍ଟମ ଅନୁସୂଚିରେ ସାମିଲ ଓ ମାରାଙ୍ଗ ଗୋମକେ ଜୟ ପାଲ ସିଂ ମୁଣ୍ଡାଙ୍କୁ ମରଣୋତ୍ତର ଭାରତରତ୍ନ ପାଇଁ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା,୩।୧ (ସଂଚାର ବ୍ୟୁରୋ): ଆଦିବାସୀ ଲୋକ ଙ୍କ ଅଧିକାର ପାଇଁ ପ୍ରଥମେ ପାଦ ଆଗକୁ ବଢେଇ ଥିବା ଭାରତବର୍ଷ ର ମହାନ ନେତା ମାରାଙ୍ଗ ଗୋମକେ ଜୟ ପାଲ ସିଂ ମୁଣ୍ଡାଙ୍କ ୧୨୩ତମ ଜନ୍ମ ଜୟନ୍ତୀ ମୁଣ୍ଡା ଯୁବ ସଙ୍ଗଠନ ଦ୍ୱାରା ସ୍ମୃତିସଭା ବାରିପଦା ସ୍ଥିତ ରୋଟାରୀ କ୍ଲବ ରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଣ୍ଡା ଯୁବ ସଙ୍ଗଠନ ତରଫରୁ ବିଭିନ୍ନ ଦାବୀ କୁ ନେଇ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି ଏବଂ ଭାରତର ପ୍ରଧାନମନ୍ତ୍ରୀ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବୀପତ୍ର ରେ ମାରାସ୍ୱ ଗୋମକେ ଜୟପାଲ ସିଂ ମୁଣ୍ଡା ଙ୍କୁ ମରଣ ତ୍ତୋର ଭାରତରତ୍ନ ପ୍ରଦାନ କରିବା, ବାରିପଦା ଷ୍ଟାଡିୟମ୍ କୁ ଜୟପାଲ ସିଂ ମୁଣ୍ଡା ଙ୍କ ନାମରେ ନାମିତ କରିବା, ବାରିପଦା ର ଷ୍ଟିଲ ଗୋଲେଇ ଠାରେ ଜୟପାଲ ସିଂ ମୁଣ୍ଡାଙ୍କ ୨୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ପ୍ରତିମୂର୍ତ୍ତି ସ୍ଥାପନ, ମୁଣ୍ଡାରୀ ଭାଷା ଲିପିକୁ ଅଷ୍ଟମ ଅନୁସୂଚି ରେ ସାମିଲ ଏବଂ ମୟୂରଭଞ୍ଜ ଜିଲ୍ଲାରେ ଏକ ଆଦିବାସୀ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବା ଏବଂ ତାହା ମୁଣ୍ଡାରୀ ବାନୀର ସ୍ରଷ୍ଟା ଅଲଗୁରୁ ପଣ୍ଡିତ ରୋହିଦାସ ସିଂ ନାଗ୍ ଙ୍କ ନାମରେ ନାମିତ କରାଯାଉ ଆଦି ଉଲେଖ କରାଯାଇଅଛି । ମୁଣ୍ଡା ଯୁବ ସଙ୍ଗଠନର ସଭାପତି ଫକୀର ମୋହାନ ସିଂ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ମୁଣ୍ଡା ଯୁବ ସଂଗଠନର ଉପଦେଷ୍ଟା ରାକେଶ ସିଂ ଯୋଗଦେଇଥିବାବେଳେ ଅନ୍ୟାନ୍ୟ ଅତିଥି ଭାବେ ଭାରତ ମୁଣ୍ଡା ସମାଜର ଉପଦେଷ୍ଟା ମୋନଜ କୁମାର ମୁଣ୍ଡା, ସରକାରୀ ଶିକ୍ଷକ ରବୀନ୍ଦ୍ରନାଥ ସିଂ, ମୁଣ୍ଡା ଯୁବ ସଂଗଠନର ସମ୍ପାଦକ ଛାଟିଆ ସିଂ, ମୁଣ୍ଡା ଯୁବ ସଂଗଠନର କାର୍ଯ୍ୟକାରୀ ସଂପାଦକ ମୋନରଞ୍ଜନ ସିଂ, ମୁଣ୍ଡା ଯୁବ ସଂଗଠନର ଜିଲ୍ଲା ସଂପାଦକ ରାଜେଶ କୁମାର ସିଂ ଏବଂ ବିଭିନ୍ନ ବିଦ୍ୟାଳୟ, ମହା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ମାରାଙ୍ଗ ଗୋମକେ ଜୟପାଲ ସିଂ ମୁଣ୍ଡାଙ୍କ ଜୀବନୀ ଓ କାର୍ଯ୍ୟ ବିଷୟରେ ନିଜ ନିଜ ବ୍ୟକ୍ତବ୍ୟରେ ଆଲୋକପାତ କରିଥିଲେ ।

ଧାନ ସଂଗ୍ରହ କ୍ଷେତ୍ରରେ ଅଖା ସମସ୍ୟା



ଦିଗପହଣ୍ଡି,୩।୧ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ୍ ଅଞ୍ଚଳରେ ଖରିଫ ଧାନ ସଂଗ୍ରହ କ୍ଷେତ୍ରରେ ଅଖା ସମସ୍ୟା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଚଳିତବର୍ଷ ଦିଗପହଣ୍ଡି ବ୍ଲକ୍‌ରେ ୧୪ ହଜାର ୫୭୫ ହେକ୍ଟର ଜମିରେ ଖରିଫ ଧାନଚାଷ କରାଯାଇଥିଲା। ସମୁଦାୟ ୨୩ ଟି ପ୍ରାଥମିକ ସେବାସମବାୟ ସମିତିରେ ୯୬୮୭ ଚାଷୀ ମଣ୍ଡିକୁ ଧାନ ଦେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। କେବଳ ଝୋଟ ଅଖାରେ ମଣ୍ଡିକୁ ଧାନ ଆଣିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବାରୁ ଚାଷୀକୁଳ ଚିନ୍ତାରେ ପଡିଛନ୍ତି। ଗତବର୍ଷ ଭଳି ଚଳିତବର୍ଷ ଚାଷୀ ପ୍ରାୟ ୧ ମାସ ପୂର୍ବରୁ ଧାନ ଅମଳ କରି ମଣ୍ଡିକୁ ନେବା ପାଇଁ ପ୍ଲାଷ୍ଟିକ ଅଖାରେ ଧାନ ଭର୍ତ୍ତି କରି ଖଳାରେ ରଖିଛି। ଝୋଟ ଅଖା ସମ୍ପର୍କରେ ଚାଷୀଙ୍କୁ ପୂର୍ବରୁ ସୂଚନା ଦିଆଯାଇ ନାହିଁ। ଏନେଇ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ହସ୍ତକ୍ଷେପ କରିବାକୁ ଚାଷୀ ରବୀନ୍ଦ୍ର ପ୍ରଧାନ, ଚନ୍ଦ୍ରଶେଖର ରଣା, ସୁରେନ୍ଦ୍ର ରଣା, ଶଙ୍କର ପଟ୍ଟନାୟକ, ବିଶ୍ୱନାଥ ଡାକୁଆ, ତାରିଣୀ ଡାକୁଆ, ରତୁପର୍ଣ୍ଣା ପ୍ରଧାନ, ବିପ୍ଳବ ମିଶ୍ର, ଅମୂଲ୍ୟ ରଣା, ଏମ.ବାଇନାଥ, ଗୌରଚନ୍ଦ୍ର ବିଷୋୟୀ ପ୍ରମୁଖ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାଇଛନ୍ତି। ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସଭାଗୃହ ପରିସରରେ ଗତ ୧୬ ତାରିଖରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆୟୋଜିତ ଏହି ବୈଠକରେ ଝୋଟ ଅଖାରେ ଚାଷୀଙ୍କୁ ଧାନ ଦେବାକୁ କୁହାଯାଇନଥିଲା ବୋଲି ଚାଷୀ ଅଭିଯୋଗ କରିଛନ୍ତି। ସେବା ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଖୋଲା ଯାଇଥିବା ମଣ୍ଡିରେ ଚଳିତବର୍ଷ ୨ ଲକ୍ଷ ୪୬ ହଜାର କୁଇଣ୍ଟାଲ ଧାନ ଚାଷୀଙ୍କ ଠାରୁ କ୍ରୟ କରାଯିବାକୁ ଥିବାବେଳେ ରେଜିଷ୍ଟ୍ରିଭୁକ୍ତ ସମୁଦାୟ ମିଳର ୨ ଲକ୍ଷ ୫୯ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଟାର୍ଗେଟ ଆସିଥିବା ନେଇ ବ୍ଲକ୍ ମାର୍କେଟିଂ ଇନ୍ସପେକ୍ଟର ବ୍ରଜେଶ ରୟ ସୂଚନା ଦେଇଛନ୍ତି।

ଅବାଧରେ ଚାଲିଛି ନିଶା କାରବାର



ଦାରିଙ୍ଗବାଡି,୩।୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା କିରିକୁଟି ପଞ୍ଚାୟତ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଇଛି। ଅଞ୍ଚଳରେ ଶାନ୍ତି ଫେରି ଆସିବା ପାଇଁ ଅବାଧରେ ଚାଲିଥିବା ନିଶା କାରବାରକୁ ବନ୍ଦ କରାଯିବା ଆବଶ୍ୟକ ବୋଲି କିରିକୁଟି ଗ୍ରାମରେ ବୈଠକ କରି ଏ ସମ୍ପର୍କରେ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଡୁରନ୍ତ କିଟିକୁଟି ଅଞ୍ଚଳରେ ଅବାଧରେ ଚାଲିଥିବା ମଦବ୍ୟବସାୟିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଅଞ୍ଚଳରେ ନିଶା କାରବାର ବନ୍ଦ କରିବାକୁ ନିବେଦନ କରାଯାଇଛି। ଏନେଇ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା ଆଇଆଇସି ଏନେଇ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିବା ଜଣାପଡିଛି।

ମନ୍ଦିର ପୂଜକଙ୍କୁ ପେଚ୍‌କସ୍‌ରେ ଆକ୍ରମଣ

ତାଳଚେର,୩।୧(ସଂଚାର ବ୍ୟୁରୋ): ତାଳଚେର ଥାନା ସମ୍ମୁଖରେ ଥିବା ମଙ୍ଗଳା ମନ୍ଦିରରେ ଦୀର୍ଘବର୍ଷ ହେଲା ପୂଜା କରି ଆସୁଥିଲେ ବଡ଼ଦାଣ୍ଡ ସାହିର ସନ୍ତୋଷ କୁମାର ମହାପାତ୍ର(୫୦)। ଶନିବାର ମଧ୍ୟାହ୍ନରେ ପୂଜା ସାରି ଫେରୁଥିବା ବେଳେ ଥାନା ସମ୍ମୁଖରେ ଜଣେ ଯୁବକ ତାଙ୍କୁ ପେଚ୍‌କସ୍ ଦ୍ୱାରା ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। ତାଳଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା ଜାରି ରଖିଛି।

ସଟର ତାଡି ସି ସି କ୍ୟାମେରାରେ ରଙ୍ଗ ବୋଳି ଗହଣା ଦୋକାନରୁ ଲୁଟିନେଲେ ଦୁବୃତ୍ତ

ବାରିପଦା,୩।୧ (ସଂଚାର ବ୍ୟୁରୋ): ଗତକାଲି ବିଳମ୍ବିତ ରାତ୍ରିରେ ବାରିପଦା ସହାରର ତକତପୁର ଅଞ୍ଚଳରେ ମହାପାତ୍ର ଜ୍ୱଏଲାର୍ସ ନାମକ ଏକ ଗହଣା ଦୋକାନରୁ ଚୋରି ହୋଇଥିବାର ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଅଛି। ଦୁବୃତ୍ତମାନେ ଦୋକାନର ସଟର ତଡିବା ସହିତ ଲାଗିଥିବା ସି ସି କ୍ୟାମେରା ଏବଂ ଲାଇଟ ରେ କଳା ରଙ୍ଗ ବୋଳି ଚୋରି କରିଛନ୍ତି। ସଟର ଭାଙ୍ଗିବା ସହିତ ତାଲା କୁ ମଧ୍ୟ ଭାଙ୍ଗିଛନ୍ତି। ତେବେ କେତେ ଟଙ୍କାର ଗହଣା ଚୋରି ହୋଇଅଛି ତାହା ସିଠିକ ଜଣା ପଡ଼ିନାହିଁ। ଆଜି ସକାଳୁ ପାଖ ଲୋକଙ୍କ ପାଖରୁ ଖବର ପାଇ ଦୋକାନ ର ମାଲିକ ଆସି ଏହି ଘଟଣା ଦେଖିବା ପରେ ପୋଲିସ କୁ ଖବର ଦେଇଥିଲେ। ପୋଲିସ ଏବଂ ସାଇଣ୍ଟିଫିକ ଟିମ ପହଂଚି ତଦନ୍ତ କରିଛନ୍ତି। ତେବେ ସହରର ଏପରି ମୁଖ୍ୟ ରାସ୍ତା କଡ଼ ରୁ ଦୋକାନ ର ସଟର ତାଡି କିପରି ଚୋରି କରିବାକୁ ଦୁବୃତ୍ତ ମାନେ ସାହସ କଲେ ତାହା ସମସ୍ତଙ୍କୁ ଆଚାର୍ଯ୍ୟ କରିଅଛି।

ହାଟ ସ୍ଥାନାନ୍ତରଣକୁ ନେଇ ପ୍ରଶାସନିକ ସ୍ତରରେ ବୈଠକ

୨୦ରୁ ତକତପୁର ଆରଏମସି ପଡ଼ିଆକୁ ହାଟ ସ୍ଥାନାନ୍ତରଣ ହେବ

ବାରିପଦା,୩।୧(ସଂଚାର ବ୍ୟୁରୋ): ଦୋକାନୀ ମାନଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଆବେଦନ ପତ୍ରକୁ ଆଧାର କରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ପୌର ପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ସମେତ ଷ୍ଟେସନବଜାର ହାଟରେ ବ୍ୟବସାୟ କରୁଥିବା ଦୋକାନୀ ମାନଙ୍କ ଉପସ୍ଥିତିରେ ବାରିପଦା ପୌର କାର୍ଯ୍ୟାଳୟ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହାଟ ସ୍ଥାନାନ୍ତର ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା ଯେ ଷ୍ଟେସନବଜାର ସ୍ଥିତ ହାଟର ଉନ୍ନତିକରଣ ନିର୍ମାଣ କାର୍ଯ୍ୟ ନିମନ୍ତେ ବର୍ତ୍ତମାନର ହାଟକୁ ତକତପୁର ସ୍ଥିତ ଆର ଏମ ସି ପଡ଼ିଆକୁ ସ୍ଥାନାନ୍ତରିତ କରାଯିବ ଏବଂ ଉକ୍ତ ହାଟ ଏହାପର ଠାରୁ ତକତପୁର ଆରଏମସି ପଡ଼ିଆ ଠାରେ ଚାଲିବ। ମାତ୍ର ଆଗକୁ ଜାନୁଆରୀ ୧୪ ତାରିଖରେ ମୟୂରଭଞ୍ଜର ପ୍ରସିଦ୍ଧ ମକର ପର୍ବ ଥିବାରୁ ହାଟ ବ୍ୟବସାୟୀ ମାନଙ୍କ ଅନୁରୋଧ କ୍ରମେ ଆସନ୍ତା ୨୦ ତାରିଖରୁ ନିରୂପିତ ହୋଇଥିବା ଏହି ନୂତନ ସ୍ଥାନରେ ହାଟ ବସିବ ଏବଂ ଷ୍ଟେସନବଜାର ଠାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଏହି ହାଟ ତକତପୁର ଆର ଏମ ସି ପଡ଼ିଆ ଠାରେ ବସିବ। ପ୍ରକାଶ ଥାଉକି, ଏହି ନୂତନ ସ୍ଥାନରେ ହାଟ ବସିବା ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରିବା ନିମନ୍ତେ ବାରିପଦା ପୌରପାଳିକା ତରଫରୁ ଦୀର୍ଘ ଦିନରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ଏବଂ ବର୍ତ୍ତମାନ ଏହା ହାଟ ବସିବା ପାଇଁ ଉପଯୋଗୀ କରାଯାଇଛି। ଷ୍ଟେସନ ବଜାର ଠାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହାଟ କମ୍ପ୍ଲେକ୍ସରେ ପୌରପାଳିକା ତରଫରୁ ନିର୍ମାଣ କରାଯାଇଥିବା ଦୋକାନ ଗୃହ ବଣ୍ଟନ ସମୟରେ ବର୍ତ୍ତମାନ ଏଠାରେ ବ୍ୟବସାୟ କରୁଥିବା ଲାଇସେନ୍ସ ଧାରୀ ଦୋକାନୀ ମାନଙ୍କୁ ଦୋକାନ ଗୃହ ଆବଣ୍ଟନରେ ପ୍ରାଥମିକତା ଦିଆଯିବ।

ବାବା ମାଧୁରୀଙ୍କ ପୀଠରେ ପୌଷ ଅଭିଷେକ

ବାଲିକୁଦା,୩।୧(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ଇଛାପୁର ଗ୍ରାମରେ ବାବା ମାଧୁରୀଙ୍କ ପୀଠସ୍ଥଳୀ ଅବସ୍ଥିତ। ଏହି ପୀଠଟି ବହୁ ପୁରାତନ ପୀଠ ଭାବେ ପରିଚିତ ଅଟେ। ଏହି ବାବା ମାଧୁରୀ ଙ୍କ ପୀଠଟି ମାଳିକା ବର୍ଣ୍ଣିତ ସିଦ୍ଧ ମହାପୁରୁଷ ମାଧୁରୀ ଦାସ ପ୍ରଭୁ ଅଚ୍ୟୁତାନନ୍ଦ ଙ୍କ ସମ ସାମୟିକ ବୋଲି ମାଳିକାରେ ବର୍ଣିତ ଅଛି, ଯେଉଁ ମାଳିକା ବାବା ମାଧୁରୀଙ୍କ ପୀଠରେ ସୁରକ୍ଷିତ ଅବସ୍ଥାରେ ରଖା ଯାଇଅଛି। ପୌଷ ପୂର୍ଣ୍ଣିମା ପ୍ରଭାତରୁ ଇଛାପୁର ଗ୍ରାମର ମା ଭୁଲକେଇ ଙ୍କ ଦୋଳ ଏବଂ ମା ସାହାରା ସୁନ୍ଦରୀଙ୍କ ଦୋଳ ହଜାର ହଜାର ଶ୍ରଦ୍ଧାଳୁଙ୍କ ଦ୍ୱାରା ବିଭିନ୍ନ ଗ୍ରାମ ପରିକ୍ରମା କରାଯଇ ବାବା ମାଧୁରୀ ଙ୍କ ପୀଠରେ ପହଂଚି ଥିଲା। ପରେ ପୀଠରେ ଥିବା ସମସ୍ତ ଦେବା ଦେବୀଙ୍କୁ ରୀତିନୀତି ଅନୁଯାଇ ପୀଠର ପୂଜକଙ୍କ ଦ୍ୱାରା ମଙ୍ଗଳ ଆଳତୀ ଏବଂ ପୂଜା ଅର୍ଚନା କରାଯାଇଥିଲ ବେଳେ ପୁଷ୍ୟା ଅଭିଷେକ ଏବଂ ଯଂଜ୍ଞ କାର୍ଯ୍ୟ ପଣ୍ଡିତ କାହ୍ନୁ ମିଶ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ପୀଠସ୍ଥଳୀରେ ସୁଜା ବାବାଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ନାମ ସଂକୀର୍ତନ, ଶ୍ରୀମଦ ଭାଗବତ ଗୀତା ପଠନ ଏବଂ ହନୁମାନ ଚାଳିଶା ଉପସ୍ଥିତ ଶ୍ରଦ୍ଧାଳୁ ଙ୍କୁ ଭାବ ବିହ୍ୱଳ କରିଥିଲା।ପ୍ରତ୍ୟେକ ବର୍ଷ ଭଳି ଏହି ପୁଷ୍ୟା ଅଭିଷେକ ଅବସରରେ ମାଧୁରୀ ବାବାଙ୍କ ପୀଠରେ ପାଞ୍ଚ ଦିନଧରି ପାଲା, ଦାସ କାଠିଆ, ଭଜନ, ଯାତ୍ରା, ରକ୍ତ ଦାନ ଶିବର ଭଳି ବହୁ କାର୍ଯ୍ୟକ୍ରମ କରା ଯିବ ବୋଲି ପୀଠର ପରିଚାଳନା କମିଟି ସଦସ୍ୟ ଗୁଣନିଧି ସେଠୀ, ସୂର୍ଯ୍ୟ ନାରାୟଣ ସାହୁ, ଜଟାଧାରୀ ଦାସ ଏବଂ ରିଙ୍କୁ ବିଶ୍ୱାଳ ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

ନିରନ୍ତର ବିକାଶ ଲକ୍ଷ୍ୟ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବାରିପଦା,୩।୧(ସଂଚାର ବ୍ୟୁରୋ): ଆଜି ବାରିପଦା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଙ୍କ ସଭାପତିତ୍ୱରେ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ (ଡିପିଏମ୍‌ୟୁ), ମୟୂରଭଞ୍ଜ, ବାରିପଦାଙ୍କ ଦ୍ୱାରା ଜିଲ୍ଲାସ୍ତରରେ ନିରନ୍ତର ବିକାଶ ଲକ୍ଷ୍ୟ ଗୁଡ଼ିକର ଫଳପ୍ରସୁ ପାଇଁ ସଚେତନତା ବୃଦ୍ଧି, ସମନ୍ୱୟ ସୁଦୃଢ଼ କରିବା ଏବଂ କାର୍ଯ୍ୟକାରୀ ରୂପାୟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ହାଁସଦା ତାଙ୍କ ଉଦ୍ବୋଧନରେ ସମାବେଶୀ, ସମତାମୂଳକ ଏବଂ ନିରନ୍ତର ଉନ୍ନତି ସାଧନାରେ ନିରନ୍ତର ବିକାଶ ଲକ୍ଷ୍ୟ ଗୁଡ଼ିକର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ଏସଡିଜିର ଲକ୍ଷ୍ୟଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରି ବାସ୍ତବତାରେ ପରିଣତ କରିବା ପାଇଁ ସମସ୍ତ ବିଭାଗର ସାମୁହିକ ଦାୟିତ୍ୱ ରହିଛି ବୋଲି କହିଥିଲେ।

ଡାଲଖାଇ ଚପ୍ କରାଟି ଗୀତ ନାଚ ତାଳେ ତାଳେ ଉଦ୍‌ଯାପିତ ହେଲା ପଏଁରା ତିହାର



ସୁବର୍ଣ୍ଣପୁର,୩।୧(ସଂଚାର ବ୍ୟୁରୋ): ପଏଁରା ଅନୁଷ୍ଠାନ ଦ୍ୱାରା ଆୟୋଜିତ ପଏଁରା ତିହାର ୨୦୨୬ ଡାଲଖାଇ ନାଚ ଗୀତ ତାଳେ ତାଳେ ଆଜି ଉଦଯାପିତ ହୋଇଯାଇଛି। ଶେଷ ସଂଧାର ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପଏଁରା ଅନୁଷ୍ଠାନ ଦ୍ୱାରା ପରିବେଷିତ ଚପ୍ କରାଟି, ବଜନିଆ ସ୍ୱୟମ ଏକାଡେମୀ ସମ୍ବଲପୁର ର ଲୋକ ନାଚଗୀତ ରେ ଢେର ରାତି ଯାଏ ଦର୍ଶକ ଉପଭୋଗ କରିଥିଲେ। ତିନିଦିନ ବ୍ୟାପି ଏହି ତିହାରକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ସଂଗୀତ ନାଟକ ଏକାଡେମୀ ନୂଆଁଦିଲ୍ଲୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ଓ ଜିଲ୍ଲା ସଂସ୍କୃତି ପରିଷଦ, ସୁବର୍ଣ୍ଣପୁର ଙ୍କ ସହଯୋଗ ରେ ଆୟୋଜିତ ହେଉଥିବା ପଏଁରା ଚଳିତ ବର୍ଷ ମା ସୁରେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ହେଉଛି। ଉଦଯାପନୀ ସଂନ୍ଧ୍ୟା ର କାର୍ଯ୍ୟକ୍ରମ ସଭାପତି ଲତୁ କିଶୋର ମଲ୍ଲିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାକାର୍ଯ୍ୟ ରେ ଅତିଥି ସମୁହ ପ୍ରଥମେ ମାଁ ସୁରେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁ, ବରେଣ୍ୟ ଅତିଥି ଭାବରେ ଓଡିଶା ସରକାରଙ୍କ ପୂର୍ବତନ ସଚିବ ବିଶ୍ୱନାଥ ବାରିକ, ଓ ସମ୍ମାନିତ ଅତିଥି ଭାବରେ ସୋନପୁର ଉପଜିଲ୍ଲାପାଳ ଡ.ସୌମ୍ୟରୁପା ରଥ, ଶ୍ରୀହରି ଗୃପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ର ଚେୟାରମେନ ଡ. ରାଜେଶ କୁମାର ମେହେର, ଡ.ଆର୍ତ୍ତତ୍ରାଣ ବାବୁ, ଅଭିମନ୍ୟୁ କୁଶଳ, ଶ୍ରୀବତ୍ସ ମଲ୍ଲିକ, ପ୍ରମୁଖ ଯୋଗ ଦେଇ ସୁବର୍ଣ୍ଣପୁର ର କଳା ସଂସ୍କୃତି ଅନନ୍ୟ ବୋଲି ମତବ୍ୟକ୍ତ କରି ନିରବଚ୍ଛିନ୍ନ ଭାବରେ ପଏଁରା ଅନୁଷ୍ଠାନ ତା'ର ଏହି ବିଜୟ ଯାତ୍ରା ଜାରିରଖି ଏ ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଏଭଳି ମଞ୍ଚ ପ୍ରଦାନ କରୁଥିବା ଯୋଗୁଁ ଅନୁଷ୍ଠାନ ର ସମସ୍ତ କର୍ମକର୍ତା ଙ୍କୁ ସାଧୁବାଦ ଦେଇଥିଲେ। ଆଜିକାର ସମ୍ବର୍ଦ୍ଧନାରେ ବିଭିନ୍ନ କଳାକାର ମାନଙ୍କ ସହ ସହରର କିଛି ବରିଷ୍ଠ ସାମ୍ବାଦିକ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପଏଁରା ର ଉପ ସଭାପତି ପ୍ରଫୁଲ୍ଲ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ବାଦାମପାହାଡ଼-କେନ

SANCHAR
ସଂଚାର
ରବିବାର ୪ ଜାନୁଆରୀ ୨୦୨୬

ସ୍ୱାସ୍ଥ୍ୟ





ଶରୀର ଦରଜ ଲାଗିଲେ ଔଷଧ ପରିବର୍ତ୍ତେ ଖାଆନ୍ତୁ ନ୍ୟାଚୁରାଲ୍ ପେନ୍‌କିଲର୍

କୌଣସି ପ୍ରକାର ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆମ ମଧ୍ୟରୁ ଅଧିକାଂଶ ଲୋକ ପେନ୍‌କିଲର୍ ଖାଇଥା'ନ୍ତି। ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ବିଶେଷଜ୍ଞଙ୍କ ଅନୁଯାୟୀ, ଆବଶ୍ୟକ ସମୟରେ ଔଷଧ ସେବନ କରନ୍ତୁ। ସାମାନ୍ୟ ଯନ୍ତ୍ରଣା ଉପରେ ପେନ୍‌କିଲର୍ ଖାଇବା ଆପଣଙ୍କ କିଡନୀ, ହୃଦୟ ଇତ୍ୟାଦି ଜିନିଷ ଉପରେ ପ୍ରଭାବ ପକାଇଥାଏ।ପେନ୍‌କିଲର୍ ସ୍ଥାନରେ ଆପଣ ଘରୋଇ ଜିନିଷ ମଧ୍ୟ ବ୍ୟବହାର କରିପାରିବେ। ଏହି ଜିନିଷଗୁଡିକ ବ୍ୟବହାର କରିବାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆସନ୍ତୁ ଜାଣିବା ଏହି ପ୍ରାକୃତିକ ପେନ୍‌କିଲର୍ କଣ , ଯାହା ଆପଣଙ୍କୁ ଯନ୍ତ୍ରଣାରୁ ଶୀଘ୍ର ଆରାମ ଦେବ। ନ୍ୟାଚୁରାଲ୍ ପେନ୍‌କିଲର୍ ତାଲିକାର ସବୁଠାରୁ ଆଗରେ ଅଛି ହଳଦୀ। ଏଥିରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ପ୍ରଦାହକୁ ହ୍ରାସ କରିବାରେ ଏବଂ ଗଣ୍ଠି ଏବଂ ମାଂସପେଶୀ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ, ଆଣ୍ଟି ଫଙ୍ଗଲ୍, ଆଣ୍ଟି ବ୍ୟାକ୍ଟେରିଆ ଗୁଣ ଅଛି ଯାହା ଆପଣଙ୍କ ଖାଦ୍ୟକୁ ପୁଷ୍ଟିକର କରିଥାଏ। ଯଦି ଆପଣଙ୍କ ପାଟିରେ କୌଣସି ସ୍ଥାନରେ ଫୁଲା ବା ଯନ୍ତ୍ରଣା ହୁଏ, ତେବେ ଗୋଟିଏ ଚାମଚ ନଡିଆ ତେଲ, ଗୋଟିଏ ଚାମଚ ହଳଦୀ ଏବଂ ଗୋଟିଏ ଚାମଚ ପାଣି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଯନ୍ତ୍ରଣା ଜାଗାରେ ଲଗାନ୍ତୁ ଏବଂ ଆପଣ ଶୀଘ୍ର ଯନ୍ତ୍ରଣାରୁ ମୁକ୍ତି ପାଇବେ। ଚେରି ଖାଇବା ପାଇଁ ସ୍ୱାଦିଷ୍ଟ ନୁହେଁ ବରଂ ଏକ ପ୍ରାକୃତିକ ଯନ୍ତ୍ରଣାରୁ ମୁକ୍ତି ମଧ୍ୟ କରିଥାଏ। ଏହି ଲାଲ ରଙ୍ଗର ଫଳରେ ଆଣ୍ଟୋସିୟାନିନ ନାମକ ଏକ ରାସାୟନିକ ପଦାର୍ଥ ଥାଏ।ଯେଉଁଥିପାଇଁ ଏହାର ରଙ୍ଗ ଲାଲ ଏବଂ ଯନ୍ତ୍ରଣାରୁ ମୁକ୍ତି ପାଇବାରେ ସାହାଯ୍ୟ କରେ। ଚେରି ଆଣ୍ଟି-ଅକ୍ସିଡାଣ୍ଟରେ ଭରପୂର ଅଟେ ଯାହା ଆର୍ଥ୍ରାଇଟିସର ଚିକିତ୍ସା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୋଦିନା ପତ୍ରରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ମାଂସପେଶୀ ସ୍ପାମ୍ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ପୋଦିନା ପତ୍ରରେ ଚୋବାଇବା କେବଳ ହଜମ କରିବାରେ ସାହାଯ୍ୟ କରେ ନାହିଁ ବରଂ ମନକୁ ଶାନ୍ତ ରଖିବାରେ ମଧ୍ୟ ସାହାଯ୍ୟ କରେ। ଶରୀର ଦରଜ, ଗଣ୍ଠିବାତ, ଆଘାତ ଲାଗି ନୀଳ ପଡ଼ିଯାଇଥିବା ସ୍ଥାନ ବା ଆଘାତ ଲାଗି ଦରଜ ହୋଇଯାଇଥିଲେ, ସୋରିଷ ତେଲରେ ହଳଦୀ ଓ ରସୁଣ ପକାଇ ଫୁଟାନ୍ତୁ। ତେଲ ଉଷୁମ ହୋଇଯିବା ପରେ ଦରଜ ସ୍ଥାନରେ ଲଗାଇଲେ, ଆରାମ ମିଳିଥାଏ। ଆଣ୍ଟି ବ୍ୟାକ୍ଟେରିଆଲ୍ ଓ ଆଣ୍ଟି ଫଙ୍ଗସ୍ ଗୁଣରେ ଭରପୂର ରସୁଣ, କାନ ଦରଜ ସମସ୍ୟାର ଉପଶମ ପାଇଁ ବ୍ୟବହାର କରାଯାଏ। ଏଥିପାଇଁ ରସୁଣ ତେଲର ଆବଶ୍ୟକତା ରହିଛି। ମାଂସପେଶୀଜନିତ ଦରଜ ପାଇଁ ପିପରମିଣ୍ଟ୍ ବିଶେଷ ଲାଭଦାୟକ। ମୁଣ୍ଡ ବିନ୍ଧୁଥିଲେ ପିପରମିଣ୍ଟ୍ ତେଲ ବ୍ୟବହାର କରନ୍ତୁ। ପାଣି ହେଉଛି ଏକ ପ୍ରାକୃତିକ ଦରଜନାଶକ। ଯେ କୌଣସି ଶରୀର ଦରଜ ହେଉ ନା କାହିଁକି, ଅଧିକରୁ ଅଧିକ ପାଣି ପିଅନ୍ତୁ। କିଛି ସମୟ ପରେ ଆରାମ ମିଳିବ। ପିରିୟଡ୍ ସମୟରେ ପେଟ ଯନ୍ତ୍ରଣାରୁ ମୁକ୍ତି ପାଇଁ ଅଧିକ ପାଣି ପିଇବା ଆବଶ୍ୟକ। ଦାନ୍ତ ବିନ୍ଧୁଥିଲେ ଗୋଟିଏ ଲବଙ୍ଗକୁ ନେଇ ଦରଜ ସ୍ଥାନରେ ରଖନ୍ତୁ କିମ୍ବା ଲବଙ୍ଗ ତେଲ ମଧ୍ୟ ଲଗାଇପାରିବେ।



ଗରମ ଚା' କଫି ପିଉଥିଲେ ସାବଧାନ!

ଶୀତଦିନ ଆସିବା ସହିତ, ଲୋକମାନେ ଗରମ ଜିନିଷ ଖାଇବା ଏବଂ ପିଇବାକୁ ପସନ୍ଦ କରନ୍ତି । ବିଶେଷ କରି ଗରମ ଚା ହେଉ କିମ୍ବା କଫି ଲୋକଙ୍କୁ ପସନ୍ଦ ଆସିଥାଏ । ଥଣ୍ଡା କମ କରିବା ଏବଂ ଶରୀରକୁ ଆରାମ ଦେବା ପାଇଁ, ଲୋକମାନେ ଅଧିକ ଚା କିମ୍ବା କଫି ସେବନ କରନ୍ତି। ଶୀତଦିନେ, ଚା କିମ୍ବା କଫି ସମ୍ପୂର୍ଣ୍ଣ ଗରମ ଏବଂ ବାଷ୍ପଯୁକ୍ତ ହେଲେ ସବୁଠାରୁ ଭଲ ମଜା ହୁଏ। ତଥାପି, ଏକ ନୂତନ ଗବେଷଣା ଅଧ୍ୟୟନରୁ ଜଣାପଡିଛି ଯେ ଅତ୍ୟଧିକ ଗରମ ଏବଂ ଉଚ୍ଚ-ତାପଯୁକ୍ତ ପାନୀୟ ସେବନ କରିବା ଆମ ଖାଦ୍ୟନଳୀ ଉପରେ ବହୁତ କ୍ଷତିକାରକ ପ୍ରଭାବ ପକାଇଥାଏ ଏବଂ ଖାଦ୍ୟନଳୀ କର୍କଟ ରୋଗର ଆଶଙ୍କା ବୃଦ୍ଧି ପାଏ ।

ୟୁକେ ବାୟୋବ୍ୟାଙ୍କର ଗବେଷଣା ଅନୁଯାୟୀ, ଗରମ ଏବଂ ଉଚ୍ଚ-ତାପଯୁକ୍ତ ପାନୀୟ କିମ୍ବା ଖାଦ୍ୟ ଖାଇବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଖାଦ୍ୟନଳୀ ସବୁଠାରୁ ଅଧିକ ପ୍ରଭାବିତ ହୁଏ । ଏହି ନଳୀ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାଏ, ତେଣୁ ଉଚ୍ଚ-ତାପଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଏହା ସହଜରେ କ୍ଷତିଗ୍ରସ୍ତ ହୋଇପାରେ। ଲୋକମାନେ ପ୍ରାୟତଃ ଗରମ ଚା, କଫି କିମ୍ବା ଅନ୍ୟାନ୍ୟ ତରଳ ପଦାର୍ଥ ଆରାମରେ ପିଇଥାନ୍ତି। ତଥାପି, ଏହି ଗରମ ପାନୀୟ ଖାଦ୍ୟନଳୀକୁ କ୍ଷତି ପହଞ୍ଚାଏ ଏବଂ ଆଘାତ କରେ। ଏହା ଆମ ଶରୀରର ଟିସୁ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ, ଯାହା ଖାଦ୍ୟନଳୀ କର୍କଟ ରୋଗର ଆଶଙ୍କା ବୃଦ୍ଧି କରିଥାଏ।

ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଗରମ ଏବଂ ଉଚ୍ଚ-ତାପଯୁକ୍ତ ପାନୀୟ କିମ୍ବା ତରଳ ପଦାର୍ଥ ସେବନ କରନ୍ତି, ତେବେ ଖାଦ୍ୟନଳୀ କର୍କଟ ହେବାର ଆଶଙ୍କା ବଢ଼ିଯାଏ। ଆମର ଖାଦ୍ୟନଳୀ ଉଚ୍ଚ-ତାପଯୁକ୍ତ ପଦାର୍ଥ ଦ୍ୱାରା ହେଉଥିବା ଜଳାପୋଡ଼ା ଏବଂ ଆଘାତକୁ ସହ୍ୟ କରିପାରେ ନାହିଁ। ଯେତେବେଳେ ଆମେ ବାରମ୍ବାର ଅତ୍ୟଧିକ ଗରମ ଖାଦ୍ୟ ପିଇଥାଉ, ଖାଦ୍ୟନଳୀର ଭିତର ଆବରଣ ଜଳିପାରେ। ଯଦି ଏହି ଅବସ୍ଥା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଏହା ଶରୀରର କୋଷଗୁଡ଼ିକୁ କ୍ଷତି ପହଞ୍ଚାଇପାରେ, ଯାହା ଖାଦ୍ୟନଳୀ କର୍କଟ ହେବାର ଆଶଙ୍କା ବୃଦ୍ଧି ପାଏ।

ଡାଏଟ୍‌ରେ ସୁଧାରିପାରିବେ ଚେହେରା



ନିସ୍ତେଜ ଓ ଫିକା ହୋଇପଡିଥିବା ତ୍ୱଚାର କାରଣ କେବଳ ବୟସ ବା କ୍ରୀମ୍ ନୁହେଁ, ବରଂ ଆପଣଙ୍କ ନିୟମିତ ଖାଦ୍ୟପାନୀୟ ଅଭ୍ୟାସ ମଧ୍ୟ ଅନେକ ମାତ୍ରାରେ ଦାୟୀ। ପାଣିର ଅଭାବ, ଅଧିକ ମିଠା ଓ ପୋଷଣର ଅଭାବ ଅନ୍ୟତମ କାରଣ। ଅନେକ ଲୋକଙ୍କ ତ୍ୱଚାରେ ଥକ୍କାପଣ ଓ ନିସ୍ତେଜତା ଦେଖିବାକୁ ମିଳିଥାଏ। ଯାଞ୍ଚ କରିବା ପରେ ଜଣାପଡିଥାଏ ସାଧାରଣ ଖାଦ୍ୟପାନୀୟର ଅଭ୍ୟାସ ତ୍ୱଚାର ପ୍ରାକୃତିକ ଚମକକୁ ନଷ୍ଟ କରିଦେଇଥାଏ। ଡାଇବେଟୋଲୋଜିଷ୍ଟ ଡାକ୍ତର ଏମ୍.ଶୀତଲ୍ କୁମାରଙ୍କ ମତରେ...

କମ୍ ପାଣି ପିଇବା: ଶରୀରରେ ପାଣିର ଅଭାବ ହେଲେ ତ୍ୱଚା ଖାଉଁଳି ପଡିଥାଏ। ଅଧିକ ଚା', କଫି ବା ମିଠା ପାନୀୟ ପିଇବା ଦ୍ୱାରା ଶରୀରରେ ଜଳୀୟଅଂଶ ଅଭାବ ଦେଖିବାକୁ ମିଳିଥାଏ। ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାରିଥାଏ। ଫଳରେ ତ୍ୱଚାର କୋଷିକାଗୁଡିକ ପୂର୍ଣ୍ଣ ହୋଇଥାଏ। ନିୟମିତ ୩/୪ ଲିଟର ପାଣି ପିଇବା ଜରୁରି। ପାଣିରେ ଲେମ୍ବୁ ଓ କାକୁଡି ମିଶାଇପାରିବେ। ଏହି ପାଣି ଶରୀରକୁ କ୍ଷତି ପହଞ୍ଚାଉଥିବା ତ୍ୱଚାର କୋଷିକା ସହ ଲଢିବାରେ ସହଯୋଗ କରିବ।

ଅଧିକ ମିଠା ଖାଇବା: ଅଧିକ ମିଠା ଖାଇବା ଦ୍ୱାରା ତ୍ୱଚାକୁ କ୍ଷତି ପହଞ୍ଚିଥାଏ। ଫଳରେ ତ୍ୱଚା ହଳଦିଆ ଓ ଢିଲା ଦେଖାଯାଏ। ମିଠା ପରିବର୍ତ୍ତେ ଫଳମୂଳ ଓ ପନିପରିବା ଖାଇଲେ ତ୍ୱଚା ମଜଭୁତ ଓ ସୁସ୍ଥ ରୁହେ।

ଓମେଗା-୩ ଫ୍ୟାଟି ଏସିଡ୍‌ର ଅଭାବ: ଯଦି ଆଖରୋଟ, ଅଳସୀ ବୀଜ ବା ମାଛ ପରି ଖାଦ୍ୟ ଖାଉ ନଥାନ୍ତି, ତେବେ ତ୍ୱଚାର ଉପରେ ଆସ୍ତରଣର ସୁରକ୍ଷା କ୍ରମଶଃ କମିଚାଲେ। ଫଳରେ ତ୍ୱଚା ରୁକ୍ଷ ଓ ଫିକା ଲାଗିଥାଏ। ଏପରିକି ଶରୀରରେ ପ୍ରଦାହ ବଢିଚାଲେ।

ଆଣ୍ଟିଅକ୍ସିଡାଣ୍ଟକୁ ଅଣଦେଖା: ଖରା ଓ ପ୍ରଦୂଷଣରୁ ହେଉଥିବା କଣିକା ସହ ଲଢିବା ପାଇଁ ସବୁଜ ଓ ରଙ୍ଗିନ୍ ପନିପରିବା ଖାଇବା ଜରୁରି। ପାଳଙ୍ଗ, ଗାଜର ଓ ଟମାଟୋ ପରି ପରିବା ନ ଖାଇବା ଦ୍ୱାରା ତ୍ୱଚାର ରଙ୍ଗ ପାଉଁଶିଆ ଓ ନିସ୍ତେଜ ଦେଖା ଯାଇଥାଏ। ତେଣୁ ନିୟମିତ ଭୋଜନରେ ଏସବୁ ସାମିଲ୍ କରିବା ଆବଶ୍ୟକ।

ଅଧିକ ଡାଏଟିଂ: ବାରମ୍ବାର ଉପବାସ କରିବା କିମ୍ବା ଅତ୍ୟଧିକ ଡାଏଟିଂ କରିବା ଦ୍ୱାରା ଶରୀରର ପୋଷଣ ସନ୍ତୁଳନ ବିଗିଡି ଯାଇଥାଏ। ଫଳରେ ଚିନ୍ତା ବଢାଉଥିବା ହର୍‌ମୋନ୍ ବଢିଯାଇଥାଏ। ଫଳରେ ତ୍ୱଚାକୁ କ୍ଷତି ପହଞ୍ଚିଥାଏ। ତେଣୁ ସନ୍ତୁଳିତ ଭୋଜନ ସାଙ୍ଗକୁ ଭଲ ତେଲ ଓ ଦହି ପରି ପାଚନ ସୁଧାରକ ଖାଦ୍ୟକୁ ଡାଏଟ୍‌ରେ ସାମିଲ୍ କରିବା ଆବଶ୍ୟକ। ପାଚନତନ୍ତ୍ର ଠିକ୍ ରହିବା ଦ୍ୱାରା ତ୍ୱଚାରେ ଏହାର ଝଲକ୍ ଦେଖିବାକୁ ମିଳିଥାଏ।

ପ୍ରୋଟିନ୍‌ର ଅଭାବ: ପ୍ରୋଟିନ୍‌ର ଅଭାବ ଯୋଗୁ ତ୍ୱଚାର ମରାମତି ଠିକ୍ ଭାବେ ହୋଇପାରେନା। ଡାଲି, ଦୁଧ ଓ ଅଣ୍ଡାରେ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ୍ ରହିଥାଏ। ପର୍ଯ୍ୟାପ୍ତ ପ୍ରୋଟିନ୍ ନ ମିଳିବା ଦ୍ୱାରା ତ୍ୱଚାରେ ଡେଡ୍ ସ୍କିନ୍ ଆସ୍ତରଣ ପରି ଜମିଚାଲେ।



ଶୀତଦିନେ ଅଙ୍ଗୁର ଖାଇଲେ ଶରୀରକୁ ମିଳେ ଅନେକ ଫାଇଦା

କେବଳ ସବୁଜ ପନିପରିବା ନୁହେଁ ଫଳମୂଳ ମଧ୍ୟ ଆମ ସ୍ୱାସ୍ଥ୍ୟ ଉପକାରୀ ହୋଇଥାଏ। ଅଧିକାଂଶ ଲୋକେ ଶୀତଦିନେ ଫଳ ଖାଇବା ଅନୁଚିତ୍ ବୋଲି ଭାବିଥାଆନ୍ତି। କିନ୍ତୁ କିଛି ଫଳ ରହିଛି ଯାହା ଶୀତଦିନେ ଖାଇବା ଦ୍ୱାରା ଆମକୁ ଅନେକ ଲାଭ ମିଳିଥାଏ। ପ୍ରତ୍ୟେକ ଫଳରେ କିଛି ନା କିଛି ଗୁଣ ଲୁଚି ରହିଥାଏ। ଏଥିପାଇଁ ନିଜ ଡାଏଟ୍ ଲିଷ୍ଟରେ ଫଳ ଆଡ୍ କରିବାକୁ ପରାମର୍ଶ ଦିଆଯାଇଥାଏ। ସବୁ ଫଳ ଅପେକ୍ଷା ଶୀତଦିନେ ଅଙ୍ଗୁର ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଅଙ୍ଗୁରରେ ଆପଣଙ୍କୁ ଭରପୂର ମାତ୍ରାର କ୍ୟାଲୋରୀ, ଫାଇବର, ଭିଟାମିନ୍-ସି ଏବଂ ଭିଟାମିନ୍-ଇ ମିଳିଥାଏ। ଆୟୁର୍ବେଦ ଅନୁସାରେ ମଧ୍ୟ ଏହାର ଅନେକ ଉପକାରୀ ଗୁଣ ସମ୍ପର୍କରେ କୁହାଯାଇଛି। ଯାହାକୁ ଖାଇବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱର ଅଭାବ ଦୂର କରିଥାଏ। ଖାସ୍ କରି ଶୀତଦିନେ ଆପଣ ନିଜ ଡାଏଟରେ ଅଙ୍ଗୁର ନିଶ୍ଚୟ ସାମିଲ କରିବା ଉଚିତ୍। ଆପଣ ହାଲୁକା ସବୁଜ ରଙ୍ଗର ଅଙ୍ଗୁର ନଚେତ୍ କଳା ଅଙ୍ଗୁର ମଧ୍ୟ ଖାଇପାରିବେ। ଏହି ଦୁଇଟି ଯାକ ଅଙ୍ଗୁର ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ।

ମାଇଗ୍ରେନ୍ ସମସ୍ୟାକୁ ଦୂର କରେ: ଯେଉଁମାନଙ୍କର ମାଇଗ୍ରେନ୍ ସମସ୍ୟା ରହିଛି ସେମାନେ ନିହାତି ଭାବେ ଅଙ୍ଗୁର ଖାଇବା ଦରକାର। ମାଇଗ୍ରେନ୍ ସମସ୍ୟା ଦେଖାଯିବା ମାତ୍ରେ ତୁରନ୍ତ ଅଙ୍ଗୁର ଖାଇବା ଦ୍ୱାରା ଏଥିରୁ ବହୁତ ଫାଇଦା ମିଳିପାରିବ। ମାଇଗ୍ରେନ୍‌ରୁ ମୁକ୍ତି ପାଇବା ପାଇଁ ଚାହୁଁଥିଲେ ଅଙ୍ଗୁର ରସ ମଧ୍ୟ ଖାଇପାରିବେ। ଏଥିରୁ ବହୁତ ଲାଭ ମିଳିଥାଏ ବୋଲି ପ୍ରମାଣିତ ହୋଇଆସୁଛି।

ଥଣ୍ଡା, ସର୍ଦ୍ଦିରୁ ରକ୍ଷା କରେ: ଅଙ୍ଗୁରରେ ଭିଟାମିନ୍-ସି ଭରପୂର ମାତ୍ରାରେ ରହିଛି। ଅଙ୍ଗୁରରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି। ଯାହାକି ଥଣ୍ଡା, ସର୍ଦ୍ଦି ସମେତ ଅନେକ ପ୍ରକାରର ସଂକ୍ରମଣରୁ ରକ୍ଷା କରିଥାଏ। ଏଥି ସହିତ ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ବିଭିନ୍ନ ଭାଇରସ୍‌ରୁ ରକ୍ଷା କରିଥାଏ। ତେଣୁ ଶୀତଦିନେ ଅଙ୍ଗୁରର ଖାଇବା ଉଚିତ୍।

ଉଚ୍ଚ ରକ୍ତଚାପର ସମସ୍ୟାକୁ ଦୂର କରେ: ଯଦି ଆପଣଙ୍କର ଉଚ୍ଚ ରକ୍ତଚାପର ସମସ୍ୟା ରହିଛି ତେବେ ସେମାନଙ୍କ ପାଇଁ ଅଙ୍ଗୁର ରାମବାଣ ସଦୃଶ କାମ କରିଥାଏ। ଅଙ୍ଗୁରର ସେବନ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ଉଚ୍ଚ ରକ୍ତଚାପ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସପ୍ତାହରେ ୩ ରୁ ୪ ଦିନ ନିଶ୍ଚୟ ଅଙ୍ଗୁର ଖାଇବାର ଅଭ୍ୟାସ କରନ୍ତୁ।

ସୁଗାର ଲେବଲକୁ ନିୟନ୍ତ୍ରଣ କରେ: ସୁଗାର ରୋଗୀଙ୍କ ପାଇ ଅଙ୍ଗୁର ବେଷ୍ଟ ହୋଇଥାଏ। ସେମାନେ ଅଙ୍ଗୁର ଖାଇବା ଦ୍ୱାରା ସେମାନଙ୍କ ସୁଗାର ଲେବଲ ନିୟନ୍ତ୍ରଣରେ ରହିଥାଏ। ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ ବୋଲି ପ୍ରମାଣିତ ହୋଇଆସୁଅଛି। ଏହାକୁ ଖାଇବା ଦ୍ୱାରା ସୁଗାର ଲେବଲ କମ୍ ରହିଥାଏ ଏବଂ ଶରୀରରେ ଆଇରନର ଅଭାବକୁ ମଧ୍ୟ ଅନେକ ସମୟରେ ପୂରଣ କରିଥାଏ।

ହାର୍ଟକୁ ସୁସ୍ଥ ରଖେ: ବର୍ତ୍ତମାନ ସମୟରେ ଅନେକ ଲୋକଙ୍କୁ ହାର୍ଟ ଜନିତ ସମସ୍ୟାର ସାମ୍ନା କରୁଥିବାର ଦେଖିବାକୁ ମିଳୁଛି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏଥିରୁ ରକ୍ଷା ପାଇବା ପାଇଁ ଅଙ୍ଗୁର ବହୁତ ଲାଭଦାୟକ ହୋଇଥାଏ। ଅଙ୍ଗୁର ଖାଇବା ଦ୍ୱାରା ହାର୍ଟ ସମ୍ବନ୍ଧୀୟ ସମସ୍ୟାରୁ ଆରାମ ଦେଇଥାଏ।

କୋଷ୍ଠକାଠିନ୍ୟ ସମସ୍ୟାରୁ ରକ୍ଷା କରେ: କେବଳ ଏତିକି ନୁହେଁ ଅଙ୍ଗୁର ଏକ ଏମିତି ଫଳ ଯାହା ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ରକ୍ଷା କରିଥାଏ। ଓଜନ ଗେନ୍ କରିବାକୁ ଚାହୁଁଥିଲେ ଆପଣମାନେ ଅଙ୍ଗୁର ଖାଆନ୍ତୁ।

କେବେ ଶେଷ ହେବ ହାତୀ ମଣିଷ ଲଢ଼େଇ

ଦୁଇଘର ଭାଙ୍ଗି ଖାଦ୍ୟ ଶସ୍ୟ ନଷ୍ଟକଲେ ହାତୀପଲ



ଲାଞ୍ଜିଗଡ଼,୩।୧(ସଂଚାର ବ୍ୟୋରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ସନ୍ଧ୍ୟା ହେଲେ ଜଙ୍ଗଲୀ ହାତୀ ଭୟରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ସନ୍ଧ୍ୟା ହେଲେ ହାତୀ ପଲ ଜଙ୍ଗଲରେ ନରହି ଗାଁ ମୁହାଁ ହୋଇ ଚାଷବାସ ନଷ୍ଟ କରିବା ସହିତ ଗରିବ ନିରିହ ଲୋକଙ୍କ ଘର ସବୁ ଭାଙ୍ଗି ଦେଉଛନ୍ତି। ହାତୀ ମଣିଷ ଲଢେଇରେ କେତେବେଳେ ହାତୀ ମୃତ୍ୟୁ ମୁଖରେ ପଡୁଛି ତ ଆଉ କେତେବେଳେ ମଣିଷର ମୁଣ୍ଡ ଟଲି ପଡୁଛି। ଏଭଳି ଆଉ ଏକ ଅଭାବନୀୟ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ଗ୍ରାମପଞ୍ଚାୟତ ସ୍ଥିତ ଲୋରମ୍ବା ଗାଁରେ। ବିଳମ୍ବିତ ରାତିରେ ଜଙ୍ଗଲୀ ହାତୀପଲ ଆସି ଘର ସମ୍ମାରେ ହୁଙ୍କାର ମାରିଥିଲେ। ହାତୀର ଗର୍ଜନ ଶୁଣି ସୀତାରାମ ହରିଜନ୍ ଓ ବିଶି କେସନ ସୁନା. ସ୍ତ୍ରୀ ଓ ପିଲା ଛୁଆ ସହ ପୋଡ଼ସୀ ଘରକୁ ଚାଲି ଯାଇଥିଲେ। ଏପଟେ ହାତୀପଲ ଦୁଇ ଜଣଙ୍କ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେବା ସହ ସୀତାରାମ ହରିଜନଙ୍କ ଘରର ଡ୍ରେସିଂ ଟେବୁଲ୍, ପଲଙ୍କ, କୁଳର, ଟିଭି ଏପରିକି ଘରେ ଥିବା ସମସ୍ତ ଆସବାପତ୍ର ଭାଙ୍ଗି ବାହାରେ ଫୋପାଡ଼ି ଖାଦ୍ୟ ଶସ୍ୟ ଖାଇ ଦେଇ ନଷ୍ଟ କରିଛନ୍ତି। ଗାଁରେ ଥିବା ଏକ ମାତ୍ର ନଳକୂପଟିକୁ ମଧ୍ୟ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ବର୍ତମାନ ଉକ୍ତ ଦୁଇ ପରିବାର ରୋଷେଇ କରି ଖାଇବା ପାଇଁ ମଧ୍ୟ କୌଣସି ଖାଦ୍ୟ ଶସ୍ୟ ନ'ଥିବା ପ୍ରକାଶ କରିବା ସହ କିଛି ସେବା ଯୋଗାଇ ଦେବାକୁ ପ୍ରଶାସନ ତଥା ସରକାରଙ୍କୁ ଗୁହାରି କରିଛନ୍ତି।

ଗରିବ ଆଦିବାସୀଙ୍କ ସାଥୀ ଗଜପତିର ଡାକ୍ତର ଅନଙ୍ଗ ସୃଜନ ଭୁୟାଁ

୧୨ ବର୍ଷ ହେଲା ନିରନ୍ତର ଯୋଗାଉଛନ୍ତି ସେବା



ରାୟଗଡ଼,୩।୧(ସଂଚାର ବ୍ୟୁରୋ): ଡାକ୍ତର ହିଁ ଦ୍ୱିତୀୟ ଭଗବାନ । ତାଙ୍କ ପାଇଁ ରୋଗୀଟିଏ ନୂଆ ଜୀବନ ପାଏ, ନୂଆ ଜୀବନ ଦୁନିଆ ଦେଖେ । ଏମିତି ଜଣେ ଡାକ୍ତର ହେଉଛନ୍ତି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଅନଙ୍ଗ ସୁଜନ ଭୁୟାଁ।

ପିଲାଦିନେ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ସ୍ଥିତିକୁ ଅନୁଭବ କରି ନିଜେ ଡାକ୍ତର ହୋଇ ଅଞ୍ଚଳରେ ସେବା ଯୋଗାଇ ଦେବାର ମନସ୍ଥ କରିଥିଲେ । ୧୨ ବର୍ଷ ହେଲାଣି ଗରିବ ଆଦିବାସୀଙ୍କୁ ନିରନ୍ତର ସେବା ଯୋଗାଇ ସମସ୍ତଙ୍କ ପ୍ରୀୟଭାଜନ ହୋଇପାରିଛନ୍ତି।

ଡାକ୍ତର ଅନଙ୍ଗ ସୃଜନ ଭୁୟାଁ। ଡାକ୍ତର ସହ ସମାଜସେବୀ, ଗରିବ ଆଦିବାସୀଙ୍କ ସାଥୀ। ଏମିତି କେତେ କ'ଣ ଯାଙ୍କ ପରିଚୟ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସମସ୍ତଙ୍କ ପ୍ରିୟ ଅନଙ୍ଗ । ଦୀର୍ଘ ୧୨ ବର୍ଷ ହେଲାଣି ନିରନ୍ତର ଏହି ଗରିବ ଆଦିବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ଖାଲି ଏତିକିରେ ନିଜ ଦାୟିତ୍ୱ ସାରିନାହାନ୍ତି,ପରିବେଶ ଓ ଅନ୍ଧବିଶ୍ୱାସ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ସହ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି।

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ମୁନିସିଂ ଭଳି ଦୁର୍ଗମ ଅଞ୍ଚଳର ଏକ ଛୋଟିଆ ଗାଁରେ ଜନ୍ମଗ୍ରହଣ କରିଥିଲେ ଡାକ୍ତର ଭୁୟାଁ। ନିଜ ଗାଁର ସ୍ୱାସ୍ଥ୍ୟ ଅବସ୍ଥା ଦେଖି ହିଁ ପିଲାଟି ଦିନରୁ ନିଷ୍ପତ୍ତି ନେଇଥିଲେ ସେ ଜଣେ ଡାକ୍ତର ହେବେ।

ନିଜ ପ୍ରଚେଷ୍ଟା ଓ ଦୃଢ଼ ମନୋବଳ ପାଇଁ ତାଙ୍କ ସ୍ୱପ୍ନ ସାକାର ହେଲା । ୨୦୧୨ରେ ଡାକ୍ତରୀ ପଢ଼ା ସାରିବା ପରେ ୨୦୧୪ରେ ପ୍ରଥମେ ଆର୍. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ପାଇଥିଲେ । ସେଠାରୁ ଡେରେବା, ଛେଳିଗଡ଼, ରାମଗିରି ଆଦି ଅନେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହି ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଛନ୍ତି ।

ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବାଲିପାଟଣା,୩।୧(ସଂଚାର ବ୍ୟୁରୋ): ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଓ ଜୟଦେବ ବିକାଶ ମଞ୍ଚ ଏବଂ ଅଗ୍ରୱାଲ୍ ଓ ଦିଶା ହେଲଥ ସେଣ୍ଟର ଆନୁକୂଲ୍ୟରେ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି।ବାଲିପାଟଣା ସ୍ଥିତ ମା'ଗିରିଙ୍କେଶ୍ୱରୀ ମନ୍ଦିର ନିକଟ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଶାଖା କାର୍ଯ୍ୟାଳୟ ରେ ଆୟୋଜିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା, ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀ, ଶୀତଳ ପାଢ଼ୀ, ସୁଭଦ୍ରା ପାଣିଗ୍ରାହୀ, ଫିତା କାଟି ଶିବିର ଉଦଘାଟନ କରିଥିଲେ। ବାଲିପାଟଣା ଓ ବାଲିଅନ୍ତା ବ୍ଲକ ର ଶତାଧିକ ପୁରୁଷ ଓ ମହିଳା ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଦେଢ଼ ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚଷମା ବଣ୍ଟନ କରାଯାଇଛି।ଭୁବନେଶ୍ୱର ଅଗ୍ରୱାଲ୍ ଆଇ ହସ୍ପିଟାଲ ଓ ଦିଶା ହେଲଥ ସେଣ୍ଟର ସ୍ୱାସ୍ଥ୍ୟ ପରୀକ୍ଷା ରେ ଦିଲ୍ଲୀପ ନାୟକ, ଡାକ୍ତର ପ୍ରଫୁଲ ନାୟକ, ଅନୁତା ନାୟକ, ବିଜୟ ଜେନା, ଆଖି ପରୀକ୍ଷା ରେ ଗଣେଶ୍ୱର ବେହେରା, ଲକ୍ଷ୍ମୀଧର ବେହେରା, ବୀରେନ୍ଦ୍ର କୁମାର, ତନ୍ମୟ କୁମାର ସିଆଲ୍, ରାକେଶ କୁମାର ଲେଙ୍କା ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଠାନ୍ତର ପଞ୍ଚାୟତ ସମିତି ସଭ୍ୟ ଶୈଳେନ୍ଦ୍ର ଭୋଳ, ଜୟଦେବ ବିକାଶ ମଞ୍ଚ ଉପସଭାପତି ବସନ୍ତ କୁମାର ଦାଶ, ଅକ୍ଷୟ କୁମାର ସାହୁ, ବିଜୟ ପ୍ରଧାନ, ଗୌତମ ପ୍ରଧାନ, ପୁର୍ଣ ଚନ୍ଦ୍ର ମାହୁନ୍ତ, ଯୁବନେତା ରାଜ କିଶୋର ପ୍ରଧାନ, ଦୁର୍ଯ୍ୟୋଧନ ସାହୁ, ରତିକାନ୍ତ ପ୍ରଧାନ, ସୂର୍ଯ୍ୟକାନ୍ତ ମୁଖୀ, ରଞ୍ଜନ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା ରେ ସହଯୋଗ କରିଥିଲେ।

ତିରିଶି ଦିନ ମଧ୍ୟରେ ବାଲିଆପାଳକୁ ଏନ୍‌ଏସି ମାନ୍ୟତା ନ ମିଳିଲେ ଆତ୍ମହୁତିର ଚେତାବନୀ



ବାଲିଆପାଳ,୩।୧(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକକୁ ରାଜ୍ୟ ସରକାର ଏନ୍, ଏ, ସି ମାନ୍ୟତା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବାଲିଆପାଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ତ୍ରୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶୁକ୍ରବାର ପୂର୍ବାହ୍ନରେ ବାଲିଆପାଳ ଡାକ ବଙ୍ଗଳା ପରିସରରେ ମଞ୍ଚ ପକ୍ଷରୁ ଏକ ଖବରଦାତା ସଜ୍ଜିଳନୀ ଅନୁଷ୍ଠିତ ହୋଇଥିଲା। ଏନ୍ ଏ ସି ମାନ୍ୟତା ପାଇଁ ବାଲିପାଳରେ ଆବଶ୍ୟକୀୟ ଭିତ୍ତିଭୂମି ରହିଥିବା ବେଳେ ସରକାରୀ ଦଳର ସ୍ଥାନୀୟ ନେତୃବୃନ୍ଦଙ୍କର ବ୍ୟକ୍ତିଗତ ସ୍ୱାର୍ଥ ହାନି ହେବା କାରଣରୁ ରାଜନୈତିକ ଚକ୍ରାନ୍ତ କରାଯାଉଛି ବୋଲି ମଞ୍ଚର ସଭାପତି ସତ୍ୟକାମ ମହାନ୍ତି କହିଛନ୍ତି। ଏଥିସହିତ ତିରିଶି ଦିନ ମଧ୍ୟରେ ବାଲିଆପାଳ କୁ ଏନ୍ ଏ ସି ଘୋଷଣା କରାନଯାଏ ତେବେ ସେ ଆତ୍ମହୁତି ଦେବେ ବୋଲି କଡା ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସଜ୍ଜିଳନୀରେ ମଞ୍ଚର ସଦସ୍ୟ ରାମଚନ୍ଦ୍ର ରାଉତ, ପ୍ରଫୁଲ୍ଲ ପାତ୍ର, ମନୋଜ କୁମାର ଜେନା, ରିଙ୍କୁ ରଞ୍ଜନ କର, ବିକ୍ରମ କେଶରୀ ଦେ, ଦିନେଜ ଜେନା, ଗୋବିନ୍ଦ ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଡମ ସମାଜର ବ୍ଲକ ଉପାଧକ୍ଷଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ

● ସାମୁହିକ ବିକାଶ ଦିଗରେ ସମସ୍ତ ପ୍ରକାର ସହଯୋଗର ଆଶ୍ୱାସନା



ବିଷମକଟକ,୩।୧(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଷମକଟକ ବ୍ଲକ ଡମ ସମାଜର ଏକ ପ୍ରତିନିଧି ଦଳ ବ୍ଲକ ଉପାଧକ୍ଷ ଦେବୀ ପ୍ରସାଦ ପଟନାୟକଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ। ଏହି ସାକ୍ଷାତକାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଷମକଟକ ଅଞ୍ଚଳର ସାମଗ୍ରିକ ବିକାଶ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା। ଏହି ଅବସରରେ ପ୍ରତିନିଧି ମଣ୍ଡଳ ଉପାଧକ୍ଷଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନମାନଙ୍କରେ ଅଞ୍ଚଳର ସାମୁହିକ ବିକାଶ ଦିଗରେ ଡମ ସମାଜ ସବୁବେଳେ ସହଯୋଗ କରିବ ବୋଲି ଆଶ୍ୱାସନା ଦେଇଥିଲେ। ସେହିପରି ବିଷମକଟକ ନୂତନ ବସ୍ ଷ୍ଟାଣ୍ଡ ସ୍ଥିତ ବାବା ସାହେବ ଡାକ୍ତର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ସୌନ୍ଦର୍ଯ୍ୟକରଣ ଏବଂ ଆସପାସର ପରିବେଶ ଉନ୍ନତି ପାଇଁ ଯଥୋଚିତ ପଦକ୍ଷେପ ଗ୍ରହଣ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଡମ ସମାଜର ସାଧାରଣ ସମ୍ପାଦକ ହାଡ଼ିବନ୍ଧୁ କରକରିଆ କହିଥିଲେ ଯେ ବିଷମକଟକକୁ ବିଧିବଦ୍ଧ ଭାବେ ବିଜ୍ଞାପିତ ଅଞ୍ଚଳ ଘୋଷଣା କରାଯାଇଥିବାରୁ ଆଗାମୀ ଦିନରେ ଏଠାରେ ଦ୍ରୁତ ଉନ୍ନତି ହେବାର ଆଶା ରହିଛି।

ହାପି ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ ଓ ବୃକ୍ଷରୋପଣ

କଣାସ,୩।୧ (ସଂଚାର ବ୍ୟୁରୋ): ହାପି ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବିସ୍ମୟ ସାମନ୍ତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ବେଲପଡ଼ା ଗ୍ରାମରେ ଡଃ ହେମନ୍ତ କୁମାର ଛୋଟରାୟଙ୍କର ସଭାପତିତ୍ୱରେ ଏକ ସର୍ଦ୍ଧଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେତେକ ବୃଦ୍ଧ ବୃଦ୍ଧା ଓ ଭିନ୍ନକ୍ଷମମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିବା ବେଳେ ବିଭିନ୍ନ କିସମର ଚାରା କେତୋଟି ରୋପଣ କରାଯାଇଥିଲା। ବିଶିଷ୍ଟ ସାରସ୍ୱତ ଷଷ୍ଠୀ ତଥା ଐତିହାସିକ ବୈକୁଣ୍ଠନାଥ ନରେନ୍ଦ୍ରଙ୍କୁ ତାଙ୍କର ସାରସ୍ୱତ ସୃଷ୍ଟି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ରାଜକିଶୋର ରଣସିଂହ, କଣାସ ବ୍ଲକ ପୂର୍ବତନ ଅଧକ୍ଷ ସୁସିଲ୍‌କାନ୍ତ ରାଉତ, ପ୍ରାକ୍ତନ ସହଶିକ୍ଷାଧିକାରୀ ସର୍ବେଶ୍ୱର ଜେନା, ସରପଞ୍ଚ ପ୍ରତିନିଧି ଗୁଣନିଧି ପାତ୍ର, ଶିକ୍ଷକ ନେତା ଭାଗିରଥି ମହାପାତ୍ର, ବିଶିଷ୍ଟ ସାହିତକ କୃପାସିନ୍ଧୁ ବିଶ୍ୱାଳ, ଶିକ୍ଷାବିତ୍ ଜିତେନ୍ଦ୍ର କୁମାର ପେଣ୍ଡୋ, ସମାଜସେବୀ ଶ୍ରୀକାନ୍ତ ପଟ୍ଟଯୋଷୀ ଏବଂ ଅନେକ ବୁଦ୍ଧିଜିବୀ ଯୋଗଦେଇ ବିସ୍ମୟ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ।

ଅଚାନକ୍ ମଣ୍ଡି ପରିଦର୍ଶନ କଲେ ଉପଜିଲ୍ଲାପାଳ

ନୋଡାଲ ଅଫିସର- କ୍ୱାଲିଟି ଆନାଲିସିସଙ୍କୁ କାରଣ ଦର୍ଶାଅ ନୋଟିସ୍

ଭଞ୍ଜନଗର,୩।୧(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ମଣ୍ଡି ଗୁଡ଼ିକରେ ଧାନ କିଣା ଚାଲିଛି । କିନ୍ତୁ ମଣ୍ଡି ଗୁଡ଼ିକରେ ନାନା ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହେଉଛି। ଏନେଇ ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରାଙ୍କ ପାଖରେ ମଧ୍ୟ ଏକାଧିକ ଅଭିଯୋଗ ପହଞ୍ଚିଥିଲା। ଫଳରେ ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା ଶନିବାର ଅଚାନକ ଭଞ୍ଜନଗର ଓ ବେଲଗୁଣ୍ଡା ବ୍ଲକର ୫ ଟି ମଣ୍ଡିରେ ପହଞ୍ଚି ଭିତ୍ତିଭୂମି ସମେତ କାଗଜପତ୍ର ଯାଞ୍ଚ କରିଥିଲେ ।

ଏହି ସମୟରେ ମଣ୍ଡି ଗୁଡ଼ିକରେ ନାନା ଅବ୍ୟବସ୍ଥା ଦେଖି ଉପ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ମଣ୍ଡି ପରିଦର୍ଶନ ସମୟରେ ୩ ଜଣ ନୋଡାଲ ଅଫିସର ଓ ୪ ଜଣ କ୍ୱାଲିଟି ଆନାଲିସିସ୍ ଅନୁପସ୍ଥିତ ଥିବା ଜାଣିବାକୁ



ପାଇଥିଲେ। ଉକ୍ତ କର୍ମଚାରୀମାନଙ୍କୁ ତୁରନ୍ତ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ ଉପ ଜିଲ୍ଲାପାଳ। ଉତ୍ତର ସନ୍ତୋଷ ଜନକ ନହେଲେ ସେମାନଙ୍କ ବିରୁଦ୍ଧରେ ଆଗାମୀ ଦିନରେ କାର୍ଯ୍ୟନୁଷ୍ଠାନ ନିଆଯିବା ସମ୍ଭାବନା ରହିଛି।

ଭଞ୍ଜନଗର ଉପଖଣ୍ଡର ଆହୁରି ଅନେକ ମଣ୍ଡିରେ ଏହିଭଳି ଅବ୍ୟବସ୍ଥା ଲାଗି ରହିଛି। ବାରମ୍ବାର ଏହିଭଳି ଚଢ଼ାଉର ଆବଶ୍ୟକତା ରହିଛି। ତାହେଲେ ଯାଇ ମଣ୍ଡି ଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରି ହେବାସହ ଚାଷୀମାନେ ତାହାର ସୁଫଳ ପାଇପାରିବେ ଏବଂ ସରକାରଙ୍କ ଲକ୍ଷ୍ୟ ସାଧନ ହୋଇପାରିବ।

ଉପ ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଭଞ୍ଜନଗର ତହସିଲଦାର ଅଭିପସା ପଟ୍ଟନାୟକ, ବେଲଗୁଣ୍ଡା ତହସିଲଦାର, ଏଆରସିଏସ୍ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱାଧିନତାସଂଗ୍ରାମୀ ସହିଦ ଧରମସିଂମାଝୀ ମାନଧାତାଙ୍କ ମହଲ ପୁନଃ ଉଦ୍ଧାର କାମ ତଦାରଖ କଲେ ଜିଲ୍ଲାପାଳ



ବଲାଙ୍ଗିର,୩।୧(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲାର ପ୍ରଥମ ସ୍ୱାଧିନତାସଂଗ୍ରାମୀ ସହିଦ ଧରମସିଂମାଝୀ ମାନଧାତାଙ୍କ ଜନ୍ମମାଟି ଆଠଗାଁକୁ ବରପୁତ୍ର ଐତିହ୍ୟଗ୍ରାମ ଘୋଷଣା କରା ଯାଇଛି। ରାଜ୍ୟର ୨୫ଜଣ ବରପୁତ୍ରଙ୍କ ତାଲିକାରେ ଆଠଗାଁ ର ଧରମସିଂମାଝୀ ମାନଧାତାଙ୍କ ନାମ ରହିଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଏହି ଘୋଷଣା ପରେ ବଲାଙ୍ଗୀରବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ଗ୍ରାମର ବିକାଶ ପାଇଁ ରାଜ୍ୟସରକାର ଆଉ ୧୫କୋଟି ଟଙ୍କା ଖର୍ଚ୍ଚ କରିବେ। ଇତିହାସ କହେ ଆଠଗାଁର ଜମିଦାର ଧରସିଂମାଝି ମାନଧାତା ୧୮୫୩ ମସିହାରେ ଚକୋରା ବିଶୋଇ, ରେଣ୍ଡୋ ମାଝୀଙ୍କ ସହିତ ମିଶି କନ୍ଧମେଳି କରି ବ୍ରିଟିସ ସାମ୍ରାଜ୍ୟ ବିରୁଦ୍ଧରେ ସଂଗ୍ରାମ କରିଥିଲେ। ସେ ଚକୋରା ବିଶୋଇ ଓ ରେଣ୍ଡୋ ମାଝୀଙ୍କ ସହ ତାଙ୍କର ସହଯୋଗୀମାନଙ୍କୁ ଆଶ୍ରୟ ମଧ୍ୟ ଦେଇଥିଲେ। ବ୍ରିଟିସ ସାମ୍ରାଜ୍ୟ ବିରୁଦ୍ଧରେ ଲଢେଇ କରି ଶେଷରେ ଗିରଫ ହୋଇ ନାଗପୁର ଜେଲରେ ମୃତ୍ୟୁବରଣ କରିଥିଲେ। ତାଙ୍କୁ ବଲାଙ୍ଗୀରର ପ୍ରଥମ ସହିଦ ବୋଲି କୁହାଯାଏ। ପୂର୍ବ ନବୀନ ସରକାର ସମୟରେ ଆଠଗାଁ ସ୍ଥିତ ଧରମସିଂମାଝୀଙ୍କ ମହଲ ୪କୋଟି୮୯ ଲକ୍ଷ ଟଙ୍କାରେ ଏହାର ପୁନଃରୁଦ୍ଧାର କାମ ଆଗେଇ ଚାଲିଛି। ମୁଖ୍ୟମହଲ, ପୁଡାପାଠ ମନ୍ଦିର, ମହଲ ଚାରପଟେ ବାଡ, ଏଠାରେ ଥିବା ପୁସ୍କରିଣୀର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ତଥା ରାସ୍ତାକାମ କରାଯାଉଛି।

ନୂଆବର୍ଷରେ ବଦଳିଲେ ନୟାଗଡ଼ ଜିଲ୍ଲାପାଳ



ନୟାଗଡ଼,୩।୧(ସଂଚାର ବ୍ୟୁରୋ): ନୂଆ ବର୍ଷରେ ବଡ଼ ଖବର। ବଦଳିଲେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ। ବର୍ଷ ଆରମ୍ଭରୁ ରାଜ୍ୟ ସରକାର ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଦାୟୀତ୍ୱ ଗ୍ରହଣ କରିବା ପରେ ଆଜି ଆଇଏଏସ ସ୍ତରରେ ଅଦଳବଦଳ କରିଛନ୍ତି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଗଜପତି ଜିଲ୍ଲାର ଜିଲ୍ଲାପାଳ ଭାବେ ବଦଳି କରାଯାଇଥିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ୨୦୧୫ ବ୍ୟାଚର ଆଇଏଏସ ମଧୁମିତା ରଥଙ୍କୁ ନୟାଗଡ଼ ଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ଏହି କ୍ରମରେ ଦେଓରଂଜନ ସିଂଙ୍କୁ ଉନ୍ନୟନ କମିସନର ଭାବେ ନିଯୁକ୍ତି ମିଳିଛି। ସତ୍ୟବ୍ରତ ସାହୁଙ୍କୁ ମେମ୍ବର, ବୋର୍ଡ ଅଫ୍ ରେଭିନ୍ୟୁ। ଜଙ୍ଗଲ ଓ ପରିବେଶ ବିଭାଗର ସଚିବ ଭାବେ ଦାୟିତ୍ୱ ନେଲେ ଭାସ୍ୱର ଜ୍ୟୋତି ଶର୍ମା। ହେମନ୍ତ ଶର୍ମାଙ୍କୁ ଗୃହ ସଚିବ ଦାୟିତ୍ୱ। ଜଳ ସମ୍ପଦ ବିଭାଗର ସଚିବ ଭାବେ ଶୁଭା ଶର୍ମାଙ୍କୁ ଦାୟିତ୍ୱ। ଓସଡମାର ପରିଚାଳନା ନିର୍ଦ୍ଦେଶକ ହେଲେ ରାଜେଶ ପ୍ରଭାକର ପାଟିଲ।

ନୂତନ ବର୍ଷ ଠାରୁ ଉଦ୍ୟାନ ବିଭାଗରେ ଝୁଲୁଛି ତାଲା



ପରଜଙ୍ଗ,୩।୧(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁଖ୍ୟାଳୟ ଠାରୁ ୨ କିମି ଦୂର ୫୩ ନଂ ଜାତୀୟ ରାଜପଥ ପାର୍ଶ୍ୱ ହାତିଲୁଚାଣି ଛକ ନିକଟରେ ଦୀର୍ଘବର୍ଷ ହେବ ଏକ ନୂତନ କୋଠା ନିର୍ମାଣ କରାଯାଇ ସେଠାରେ ସରକାରଙ୍କ ତରଫରୁ ଏକ ଉଦ୍ୟାନ ବିଭାଗ ଖୋଲାଯାଇଛି। ତେବେ ଏହି କାର୍ଯ୍ୟାଳୟରେ କୌଣସି ମୌଳିକ ସୁବିଧା ଚାଷୀମାନଙ୍କୁ ମିଳୁନାହିଁ। ଚାଷୀମାନେ ଯେତେବେଳେ ଉକ୍ତ କାର୍ଯ୍ୟାଳୟକୁ ଆସିଲେ ନାଁ ଅଛନ୍ତି କର୍ମଚାରୀ ନାଁ ରହୁ